**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**



୨୧।୩।୨୦୨୪

| | |
|---|---|
| ୨,୭୬,୩୫୧ ଟଙ୍କା | |
| ସୁନା | ୨.୦୦ ମିଲିଗ୍ରାମ |
| ରୁପା | ୨୮.୭୦୦ ଗ୍ରାମ |

## ସଂକ୍ଷେପରେ

### ବ୍ରାଉନ ସୁଗାର ଜବତ, ଜଣେ ଗିରଫ

ପୁରୀ,୨୧।୩(ଅଜିତ୍ ମହାନ୍ତି)

ବ୍ରାଉନ ସୁଗାର ବିକ୍ରି ଅଭିଯୋଗରେ କୁମ୍ଭାରପଡ଼ା ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଉଛନ୍ତି ଉପର ମାଳିସାହି ମେଡିକାଲ ଛକରେ ରହୁଥିବା ସମୀର ରଞ୍ଜନ ରାଓ(୪୪)। ପୋଲିସ ଅଭିଯୁକ୍ତଙ୍କ ନିକଟରୁ ୫.୯୩ ଗ୍ରାମ ଓଜନର ବ୍ରାଉନ ସୁଗାର ଜବତ କରିଛି। ଏନେଇ ପୋଲିସ ନଂ.୯୫/୨୪ ରେ ଏକ ମାମଲା ରୁଜୁ କରିଛି। ଅଭିଯୁକ୍ତ ଜଣଙ୍କ ଉପର ମାଳିସାହି ମହାବୀର ମନ୍ଦିର ନିକଟରେ ବ୍ରାଉନ ସୁଗାର ବିକ୍ରି କରୁଥିବା ପୋଲିସ ସୂଚନା ପାଇ ଉକ୍ତ ସ୍ଥାନରେ ଚଢ଼ାଉ କରିଥିଲା।

### ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲଦଣ୍ଡ

କଟକ,୨୧।୩ (କାର୍ତ୍ତିକ ସାହୁ)

ନାବାଳିକା ବଳାତ୍କାର ମାମଲାରେ ସ୍ୱତନ୍ତ୍ର ଫାଷ୍ଟଟ୍ରାକ୍ ତଥା ପୋକ୍‌ସୋ ଅଦାଲତ ଜଣେ ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲଦଣ୍ଡ ସହ ୫ ହଜାର ଟଙ୍କା ଜରିମାନା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବାକୁ ପଡିବ ବୋଲି ରାୟରେ ସ୍ପଷ୍ଟ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ଜଗତପୁର ଡିଗିସାହିର ସୋମୁ ଓରଫ ସୌମ୍ୟରଞ୍ଜନ ମହାନ୍ତି। ଅପରପକ୍ଷରେ ପୀଡ଼ିତାଙ୍କୁ ୩ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ନିମନ୍ତେ ଜିଲା ଆଇନସେବା ପ୍ରାଧିକରଣକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଅନୁସାରେ, ୨୦୧୫ ମସିହାରେ ଜଗତ୍‌ପୁର ଥାନା ଅଞ୍ଚଳର ୧୫ ବର୍ଷୀୟା ନାବାଳିକାଙ୍କୁ ଅପହରଣ କରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଏ ନେଇ ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ କରିଥିଲା। ଅପହରଣର ଦେଢ଼ ମାସ ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଅଭିଯୁକ୍ତ ଜଣକ ନାବାଳିକାଙ୍କୁ ଏକ ଘରେ ଦେଢ଼ମାସ ରଖିବା ସହ ବଳାତ୍କାର କରିଥିବା ତଦନ୍ତରୁ ଜଣାପଡ଼ିଥିଲା। ପୋଲିସ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିବା ପରେ ଚାର୍ଜସିଟ୍ ଦାଖଲ କରିଥିଲା। ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତରେ ମାମଲାର ବିଚାର ହୋଇଥିଲା। ୨୦ଜଣ ସାକ୍ଷୀ ଓ ୧୪ଟି ପ୍ରମାଣକୁ ଆଧାରକରି ଅଦାଲତ ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ବିଶ୍ୱଜିତ୍ ରାୟ ମାମଲା ପରିଚାଳନା କରୁଥିଲେ।

# ମଞ୍ଚସ୍ଥ ହେଲା ନାଟକ 'ଶବ ବାହକମାନେ'

**୧୪ତମ ଜାତୀୟ ନାଟ୍ୟ ମହୋତ୍ସବ ଉଦ୍‌ଘାଟିତ**

ପୁରୀ,୨୧।୩( ଅଜିତ୍ ମହାନ୍ତି)



ରଙ୍ଗଶାଳା ପକ୍ଷରୁ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ମଞ୍ଚସ୍ଥ ନାଟକ 'ଶବ ବାହକମାନେ' ର ଏକ ଦୃଶ୍ୟ ।

ନାଟ୍ୟ ଅନୁଷ୍ଠାନ ରଙ୍ଗଶାଳା ପକ୍ଷରୁ ୧୪ତମ ଜାତୀୟ ନାଟ୍ୟ ମହୋତ୍ସବ–୨୦୨୪ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ପରିସରରେ ଗୁରୁବାର ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ ଯୋଗଦେଇଥିଲେ। ସେହିପରି ସମ୍ମାନିତ ଅତିଥିଭାବେ ବରିଷ୍ଠ କଳାକାର ପ୍ରସନ୍ନ ମିଶ୍ର, ପୂର୍ବତନ ବ୍ଲକ ଉନ୍ନୟନ ଅଧିକାରୀ ଦେବଦତ୍ତ ଷଡଙ୍ଗୀ,ବରିଷ୍ଠ ଚଳଚ୍ଚିତ୍ର ଅଭିନେତା କେଦାର ମିଶ୍ର, ହାପିନେସ ଫାଉଣ୍ଡେଶନର ସଭାପତି ପ୍ରଦୀପ୍ତ କୁମାର ପ୍ରଧାନ, ନୀଳାଚଳ କ୍ରୀଡ଼ା ସଂଗଠନର ସମ୍ପାଦକ ସନ୍ତୋଷ କୁମାର ଛୁଆଳସିଂ, ଅନୁଷ୍ଠାନର ସଭାପତି ଗିରିଶ ଚନ୍ଦ୍ର ନାୟକ, କାର୍ଯ୍ୟକାରୀ ସଭାପତି ବଳରାଜ୍ ତ୍ରିପାଠୀ ଏବଂ ଅନୁଷ୍ଠାନର ନିର୍ଦ୍ଦେଶକ ବିକ୍ରମ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ନାଟକ ହେଉଛି ଏମିତି ଏକ ମାଧ୍ୟମ ଯେଉଁଥିରେ ପ୍ରକୃତ କଳାକାର ଚୟନ କରାଯାଇଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ରଙ୍ଗଶାଳା ସମ୍ମାନରେ ବରିଷ୍ଠ କଳାକାର ଅଜୟ କୁମାର ରଥ, ବିଜୟ କୁମାର ଆପଟ ଏବଂ ବିଦ୍ୟାଧର ମହାରଣାଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ମଧୁସ୍ମିତା ସାହୁ ମଞ୍ଚ ପରିଚାଳନା କରିଥିଲେ। ଏହାପରେ ରଙ୍ଗଶାଳା ପକ୍ଷରୁ ନାଟକ 'ଶବ ବାହକମାନେ' ମଞ୍ଚସ୍ଥ କରାଯାଇଥିଲା । ଯେଉଁଥିରେ ଆଜିକାଲି ଏ ଧରାପୃଷ୍ଠରେ ଆଉ ମଣିଷ ନାହାନ୍ତି କେବଳ ଶବ ଅଛନ୍ତି। ମଣିଷତ୍ୱ ନାହିଁ .. ଛଅ ବାଇ ତିନି, ମାଟି ତଳେ ପୋତା ହୋଇଯାଇଛି। ସମସ୍ତେ ଶବ ପାଲଟି ଯାଇଛନ୍ତି । କେହି ବାହକ ହେବା ପାଇଁ ଚେଷ୍ଟିତ ନୁହନ୍ତି। କହିବାକୁ ଗଲେ, ସମୟ ଏତେ ପରିମାଣରେ ବଦଳିଯାଇଛି ଯେ, ବର୍ତ୍ତମାନ ସାମାଜିକ ପ୍ରଥା କୁପ୍ରଥାରେ ପରିଣତ ହୋଇଯାଇଛି ଏବଂ କୁପ୍ରଥା– ପ୍ରଥା ହୋଇଯାଇଛି। ପାରମ୍ପରିକତାରୁ ମୁକ୍ତି ପାଇଁ ଠିକ୍ ଯେମିତି ପ୍ରଗତିଶୀଳ ସ୍ରଷ୍ଟା କରେ ଠିକ୍ ସେମିତି ପରିବେଶର ସମ୍ମୁଖୀନ ହୋଇଛନ୍ତି। ଶବବାହକମାନେର ଚରିତ୍ର ସବୁ ହଠାତ୍ ଏକ ନିର୍ଜନ ସ୍ଥାନରେ ଥିବାବେଳେ ଭୀଷଣ ବର୍ଷା, ଝଡ଼, ଘଡ଼ଘଡ଼ି ଆରମ୍ଭ ହୋଇଯାଏ। ବର୍ଷଣମୁଖରୁ ସନ୍ଧ୍ୟା କ୍ରମଶଃ ତମସୀ ରାତିରେ ରୂପାୟିତ ହୋଇଛି। ଜଣେ ଜଣେ କରି ବାଟଭୁଲାମାନେ ଏକାଠି ହୁଅନ୍ତି ଏକ ଅନ୍ଧାର, ଅନ୍ଧଜୀର୍ଣ୍ଣ ଗୃହରେ। ସେ ଗୃହରେ ପ୍ରେମୀ ଯୁଗଳ ନବେନ୍ଦୁ ଆଉ ଅଜନ୍ତା ପହଞ୍ଚିଲା ବେଳକୁ ବିରୁପାକ୍ଷ ଉପସ୍ଥିତ ଥାନ୍ତି। ଅନ୍ଧାର ଓ ଅସହାୟ ଅବସ୍ଥା, ସେମାନଙ୍କୁ ବନ୍ଧୁତା ସୂତ୍ରରେ ବାନ୍ଧି ରଖନ୍ତି। ନିଜକୁ ବର୍ଷା, ବିଜୁଳିରୁ ବଞ୍ଚେଇବା ପାଇଁ ବନ୍ଧୁ କରୁଣାକର, ସୁରେନ୍ଦ୍ର ଓ ଚିରପ୍ରିୟ ମଧ୍ୟ ସେଠାରେ ପହଞ୍ଚନ୍ତି। ହଠାତ୍ ଲାଗୁଥିଲା ମଣିଷ ଯେମିତି ଆଦିମ କାଳରେ ପହଞ୍ଚିଯାଇଛି। ଅର୍ଦ୍ଧଜୀର୍ଣ୍ଣ ଘର ଭିତରେ ଅନ୍ଧାରକୁ ଦୂରକରିବାର ବ୍ୟାକୁଳତା ସମସ୍ତଙ୍କୁ ଚିନ୍ତାଗ୍ରସ୍ତ କରିଥାଏ। ଜଣଙ୍କ ପାଖରେ ଗୋଟେ ଦିଆସିଲି ଭିତରେ ତିନୋଟି କାଠିଥାଏ, ସେଥିରୁ ଦୁଇଟି କାଠି ଜଳାଇ ଦୁଇଟି ମହମବତି ପାଆନ୍ତି ଏବଂ ଶେଷ ଦିଆସିଲି କାଠିରେ ମହମବତି ଜଳାଇ ଘରକୁ ଆଲୋକିତ କରାନ୍ତି। ସେହି ମହମବତି ଜରିଆରେ ସେମାନେ ସଭ୍ୟତାକୁ ଓ ଚିହ୍ନା ପରିଚୟ ହୁଅନ୍ତି। ତାପରେ ଚାଲେ ଅନ୍ୱେଷଣ। ମନୁଷ୍ୟ ସଭ୍ୟତାକୁ ଫେରିଲା ପରେ ଜାଣେ ଭୋକ। ଏଭଳି କିଛି ବିଷୟବସ୍ତୁକୁ ନେଇ ଶବ ବାହକମାନେ ମଞ୍ଚସ୍ଥ କରାଯାଇଥିଲା।

# ପୁରୀ ଜିଲାର ୬ ବିଧାନସଭା ନିର୍ବାଚନମଣ୍ଡଳୀରୁ ଗୋଟିଏ ସଂରକ୍ଷିତ

ପୁରୀ,୨୧।୩(ଅଜିତ୍ ମହାନ୍ତି)

ପୁରୀ ଜିଲା ଦୁଇଟି ଲୋକ ସଭା ନିର୍ବାଚନ ମଣ୍ଡଳୀର ୬ଟି ବିଧାନସଭା ଆସନକୁ ନେଇ ଗଠିତ। ଜଗତ୍‌ସିଂହପୁର ଲୋକ ସଭା ନିର୍ବାଚନ ମଣ୍ଡଳୀ ଅନସୂଚିତ ଜାତି ପାଇଁ ସଂରକ୍ଷିତ ଥିବାବେଳେ ଏହା ଅଧୀନରେ କାକଟପୁର ବିଧାନସଭା ନିର୍ବାଚନମଣ୍ଡଳୀ ଓ ନିମାପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଭୁକ୍ତ। କାକଟପୁର ବିଧାନସଭା ଆସନ ଅନସୂଚିତ ଜାତି ପାଇଁ ସଂରକ୍ଷିତ ରହିଛି। ସେହିପରି ପୁରୀ ଲୋକ ସଭା ନିର୍ବାଚନମଣ୍ଡଳୀରେ ପୁରୀ, ବ୍ରହ୍ମଗିରି, ସତ୍ୟବାଦୀ ଓ ପିପିଲି ବିଧାନସଭା ନିର୍ବାଚନମଣ୍ଡଳୀ ରହିଛି। ଲୋକ ସଭା ନିର୍ବାଚନମଣ୍ଡଳୀର ରିଟର୍ନିଂ ଅଧିକାରୀ ଜିଲାପାଳ ରହିଥିବାବେଳେ ତାଙ୍କୁ ସହଯୋଗ ପାଇଁ ୭ଜଣ ଆସିଷ୍ଟାଣ୍ଟ ରିଟର୍ନିଂ ଅଫିସର(ଏଆରଓ) ରହିଛନ୍ତି। ସେହିପରି ୬ବିଧାନସଭା ଆସନ ପାଇଁ ୬ଜଣ ରିଟର୍ଣ୍ଣିଂ ଅଧିକାରୀ ଥିବା ବେଳେ ତାଙ୍କୁ ସହଯୋଗ ପାଇଁ ୧୨ଜଣ ଏଆରଓ ନିୟୋଜିତ ରହିଛନ୍ତି। କାକଟପୁର ବିଧାନସଭା ନିର୍ବାଚନ ପାଇଁ ଅତିରିକ୍ତ ଜିଲାପାଳ(ରାଜସ୍ୱ), ନିମାପଡ଼ା ପାଇଁ ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ), ପୁରୀ ପାଇଁ ଉପଜିଲାପାଳ, ବ୍ରହ୍ମଗିରି ବିଧାନସଭା ପାଇଁ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ସତ୍ୟବାଦୀ ବିଧାନସଭା ପାଇଁ ଅତିରିକ୍ତ ଜିଲାପାଳ (ପ୍ରଶାସନ) ଓ ପିପିଲି ବିଧାନସଭା ନିର୍ବାଚନ ପାଇଁ ଅତିରିକ୍ତ ଉପଜିଲାପାଳ ରିଟର୍ନିଂ ଅଧିକାରୀ ରହିଛନ୍ତି ବୋଲି ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରିଛନ୍ତି।

# ପିପିଲି, ଡେଲାଙ୍ଗ ବ୍ଲକ ପରିଦର୍ଶନ କଲେ ଜିଲାପାଳ



ଜିଲାପାଳ ପିପିଲି ଓ ଡେଲାଙ୍ଗ ବ୍ଲକ ପରିଦର୍ଶନ କରୁଛନ୍ତି ।

ପୁରୀ/ପିପିଲି,୨୧।୩
(ଅଜିତ୍ ମହାନ୍ତି/ଦୁର୍ଗାମାଧବ ମିଶ୍ର)

ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଏବଂ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟ ରଞ୍ଜନ ପୃଷ୍ଟି ଗୁରୁବାର ପିପିଲି ବ୍ଲକ ପରିଦର୍ଶନ କରିବା ସହ ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ଅନୁଧ୍ୟାନ କରିଛନ୍ତି। ବ୍ଲକ ପରିସରରେ ଗ୍ରାମୀଣ ମହିଳା ଏବଂ ଯୁବକମାନଙ୍କ ପାଇଁ କାର୍ଯ୍ୟକାରୀ ହେଉଥିବା ସଶକ୍ତୀକରଣ କେନ୍ଦ୍ର ପରିଦର୍ଶନ କରିଥିଲେ। ପରେ ହାଟସାହି ଗ୍ରାମୀଣ ପାର୍କ, ମଡେଲ ପୋଖରୀ, ପଞ୍ଚାୟତ ଲାଇବ୍ରେରି ପରିଦର୍ଶନ କରିଥିଲେ। ବିଭିନ୍ନ ପଦକ୍ଷେପ ମାଧ୍ୟମରେ ପ୍ରକଳ୍ପଗୁଡ଼ିକୁ କିପରି ଅଧିକ ଆକର୍ଷଣୀୟ କରାଯାଇପାରିବ, ସେ ବିଷୟରେ ଜିଲାପାଳ ସ୍ୱାଇଁ ପରାମର୍ଶ ଦେବା ସହ ଏହାକୁ କାର୍ଯ୍ୟକାରୀ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଜିଲାପାଳ ଡେଲାଙ୍ଗ ବ୍ଲକର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି ଉନ୍ନୟନ କାର୍ଯ୍ୟ ଅନୁଧ୍ୟାନ କରିଥିଲେ। ଜିଲାପାଳଙ୍କ ଗସ୍ତ ସମୟରେ ପିପିଲି ବିଡିଓ ସରୋଜ କୁମାର ରାଉତ, ଅନ୍ୟାନ୍ୟ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ।

# ବିଶ୍ୱ କବିତା ଦିବସ ପାଳିତ



ପ୍ରିୟପତ୍ର ପକ୍ଷରୁ ଗୁରୁବାର ବିଶ୍ୱ କବିତା ଦିବସରେ ମଞ୍ଚାସୀନ ଅତିଥି ।

ପୁରୀ,୨୧।୩(ଅଜିତ୍ ମହାନ୍ତି)

ସ୍ଥାନୀୟ ଓଡ଼ିଶା ସଙ୍ଗୀତ ପରିଷଦ ସଭାଗୃହରେ ପ୍ରିୟପତ୍ର ପକ୍ଷରୁ ବିଶ୍ୱ କବିତା ଦିବସ ଗୁରୁବାର ପାଳିତ ହୋଇଛି। ଅବସରପ୍ରାପ୍ତ ଶିକ୍ଷା ମଣ୍ଡଳାଧୀଶ ବିଜୟଲକ୍ଷ୍ମୀ ଦାଶ ମିଶ୍ରଙ୍କ ସଭାପତିତ୍ୱରେ ବିଶ୍ୱ କବିତା ଦିବସ ପାଳିତ ହୋଇଛି। ଏହି ଆସରରେ ଓଡ଼ିଆ ଭାଷା ପ୍ରତିଷ୍ଠାନର ପୂର୍ବତନ ନିର୍ଦ୍ଦେଶକ ଡକ୍ଟର କୈଳାସ ଚନ୍ଦ୍ର ଟିକାୟତରାୟ ମୁଖ୍ୟଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କବିତା ଦିବସ ସମ୍ପର୍କରେ ମତ ଉପସ୍ଥାପନ କରିଥିଲେ। ପରେପରେ ଆରତି ଜେ ଦାସଙ୍କ ସଂଯୋଜନାରେ ଯୋଗେଶ୍ୱର ପ୍ରହରାଜ, ଅନନ୍ତ ପ୍ରଧାନ, ସନ୍ନ୍ୟାସୀ ନାୟକ, ଚନ୍ଦ୍ରଶେଖର ମହାରଣା, ନାରାୟଣ ନନ୍ଦ, ପୂଜା ପ୍ରଧାନ, ଭାରତୀଭୂଷଣ ଦାସ, ହେମନ୍ତ କୁମାର ଛୋଟରାୟ, ସୁରେଶ କୁମାର ପଟ୍ଟନାୟକ, ଜାନକୀବଲ୍ଲଭ ଦାଶ, ନଳିନୀକାନ୍ତ ନାୟକ, ସଦାଶିବ ମିଶ୍ର, ସୁବାସ ଚନ୍ଦ୍ର ମିଶ୍ର, ରାଧାକୃଷ୍ଣ ପ୍ରଧାନୀ ସ୍ୱରଚିତ କବିତା ପାଠ କରିଥିଲେ। ପ୍ରାରମ୍ଭରେ ପ୍ରିୟପତ୍ରର ସଂପାଦକ ବିପିନ ବିହାରୀ ଦଳାଇ ବିଶ୍ୱ କବିତା ଦିବସର ବିଶେଷତ୍ୱ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ ।

# ବ୍ଲକ କାର୍ଯ୍ୟାଳୟକୁ ଫେରିଲା ୩.୨୨ ଲକ୍ଷ ଟଙ୍କା

**ରାଜ୍ୟ ସରକାରଙ୍କ ଜୀବିକା ସହାୟତା ରାଶି**

କଟକ ସଦର, ୨୧।୩(ସୁଶାନ୍ତ କୁମାର ଜେନା)

ରାଜ୍ୟ ସରକାର ରାଶନ କାର୍ଡଧାରୀଙ୍କ ପାଇଁ ୧ ହଜାର ଟଙ୍କା ଲେଖାଏଁ ଜୀବିକା ସହାୟତା ରାଶି ଘୋଷଣା କରିଥିଲେ। ମାତ୍ର ହିତାଧିକାରୀ ନ ମିଳିବାରୁ କଟକ ସଦର ବ୍ଲକ ଅନ୍ତର୍ଗତ ୨୩ଟି ପଞ୍ଚାୟତରେ ବଣ୍ଟନ ହୋଇ ପାରି ନ ଥିବା ୩୨୨ ଜଣଙ୍କର ୩ ଲକ୍ଷ ୨୨ ହଜାର ଟଙ୍କା ବ୍ଲକ କାର୍ଯ୍ୟାଳୟକୁ ଫେରିଆସିଛି। ଏତେ ସଂଖ୍ୟକ ହିତାଧିକାରୀ କୁଆଡ଼େ ଗଲେ ତାହାର ତଦନ୍ତ ଆରମ୍ଭ ହୋଇଛି। କାରଣ ଫେବୃଆରୀରେ ଏହି ହିତାଧିକାରୀମାନେ ୪ ମାସର ଚାଉଳ ଉଠାଇଥିଲେ। ୧ ମାସ ପରେ ଏମାନେ ଅନ୍ତର୍ଦ୍ଧାନ ହୋଇଯିବା ସାଧାରଣରେ ଆଲୋଚନାର ବିଷୟ ହୋଇଛି। ଏହି ଅର୍ଥ ଉଠାଣ ପାଇଁ ବାୟୋମେଟ୍ରିକ ଛାପ ଦେବା ବାଧ୍ୟତାମୂଳକ କରାଯାଇଥିଲା। ଏନେଇ ବ୍ଲକ୍ ଯୋଗାଣ ନିରୀକ୍ଷକ ନୀହାର ରଞ୍ଜନ ସ୍ୱାଇଁଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ଆମ୍ବିଳି ଗାଁ କ୍ରିକେଟ କ୍ଲବ ସେମିରେ

ଅସ୍ତରଙ୍ଗ,୨୧।୩(ମମତା ଜେନା):



କାକଟପୁର ବ୍ଲକ ଶୁକପୋଖରୀ ସତ୍ୟନାରାୟଣ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୨୫ତମ କ୍ରିକେଟ୍ ଟୁର୍ନାମେଣ୍ଟର ୪ର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମ୍ୟାଚ୍‌ରେ ସିଲାରୀ ଅସ୍ତରଙ୍ଗ କ୍ରିକେଟ କ୍ଲବକୁ ହରାଇ କୋଣାର୍କ ଆମ୍ବିଳି ଗାଁ କ୍ରିକେଟ କ୍ଲବ ସେମିରେ ପ୍ରବେଶ କରିଛି। ଟସ୍ ଜିତି ସିଲାରୀ କ୍ରିକେଟ କ୍ଲବ ବ୍ୟାଟିଂ କରି ୧୫ ଓଭରରେ ସମସ୍ତ ଉଇକେଟ ହରାଇ ୧୪୫ ରନ୍ ସଂଗ୍ରହ କରିଥିଲା। ଜବାବରେ ଆମ୍ବିଳି ଗାଁ କ୍ରିକେଟ କ୍ଲବ ୧୦ ଓଭରରେ ୩ ଉଇକେଟ ହରାଇ ୧୪୬ ରନ୍ କରି ବିଜୟୀ ହୋଇଥିଲା। ଫିଲୁ ସର୍ବାଧିକ ୬୬ ରନ୍ ସଂଗ୍ରହ କରି ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇ ଅତିଥି ଅନିଲ ପରିଡ଼ାଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ଦୀପକ ନାୟକ ଓ ଅନିଲ ପରିଡ଼ା ଅମ୍ପାୟର ଭାବେ ଖେଳ ପରିଚାଳନା କରିଥିଲେ। ପିଣ୍ଟୁ, ଲିପା ଧାରା ବିବରଣୀ ଦେଇଥିଲେ। ପ୍ରଥମ ସେମିଫାଇନାଲ ମ୍ୟାଚ୍ ଆମ୍ବିଳି ଗାଁ କ୍ରିକେଟ କ୍ଲବ (କୋଣାର୍କ) ଓ କଣ୍ଟାପଡ଼ା (ବଲରା) କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକ କ୍ଲବ ଉପଦେଷ୍ଟା ବିଷ୍ଣୁଚରଣ ବେହେରା ପ୍ରକାଶ କରିଛନ୍ତି।

# ଜିଲା ଶିକ୍ଷାଧିକାରୀଙ୍କୁ ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ସଂଘର ଦାବିପତ୍ର

ପୁରୀ,୨୧।୩( ଅଜିତ୍ ମହାନ୍ତି)

ଜିଲା ଶିକ୍ଷାଧିକାରୀ ଭାବେ ନୂତନ ଭାବରେ ଯୋଗ ଦେଇଥିବା ଦୀପକ କୁମାର ପରହିଙ୍କୁ ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ସଂଘ ପକ୍ଷରୁ ସ୍ୱାଗତ କରାଯାଇଛି। ଏଥିସହ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଆସୋସିଏଶନର ସାଧାରଣ ସମ୍ପାଦକ ବିଶ୍ୱନାଥ ବେହେରାଙ୍କ ନେତୃତ୍ୱରେ ସଂଘର କର୍ମକର୍ତ୍ତାମାନେ ଜିଲା ଶିକ୍ଷାଧିକାରୀଙ୍କୁ ଭେଟି ପେନସନ୍ ଭୋଗୀ ଶିକ୍ଷକ କର୍ମଚାରୀମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ୭ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରି ସମସ୍ତ ସମସ୍ୟାର ସମାଧାନ ନିମନ୍ତେ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ଉକ୍ତ ଆଲୋଚନାଚକ୍ରରେ ଅନ୍ୟମାନଙ୍କ ମଧ୍ୟରେ ରମେଶ ଚନ୍ଦ୍ର ବଳିୟାରସିଂହ, ବ୍ରହ୍ମାନନ୍ଦ ଦାସ, ମନୋଜ କୁମାର ସାମନ୍ତରାୟ, ବାଇଧର ଜେନା, ଆଶାଲତା ପ୍ରଧାନ, ଦୁର୍ଗାବତୀ ପ୍ରଧାନ, କାମଦେବ ରାଉତରାୟ ଏବଂ ଦାସରଥୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଟ୍ରାଇସାଇକେଲ ପାଇଁ ଦିବ୍ୟାଙ୍ଗଙ୍କ ନିବେଦନ

ଯୋଗେଶ୍ୱରପୁର,୨୧।୩
(ରଶ୍ମିରଞ୍ଜନ ସାହୁ):



ଦେବରାଜ ସାହୁ

ନୟାହାଟ ଫାଣ୍ଡି ଅଧୀନ ଗୋପ ବ୍ଲକ ଜଙ୍ଗଲବୋରି ପଞ୍ଚାୟତ ମଧୁବନ ଗ୍ରାମର ଜଣେ ଦିବ୍ୟାଙ୍ଗ ମୋଟରଚାଳିତ ଟ୍ରାଇ ସାଇକେଲ ପାଇଁ ନୟାନ୍ତ ହେଉଛନ୍ତି। ସେ ଏଥିପାଇଁ ବ୍ଲକ ପ୍ରଶାସନ, ଜିଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କୁ ପତ୍ର ମାଧ୍ୟମରେ ଜଣାଇଥିଲେ। ଏହାପରେ ସେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀଙ୍କୁ ମଧ୍ୟ ଗତ ୧୫।୫।୨୦୨୩ରେ ପତ୍ର ମାଧ୍ୟମରେ ନିବେଦନ କରିଥିଲେ। ଏପର୍ଯ୍ୟନ୍ତ ମଧ୍ୟ ତାଙ୍କୁ ଟ୍ରାଇସାଇକେଲ ମିଳିପାରି ନାହିଁ। ଦିବ୍ୟାଙ୍ଗ ଜଣଙ୍କ ଏକ ପାନ ଦୋକାନ କରି ପରିବାର ଚଳାଉଥିବାବେଳେ ତାଙ୍କ ପାଇଁ କଷ୍ଟସାଧ ହୋଇପଡୁଛି।

ପ୍ରକାଶ ଯେ, ଦିବ୍ୟାଙ୍ଗ ଦେବରାଜ ସାହୁ ତାଙ୍କ ସ୍ତ୍ରୀ, ପୁଅ, ବୋହୂଙ୍କୁ ମିଶାଇ ପରିବାରରେ ମୋଟ ୭ ଜଣ ରୁହନ୍ତି। ସମସ୍ତଙ୍କୁ ନେଇ ଅଳ୍ପ ରୋଜଗାରରେ ପରିବାର ଚଳାଇବା ତାଙ୍କ ପକ୍ଷେ କଷ୍ଟସାଧ ହୋଇପଡୁଛି। ଦେବରାଜଙ୍କ ୨୦୧୪ରେ ଏକ ଷଣ୍ଢ ଆକ୍ରମଣରେ ବାମ ଗୋଡ଼ ସମ୍ପୂର୍ଣ୍ଣ ହରାଇଥିଲେ। ସରକାରଙ୍କ ପକ୍ଷରୁ ୬୦ ପ୍ରତିଶତ ଦିବ୍ୟାଙ୍ଗ ଥିବା ପ୍ରମାଣପତ୍ର ମିଳିଥିବାବେଳେ ଦେବରାଜ ୩୦ କିଲୋ ଚାଉଳ ସହିତ ୭୦୦ ଟଙ୍କା ପାଉଛନ୍ତି। ଫଳରେ ତାଙ୍କ ପକ୍ଷରେ ପରିବାର ଚଳାଇବା କଷ୍ଟକର ହେଉଛି। ସେ ବଜାରରେ ବ୍ୟବସାୟ କରିବାକୁ ଏକ ଟ୍ରାଇସାଇକେଲ ପାଇଁ ଗୋପ ବିଡିଓ, ଗୋପ ସାମାଜିକ ସୁରକ୍ଷା ଅଧିକାରୀ ଓ ରାଜ୍ୟ ସରକାରଙ୍କୁ ପତ୍ର ମାଧ୍ୟମରେ ଜଣାଇଥିଲେ। ଏଥିରେ କିଛି ସୁଫଳ ନ ମିଳିବାରୁ ସେ ଜଗତ୍‌ସିଂହପୁର ପୂର୍ବତନ ଏମ୍‌ପି କୁଳମଣି ସାମଲଙ୍କୁ ଜଣାଇଥିଲେ। ପରେ ଏମ୍‌ପି କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଯାହା ଏବେ ବି ଫାଇଲ ତଳେ ପଡ଼ି ରହିଛି। ଏହାକୁ ଦୀର୍ଘ ଦିନ ବିତିଯାଇଥିଲେ ମଧ୍ୟ ଦେବରାଜଙ୍କୁ ଟ୍ରାଇସାଇକେଲ ଖଣ୍ଡେ ମିଳିପାରି ନାହିଁ। ଏନେଇ ସେ ଗଣମାଧ୍ୟମ ଜରିଆରେ ପ୍ରଶାସନ ପାଖରେ ନିବେଦନ କରିଛନ୍ତି।

# ଶିଶୁ ମନ୍ଦିରରେ କଣ୍ଢେଇ ଦିବସ

ପୁରୀ,୨୧।୩(ଅଜିତ୍ ମହାନ୍ତି)



ହରଚଣ୍ଡୀ ସାହିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଶିଶୁ ବାଟିକା ବିଭାଗର କଣ୍ଢେଇ ଦିବସ ପାଳିତ ହେଉଛି ।

ହରଚଣ୍ଡୀ ସାହିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଶିଶୁ ବାଟିକା ବିଭାଗର କଣ୍ଢେଇ ଦିବସ ଗୁରୁବାର ପାଳିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟିର ଉପସଭାପତି ସ୍ୱର୍ଣ୍ଣଲତା ଦାସ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ଆଚାର୍ଯ୍ୟା ମମତା ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ସେହିପରି ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ରବୀନ୍ଦ୍ର କୁମାର ନନ୍ଦ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଆଚାର୍ଯ୍ୟା କଳ୍ପଲତା ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅନୁପମା ମହାପାତ୍ର କଣ୍ଢେଇ ଦିବସର ଆଭିମୁଖ୍ୟ ବିଷୟରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ। କଣ୍ଢେଇ ମାଧ୍ୟମରେ ଶିଶୁର କିପରି ସର୍ବାଙ୍ଗୀନ ବିକାଶ ହୋଇପାରିବ ଓ ଜୀବନର ଘନିଷ୍ଠ ଅନୁଭବରେ କଣ୍ଢେଇ କିଭଳି ଅଙ୍ଗାଙ୍ଗୀ ଭାବରେ ଜଡ଼ିତ ସେ ବିଷୟରେ ମହାପାତ୍ର ଆଲୋକପାତ କରିଥିଲେ। ସେହିପରି ମାରୁତି ନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଶିଶୁ ବାଟିକା ବିଭାଗ ତରଫରୁ ବିଶ୍ୱ କଣ୍ଢେଇ ଦିବସ ପାଳନ କରାଯାଇଛି। ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ବିନୋଦ କୁମାର ସେନାପତିଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସରିତାଞ୍ଜଳି ନାୟକ ଏବଂ ସମ୍ମାନିତ ଅତିଥିଭାବେ ପ୍ରଫୁଲ୍ଲ ଚନ୍ଦ୍ର ବେହେରା ଯୋଗ ଦେଇଥିଲେ। ଜୀବନର ପ୍ରତ୍ୟେକ ସମୟରେ କିଭଳି ମୂଲ୍ୟବାନ ଓ ମଣିଷ ଜୀବନ ଏକ କଣ୍ଢେଇ ସଦୃଶ ସେନେଇ ଅତିଥିମାନେ ନିଜ ଅଭିଭାଷଣରେ ଆଲୋକପାତ କରିଥିଲେ ।

## ସଂକ୍ଷେପରେ

### ବ୍ଲକ କାର୍ଯ୍ୟାଳୟକୁ ଫେରିଲା ୩.୨୨ ଲକ୍ଷ ଟଙ୍କା

**ରାଜ୍ୟ ସରକାରଙ୍କ ଜୀବିକା ସହାୟତା ରାଶି**

କଟକ ସଦର, ୨୧।୩ (ସୁଶାନ୍ତ କୁମାର ଜେନା)

ରାଜ୍ୟ ସରକାର ରାଶନ କାର୍ଡଧାରୀଙ୍କ ପାଇଁ ୧ ହଜାର ଟଙ୍କା ଲେଖାଏଁ ଜୀବିକା ସହାୟତା ରାଶି ଘୋଷଣା କରିଥିଲେ। ମାତ୍ର ହିତାଧିକାରୀ ନ ମିଳିବାରୁ କଟକ ସଦର ବ୍ଲକ ଅନ୍ତର୍ଗତ ୨୩ଟି ପଞ୍ଚାୟତରେ ବଣ୍ଟନ ହୋଇ ପାରି ନ ଥିବା ୩୨୨ ଜଣଙ୍କର ୩ ଲକ୍ଷ ୨୨ ହଜାର ଟଙ୍କା ବ୍ଲକ କାର୍ଯ୍ୟାଳୟକୁ ଫେରିଆସିଛି। ଏତେ ସଂଖ୍ୟକ ହିତାଧିକାରୀ କୁଆଡ଼େ ଗଲେ ତାହାର ତଦନ୍ତ ଆରମ୍ଭ ହୋଇଛି। କାରଣ ଫେବୃଆରୀରେ ଏହି ହିତାଧିକାରୀମାନେ ୪ ମାସର ଚାଉଳ ଉଠାଇଥିଲେ। ୧ ମାସ ପରେ ଏମାନେ ଅନ୍ତର୍ଦ୍ଧାନ ହୋଇଯିବା ସାଧାରଣରେ ଆଲୋଚନାର ବିଷୟ ହୋଇଛି। ଏହି ଅର୍ଥ ଉଠାଣ ପାଇଁ ବାୟୋମେଟ୍ରିକ ଛାପ ଦେବା ବାଧ୍ୟତାମୂଳକ କରାଯାଇଥିଲା। ଏନେଇ ବ୍ଲକ୍ ଯୋଗାଣ ନିରୀକ୍ଷକ ନୀହାର ରଞ୍ଜନ ସ୍ୱାଇଁଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

### ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲଦଣ୍ଡ

**ନାବାଳିକା ବଳାତ୍କାର ମାମଲା**

କଟକ, ୨୧।୩ (କାର୍ତ୍ତିକ ସାହୁ)

ନାବାଳିକା ବଳାତ୍କାର ମାମଲାରେ ସ୍ୱତନ୍ତ୍ର ଫାଷ୍ଟଟ୍ରାକ୍ ତଥା ପୋକ୍ସୋ ଅଦାଲତ ଜଣେ ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲଦଣ୍ଡ ସହ ୫ ହଜାର ଟଙ୍କା ଜରିମାନା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବାକୁ ପଡିବ ବୋଲି ରାୟରେ ସ୍ପଷ୍ଟ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ଜଗତପୁର ଡିଗିସାହିର ସୋମୁ ଓରଫ ସୌମ୍ୟରଞ୍ଜନ ମହାନ୍ତି। ଅପରପକ୍ଷରେ ପୀଡ଼ିତାଙ୍କୁ ୩ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ନିମନ୍ତେ ଜିଲା ଆଇନସେବା ପ୍ରାଧିକରଣକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ଅନୁସାରେ, ୨୦୧୫ ମସିହାରେ ଜଗତ୍ପୁର ଥାନା ଅଞ୍ଚଳର ୧୫ ବର୍ଷୀୟା ନାବାଳିକାଙ୍କୁ ଅପହରଣ କରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଏ ନେଇ ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ କରିଥିଲା। ଅପହରଣର ଦେଢ଼ ମାସ ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଅଭିଯୁକ୍ତ ଜଣକ ନାବାଳିକାଙ୍କୁ ଏକ ଘରେ ଦେଢ଼ମାସ ରଖିବା ସହ ବଳାତ୍କାର କରିଥିବା ତଦନ୍ତରୁ ଜଣାପଡ଼ିଥିଲା। ପୋଲିସ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିବା ପରେ ଚାର୍ଜଶିଟ୍ ଦାଖଲ କରିଥିଲା। ସ୍ୱତନ୍ତ୍ର ପୋକ୍ସୋ ଅଦାଲତରେ ମାମଲାର ବିଚାର ହୋଇଥିଲା। ୨୦ଜଣ ସାକ୍ଷୀ ଓ ୧୪ଟି ପ୍ରମାଣକୁ ଆଧାରକରି ଅଦାଲତ ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ବିଶ୍ୱଜିତ୍ ରାୟ ମାମଲା ପରିଚାଳନା କରୁଥିଲେ।

# ଖାଉଟି ଅଦାଲତରେ ୱାଟ୍କୋ ଦଣ୍ଡିତ

**ମହଙ୍ଗା ପଡ଼ିଲା ଅନ୍‌ଲାଇନ ବିଲ୍ ଆଦାୟ**

■ ତ୍ରୁଟିଯୁକ୍ତ ସେବା ପାଇଁ ଦେବେ ୧.୩ ଲକ୍ଷ କ୍ଷତିପୂରଣ

କଟକ, ୨୧।୩ (କାର୍ତ୍ତିକ ସାହୁ)

ତ୍ରୁଟିଯୁକ୍ତ ସେବା ପାଇଁ ୱାଟର କର୍ପୋରେଶନ ଅଫ୍ ଓଡ଼ିଶା(ୱାଟ୍କୋ) ଖାଉଟି ଅଦାଲତରେ ଦଣ୍ଡିତ ହୋଇଛି। ଅନ୍‌ଲାଇନ୍‌ରେ ପଇଠ କରିଥିବା ପାଣି ବିଲ୍‌କୁ ଅନାଦେୟ ଦେଖାଇ ଉପଭୋକ୍ତାଙ୍କୁ ହଇରାଣ କରିବା ଘଟଣାରେ ୱାଟ୍କୋ ସମ୍ପୃକ୍ତ ଉପଭୋକ୍ତାଙ୍କୁ ୧.୩ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଗୁରୁବାର ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ସେଥିମଧ୍ୟରେ କ୍ଷତିପୂରଣ ବାବଦକୁ ୫୦ ହଜାର, ସେବାରେ ତ୍ରୁଟି ଯୋଗୁ ୫୦ ହଜାର ଏବଂ ଅଦାଲତ ଖର୍ଚ୍ଚ ବାବଦରେ ୩୦ ହଜାର ଟଙ୍କା ରହିଛି। ଏଥିସହ ହିତାଧିକାରୀ ୟୁପିଆଇ ଯୋଗେ ପ୍ରଦାନ କରିଥିବା ଅର୍ଥର ୧୨% ସୁଧ ହିସାବରେ ପ୍ରଦାନ କରିବାକୁ ୱାଟ୍କୋ କମିଶନର, ଷ୍ଟେଟ୍‌ବ୍ୟାଙ୍କ ଚାନ୍ଦିନୀଚୌକ ଶାଖାର ଏଜିଏମ୍, କଟକ ମହାନଗର ନିଗମ କମିଶନର, ୟୁପିଆଇ ସଂସ୍ଥା (ବିଏଚ୍‌ଆଇଏମ୍)କୁ ନିର୍ଦ୍ଦେଶ ଦେଇଛନ୍ତି। ଅଦାଲତ ପକ୍ଷଭୁକ୍ତ ହୋଇଥିବା କର୍ତ୍ତୃପକ୍ଷଙ୍କୁ ତାଗିଦ କରିବା ସହ ଆବେଦନକାରୀଙ୍କୁ ନିର୍ଦ୍ଦେଶନାମାର ୩୦ ଦିନ ମଧ୍ୟରେ କ୍ଷତିପୂରଣ ରାଶି ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ଅନୁସାରେ, କରୋନା ମହାମାରୀ ସମୟରେ ୱାଟ୍କୋ ପକ୍ଷରୁ ପାଣି ବିଲ୍ ଅନ୍‌ଲାଇନରେ ଆଦାୟ କରାଯାଉଥିଲା। ଉପଭୋକ୍ତାମାନେ କଟକ ମହାନଗର ନିଗମ(ସିଏମ୍‌ସି)ର ୱେବ୍‌ସାଇଟ୍‌ରେ ୟୁପିଆଇ ଦ୍ୱାରା ବିଲ୍ ପଇଠ କରୁଥିଲେ। ମର୍କତନଗର ସେକ୍ଟର-୯ ଅଞ୍ଚଳର ଈଶ୍ୱର ଚନ୍ଦ୍ର ସାହୁ ଷ୍ଟେଟ୍‌ବ୍ୟାଙ୍କ ୟୋନୋ ଆପ୍ ଜରିଆରେ ତାଙ୍କର ପାଣି ବିଲ୍ ପଇଠ କରିଥିଲେ। ଈଶ୍ୱରଙ୍କ ଆକାଉଣ୍ଟରୁ ଟଙ୍କା କଟିଥିଲେ ସୁଦ୍ଧା ବିଲ୍ ଡିପୋଜିଟ୍ ହୋଇ ନ ଥିଲା। ୩ ଥର ପଇଠ ଉଦ୍ୟମ କରି ତାଙ୍କ ଆକାଉଣ୍ଟରୁ ଦୁଇଟି ୟୁପିଆଇ କାରବାରରେ ୪,୨୩୯ ଟଙ୍କା କଟିଥିଲା। ହେଲେ ବିଲ୍ ପଇଠ ହୋଇ ନ ଥିଲା। ସେ ୱାଟ୍କୋ କାର୍ଯ୍ୟାଳୟକୁ ଯାଇ ଏ ବାବଦରେ ପଚାରି ବୁଝିବାରୁ ବିଲ୍ ପଇଠ ହୋଇ ନ ଥିବା ତାଙ୍କୁ କୁହାଯାଇଥିଲା। ଏପରି କି ଆଉଥରେ ବିଲ୍ ପଇଠ କରିବାକୁ କୁହାଯାଇଥିଲା। ସେ ବ୍ୟାଙ୍କ ସହ ଯୋଗାଯୋଗ କରିବାରୁ ବ୍ୟାଙ୍କ ଆକାଉଣ୍ଟରୁ ଟଙ୍କା କଟିଯାଇଥିବା କହିଥିଲେ। ଉପଭୋକ୍ତା ଜଣକ ବରିଷ୍ଠ ନାଗରିକ ହୋଇଥିବାବେଳେ ସିଏମ୍‌ସିର ହେଲ୍ପ ଡେସ୍କ ସହ ଯୋଗାଯୋଗ କରି ବିଫଳ ହୋଇଥିଲେ। ସେ ଅନ୍‌ଲାଇନ ଯୋଗେ ପଇଠ କରିଥିବା ଦେୟର ତ୍ରୁଟିକୁ ସୁଧାରିବା ନିମନ୍ତେ ୱାଟ୍କୋ କାର୍ଯ୍ୟାଳୟକୁ ଦୌଡିଦୌଡି ନୟାନ୍ତ ହୋଇଥିଲେ। ଏପରି କଥାରେ ସେ ବ୍ୟତିବ୍ୟସ୍ତ ହେବା ସହ ବିଭିନ୍ନ ଅଧିକାରୀଙ୍କୁ ଭେଟି ସମସ୍ୟାର ସମାଧାନ ପାଇଁ ନିବେଦନ କରିଥିଲେ। ହେଲେ ସମସ୍ତଙ୍କଠାରୁ ନିରାଶ ହେବା ପରେ ସେ କଟକ ଜିଲା ଖାଉଟି ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ସାଗରିକା ସାହୁ ଓ ଅମ୍ରିତା ମହାନ୍ତି ମାମଲା ପରିଚାଳନା କରୁଥିଲେ।

## ୨୪ରୁ ବୃନ୍ଦାବନ ମହୋତ୍ସବ


ଖବରଦାତା ସମ୍ମିଳନୀରେ ବୃନ୍ଦାବନ ମହୋତ୍ସବ ସମ୍ପର୍କରେ ସୂଚନା ଦିଆଯାଉଛି।

ଭୁବନେଶ୍ୱର, ୨୧।୩ (ଅଭୟ ଦାଶ)

ଭୁବନେଶ୍ୱରର ବୃନ୍ଦାବନ ଗୁରୁକୁଳ ପକ୍ଷରୁ ୮ମ ବୃନ୍ଦାବନ ମହୋତ୍ସବ ଆସନ୍ତା ୨୪ ତାରିଖରେ ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ହେବ। ଗୁରୁବାର ଭୁବନେଶ୍ୱରର ଲୋହିଆ ଏକାଡେମୀଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଶିଷ୍ଟ ବଂଶୀବାଦକ ପଦ୍ମ ବିଭୂଷଣ ପଣ୍ଡିତ ହରିପ୍ରସାଦ ଚୌରାସିଆ ଯୋଗଦେଇ ସୂଚନା ଦେବା ସହ ମହୋତ୍ସବର ଆଭିମୁଖ୍ୟ ଓ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। ଆନନ୍ଦ ଓ ରଙ୍ଗର ପର୍ବ ହୋଲି ଅବସରରେ ଭାରତୀୟ କଳା ଓ ସଙ୍ଗୀତକୁ ରଙ୍ଗ ଓ ରାସରେ ଭିଜାଇବାକୁ ବୃନ୍ଦାବନ ଗୁରୁକୁଳ ପକ୍ଷରୁ ଲକ୍ଷ୍ୟ ରଖାଯାଇଛି। ଏହି ମହୋତ୍ସବରେ ଗ୍ରାମୀ ପୁରସ୍କାରପ୍ରାପ୍ତ ତଥା ପଦ୍ମଭୂଷଣ ବିଶ୍ୱମୋହନ ଭଟ୍ଟ ଓ ତାଙ୍କ ପୁତ୍ର ପଣ୍ଡିତ ସଲିଲ ଭଟ୍ଟ ମଧ୍ୟ ଉପସ୍ଥିତ ରହିବେ। ସଙ୍ଗୀତଜ୍ଞ ପଦ୍ମଶ୍ରୀ ପଣ୍ଡିତ ଉଲ୍ଲାସ କସାଲକରଙ୍କୁ ଆଲିକ୍ସ ସେନ୍‌ଗୁପ୍ତାଙ୍କ କଣ୍ଠସ୍ୱର, ସରୱାର ହୁସେନ୍‌ଙ୍କ ସାରଙ୍ଗୀ ଏବଂ ପ୍ରବୀଣ କାସଲିକରଙ୍କ ହାରମୋନିୟମ୍ ସହଯୋଗ କରିବ। ସେହିପରି ଅନିକେତ ମହାରଣା (ଓଡ଼ିଶା), ମଧୁ ଚପାଇ (ଆସାମ), ନିବିର ଦେବଶର୍ମା (ଆସାମ), ଅଂଶୁଲ ଲାଖେରା (ନୂଆଦିଲ୍ଲୀ), ପୁଷ୍ପରାଜ ଦାଉସେନା (ଛତିଶଗଡ଼), ରୂପମ ଜ୍ୟୋତି (ଆସାମ), କୀର୍ତ୍ତନରାଜ ସେଠୀ (କର୍ନାଟକ) ଏବଂ ଶ୍ରବଣ କ୍ୟୁରି (ପଶ୍ଚିମବଙ୍ଗ) ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଉପରୋକ୍ତ ବ୍ୟକ୍ତିବିଶେଷ ବୃନ୍ଦାବନ ଗୁରୁକୁଳ ଭୁବନେଶ୍ୱର ଗୁରୁ-ଶିଷ୍ୟ ପରମ୍ପରାରେ ବଢ଼ିଥିବାବେଳେ ଭାରତୀୟ ପରମ୍ପରା ଅନୁଯାୟୀ ବଂଶୀବାଦନ ମଧ୍ୟ ଶିଖିଛନ୍ତି। ତବଲାରେ ବିଶ୍ୱରଞ୍ଜନ ଜେନା ସହଯୋଗ କରୁଥିବାବେଳେ ନାଜିଆ ଆଲାମ ସନ୍ଧ୍ୟା କାର୍ଯ୍ୟକ୍ରମର ଆୟୋଜନ କରିବେ। ଭାରତୀୟ କଳା ଓ ସଙ୍ଗୀତର ପରମ୍ପରାକୁ ଆଗକୁ ବଢ଼ାଇବା ପାଇଁ କାର୍ଯ୍ୟ କରୁଥିବା ବୃନ୍ଦାବନ ଗୁରୁକୁଳର ପୃଷ୍ଠପୋଷକଙ୍କ ସମର୍ଥନ ବିନା ଉକ୍ତ କାର୍ଯ୍ୟକ୍ରମ ବାସ୍ତବତାର ରୂପ ନେଇପାରି ନ ଥାନ୍ତା ବୋଲି ଚୌରାସିଆ କହିଛନ୍ତି।

## ଅନ୍ତର୍ଭୁକ୍ତତା, ଅକ୍ଷମତା, ବିବିଧତା ଉପରେ କବିତା ପାଠ



ଭୁବନେଶ୍ୱର, ୨୧।୩ (ଶର୍ମିଷ୍ଠା ପାଣିଗ୍ରାହୀ)

ସ୍ୱାଭିମାନ ଏବଂ କେତକୀ ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ଭାରତୀୟ ବିଦ୍ୟା ଭବନଠାରେ ଗୁରୁବାର ବିଶ୍ୱ କବିତା ଦିବସ ଏବଂ ଡାଉନ ସିଣ୍ଡ୍ରୋମ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଅନ୍ତର୍ଭୁକ୍ତତା, ଅକ୍ଷମତା ଏବଂ ବିବିଧତା ଉପରେ କବିତା ପାଠ କରାଯାଇଥିଲା। ଲେଖକ ରମାକାନ୍ତ ସାମନ୍ତରାୟ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ଉପ ସଚିବ ସନ୍ନ୍ୟାସୀ ବେହେରା, ଗାଳ୍ପିକ ସୁମନ ଦାସ, ଡ. ଶକ୍ତି ମହାନ୍ତି, ସୈଲେନ ରାଉତରାୟ, ଡ. ରବୀନ୍ଦ୍ର ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ଉଚ୍ଚକୋଟୀର କବିତା ପାଠ କରିଥିଲେ। ଏହି ଅବସରରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରିଥିଲେ।

## ରାଜ୍ୟସ୍ତରୀୟ ସିଏମ୍ଇ କାର୍ଯ୍ୟକ୍ରମ

କଟକ, ୨୧।୩ (ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲ୍ କଲେଜ ଆଣ୍ଡ୍ ହସ୍ପିଟାଲର ରକ୍ତ ସଞ୍ଚରଣ ବିଭାଗ ଏବଂ ରକ୍ତ ଭଣ୍ଡାରର ମିଳିତ ଉଦ୍ୟମରେ ରକ୍ତ ସଞ୍ଚରଣର ଯୁକ୍ତିସଙ୍ଗତ ଉପଯୋଗ ପଦ୍ଧତି ନେଇ ରାଜ୍ୟସ୍ତରୀୟ ସିଏମ୍ଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ଏସ୍‌ସିବି ମେଡିକାଲ କଲେଜ ଡିନ୍ ପ୍ରଫେସର ଡ. ପ୍ରସେନ୍‌ଜିତ ମହାନ୍ତି, ଅଧୀକ୍ଷକ ପ୍ରଫେସର ଡ. ସୁଧାଂଶୁ ଶେଖର ମିଶ୍ର, ଟ୍ରାନ୍ସଫ୍ୟୁଜନ୍ ମେଡିସିନ ବିଭାଗୀୟ ମୁଖ୍ୟ ପ୍ରଫେସର ଡ. ସ୍ମିତା ମହାପାତ୍ର, ଆସୋସିଏଟ୍ ପ୍ରଫେସର ଡ. ସୁସ୍ମିତା ବେହେରା, ବ୍ଲଡ୍ ସେଫ୍ଟି ନିର୍ଦ୍ଦେଶକ ଡ. ନୀଳକାନ୍ତ ମିଶ୍ର ଅତିଥି ଭାବେ ଯୋଗ ଦେଇଥିଲେ। ରକ୍ତ ସଞ୍ଚରଣ ପଦ୍ଧତିକ ସହ ବିଭିନ୍ନ ବିଶେଷଜ୍ଞମାନେ ରକ୍ତର ସୁଦୁପଯୋଗ, ଅନାବଶ୍ୟକ ରକ୍ତ ସଞ୍ଚରଣକୁ କମ୍‌କରିବା ଏବଂ ରୋଗୀଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେବା ଉପରେ କାର୍ଯ୍ୟକ୍ରମରେ ଆଲୋଚନା ହୋଇଥିଲା। ମା' ଓ ନବଜାତ ଶିଶୁ ଯତ୍ନରେ ରକ୍ତ ସଞ୍ଚାଳନର ସୁଚିନ୍ତିତ ବ୍ୟବହାର ନେଇ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ଏଥିରେ ରାଜ୍ୟର ୩୦୦ରୁ ଅଧିକ ଡାକ୍ତର ଏବଂ ସ୍ୱାସ୍ଥ୍ୟକର୍ମୀ ଯୋଗଦେଇଥିଲେ।

## ୩ ନିଶା ବେପାରୀଙ୍କୁ ୧୦ବର୍ଷ ଲେଖାଏ ଜେଲଦଣ୍ଡ

କଟକ, ୨୧।୩ (କାର୍ତ୍ତିକ ସାହୁ)

ବେଆଇନ ଗଞ୍ଜେଇ ଚାଲାଣ ମାମଲାରେ ଗିରଫ ହୋଇଥିବା ୩ ନିଶା ବେପାରୀ ଦ୍ୱିତୀୟ ଅତିରିକ୍ତ ଜିଲା ଜଜ୍ କୋର୍ଟରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଅଦାଲତ ଅଭିଯୁକ୍ତମାନଙ୍କୁ ୧୦ବର୍ଷ ଲେଖାଏଁ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଅଭିଯୁକ୍ତମାନେ ହେଲେ ପଶ୍ଚିମବଙ୍ଗ ନଏଡ଼ା ଜିଲା ବିନ୍ଦୁନାଥପୁରର ରାଜେଶ ମଜୁମଦାର, ବର୍ଦ୍ଧମାନ ଜିଲା ଦକ୍ଷିଣ ଶ୍ରୀରାମପୁରର ଧ୍ରୁବ ମଣ୍ଡଳ, ଦକ୍ଷିଣ ୨୪ ପ୍ରଗଣା ଜିଲା ୮ ପ୍ରଗଣା ଡଙ୍ଗାରୋଡ୍ ଅଞ୍ଚଳର ବିଜୟ ରଜାକ।

## ବାଲିପାଟଣାରେ ପୋଲିସର ଫ୍ଲାଗ୍‌ମାର୍ଚ୍ଚ

ବାଲିପାଟଣା, ୨୧।୩ (ଅଭିମନ୍ୟୁ ନାୟକ)

ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି କମିଶନରେଟ୍ ପୋଲିସ ପକ୍ଷରୁ ଗୁରୁବାର ବାଲିପାଟଣା ଥାନାର ବିଭିନ୍ନ ସ୍ଥାନରେ ଫ୍ଲାଗ ମାର୍ଚ୍ଚ କରାଯାଇଛି। ଏକ୍ ଟିମ୍ ବାଲିପାଟଣା ହାଟଠାରୁ ବାହାରି ବାଲିପାଟଣା ଛକ, ସରିପୁର ଛକ, ମେଡ଼ିକାଲ ଛକ ଦେଇ ଅଠାନ୍ତର ଛକ ପର୍ଯ୍ୟନ୍ତ ଯାଇ ଫେରିଥିଲେ। ସେହିପରି ବନମାଳିପୁର ହାଟ ଠାରୁ ଅନ୍ୟ ଏକ ଟିମ୍ ଆଖପାଖ ଅଞ୍ଚଳରେ ଫ୍ଲାଗ୍‌ମାର୍ଚ୍ଚ କରିଥିବା ବେଳେ ତୃତୀୟ ଟିମ୍ ନରଦାରୁ ବସନ୍ତମାଳ ଛକ ପର୍ଯ୍ୟନ୍ତ ଯାଇଥିଲେ।

## ଟ୍ରକ୍ ଧକ୍କାରେ ପାନ ଦୋକାନୀଙ୍କ ମୃତ୍ୟୁ

**ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକୋ**



ଭୁବନେଶ୍ୱର, ୨୧।୩ (ସୂର୍ଯ୍ୟକାନ୍ତ ବେହେରା)

ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଶିଳ୍ପାଞ୍ଚଳ ଧର୍ମକଣ୍ଟା ଛକରେ ଗୁରୁବାର ଅପରାହ୍ନରେ ଏକ ସଡକ ଦୁର୍ଘଟଣା ଘଟିଛି। ଏକ ବାଇକକୁ ପଛରୁ ଟ୍ରକ ଦେବାରୁ ବାଇକରେ ବସିଥିବା ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଚକେଇସିଆଣିରେ ରହୁଥିବା ପାନ ଦୋକାନୀ ତଥା ପୁରୀ ଜିଲା ଅସ୍ତରଙ୍ଗ ଥାନା ମଧୁପୁର ଗ୍ରାମର ଗଙ୍ଗାଧର ସାମଲ(୫୫)। ତେବେ ଦୁର୍ଘଟଣା ଘଟାଇ ଡ୍ରାଇଭର ଟ୍ରକ ନେଇ ଫେରାର ହେବାକୁ ଉଦ୍ୟମ କରୁଥିବାବେଳେ ସ୍ଥାନୀୟ ଲୋକେ ପିଛା କରି ଧରିବା ସହ ଡ୍ରାଇଭରଙ୍କୁ କାବୁ କରି ମାଡ଼ମାରିବା ସହ କ୍ଷତିପୂରଣ ଦାବିରେ ରାସ୍ତାରୋକୋ କରିଥିଲେ। ଫଳରେ ଘଟଣାସ୍ଥଳରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତ ଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇବା ସହ ସ୍ଥାନୀୟ ଲୋକଙ୍କ କବଳରୁ ଡ୍ରାଇଭରଙ୍କୁ ଉଦ୍ଧାର କରି ଥାନାକୁ ନେଇଥିଲା। ଏହାସହ ପୋଲିସ ଲୋକଙ୍କୁ ବୁଝାଶୁଝା କରି ରାସ୍ତାରୋକୋ ହଟାଇବା ପରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା। ସୂଚନାନୁସାରେ, ମୃତକ ଗଙ୍ଗାଧର ଓ ଅନ୍ୟଜଣେ ବ୍ୟକ୍ତି ଅପରାହ୍ନ ସାଢେ ୫ଟାରେ ଗୋଟିଏ ବାଇକରେ ରସୁଲଗଡ ଛକଆଡୁ ଚକେଇସିଆଣି ଅଭିମୁଖେ ଯାଉଥିଲେ। ଧର୍ମକଣ୍ଟା ଛକରେ ପଛପଟୁ ଏକ ୧୨ ଚକିଆ ଟ୍ରକ୍ ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ପଛରେ ବସିଥିବା ଗଙ୍ଗାଧର ଟ୍ରକ୍ ଚକ ତଳକୁ ଖସିପଡିଥିଲେ। ଟ୍ରକଟି ତାଙ୍କ ମୁଣ୍ଡ ଉପରେ ଚଢ଼ିଯାଇଥିଲା।


ଖବରକାଗଜ ବିତରକ ଶିବରାମ ବେହେରାଙ୍କ ବିୟୋଗରେ ଚନ୍ଦ୍ରଶେଖରପୁର ଜୋନ୍ ବିତରକ ସଂଘ ପକ୍ଷରୁ ଗୁରୁବାର ଅନୁଷ୍ଠିତ ଶୋକସଭା।

## ଖବରକାଗଜ ବିତରକଙ୍କ ପରଲୋକ

ଭୁବନେଶ୍ୱର, ୨୧।୩ (ବନ୍ଦନା ସେଠୀ)

ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଜୋନ୍‌ର ବରିଷ୍ଠ ଖବରକାଗଜ ବିତରକ ଶିବରାମ ବେହେରାଙ୍କ ସୋମବାର ପରଲୋକ ଘଟିଛି। ତାଙ୍କୁ ୫୦ବର୍ଷ ହୋଇଥିଲା। ତାଙ୍କ ବିୟୋଗରେ ଗୁରୁବାର ଚନ୍ଦ୍ରଶେଖରପୁର ଜୋନ୍ ବିତରକ ସଂଘ ପକ୍ଷରୁ ନାଲ୍‌କୋ ଛକ ବିତରଣ ପଏଣ୍ଟରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବିତରକ ବନ୍ଧୁମାନେ ସ୍ୱର୍ଗତ ବେହେରାଙ୍କ ଅକାଳ ବିୟୋଗରେ ଦୁଃଖ ପ୍ରକାଶ କରିବା ସହ ଫଟୋଚିତ୍ରରେ ପୁଷ୍ପମାଲ୍ୟାର୍ପଣ କରି ସ୍ମୃତିଚାରଣ କରିଥିଲେ।

## ଅପରାଧୀ, ପୀଡ଼ିତଙ୍କ ମଧ୍ୟରେ ସମ୍ପର୍କ ପୁନଃସ୍ଥାପନରେ ସହାୟକ ହେବ ରେଷ୍ଟୋରେଟିଭ୍ ଜଷ୍ଟିସ୍

ଭୁବନେଶ୍ୱର, ୨୧।୩ (ବନ୍ଦନା ସେଠୀ)

ସ୍ୱେଚ୍ଛାସେବୀ ଅନୁଷ୍ଠାନ ସୋସାଇଟି ଫର୍ ନେଚର୍, ଏଜୁକେଶନ ଆଣ୍ଡ୍ ହେଲ୍‌ଥ (ସ୍ନେହ) ପକ୍ଷରୁ ରେଷ୍ଟୋରେଟିଭ୍ ଜଷ୍ଟିସ୍ ସମ୍ପର୍କିତ ଏକ କର୍ମଶାଳା ନୟାପଲ୍ଲୀସ୍ଥିତ ତାଲିମକେନ୍ଦ୍ରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥିମାନେ ଯୋଗଦେଇ ଦେଶର ନ୍ୟାୟିକ ବ୍ୟବସ୍ଥାରେ ଥିବା ତ୍ରୁଟି ଏବଂ ସମାଜରେ ବଢୁଥିବା ଅପରାଧ ନିରାକରଣରେ ଦଣ୍ଡ ପ୍ରଦାନର ସୀମିତ ଭୂମିକା ଉପରେ ଆଲୋକପାତ କରିଥିଲେ। ଅପରାଧ ଏବଂ ଦଣ୍ଡବିଧାନ ସହିତ କ୍ଷତିଗ୍ରସ୍ତ ବ୍ୟକ୍ତିର କ୍ଷତିପୂରଣ ପାଇଁ ହୋଇଥିବା ସରକାରୀ ଅନୁଦାନ ବିଷୟରେ ଆଲୋଚନା କରାଯାଇଥିଲା। ସେହିପରି ରେଷ୍ଟୋରେଟିଭ୍ ଜଷ୍ଟିସ୍ ପ୍ରକ୍ରିୟାରେ ଅପରାଧୀ ଏବଂ ଅପରାଧର ଶିକାର ହୋଇଥିବା ବ୍ୟକ୍ତିଙ୍କ ମଧ୍ୟରେ ସମ୍ପର୍କର ପୁନଃସ୍ଥାପନ ସମ୍ଭବ ବୋଲି ମତପ୍ରକାଶ ପାଇଥିଲା।

କାର୍ଯ୍ୟକ୍ରମ ଆରମ୍ଭରେ ଅନୁଷ୍ଠାନର ପ୍ରକଳ୍ପ ସଂଯୋଜକ ପ୍ରଶାନ୍ତ କୁମାର ପ୍ରଧାନ ରେଷ୍ଟୋରେଟିଭ୍ ଜଷ୍ଟିସ୍ ଦ୍ୱାରା ଅପରାଧୀ, ପୀଡିତ ଏବଂ ଗୋଷ୍ଠୀ ମଧ୍ୟରେ କ୍ଷତିଗ୍ରସ୍ତ ହୋଇଥିବା ସମ୍ପର୍କକୁ କିଭଳି ପୁନଃସ୍ଥାପନ କରାଯାଇ ସମସ୍ତଙ୍କର ଆବଶ୍ୟକତା ପୂରଣ କରିହେଉଛି, ସେ ନେଇ ବିସ୍ତୃତ ବିବରଣୀ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରତିନିଧି, ପୋଲିସ୍ ଅଧିକାରୀ, ଆଇନଜୀବୀ ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନର ସୁବର୍ଣ୍ଣା ଘୋଷ ଅଧ୍ୟକ୍ଷତା କରିଥିବାବେଳେ ପ୍ରକଳ୍ପ ସଂଯୋଜକ ଦିବାକର ମାହାଳି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମଟି କୋଲକାତାର ମେନୋନାଇଟ୍ ସେଣ୍ଟ୍ରାଲ କମିଟି (ଏମ୍‌ସିସି) ଏବଂ ସ୍ନେହ ମିଳିତ ସହଯୋଗରେ ଆୟୋଜିତ ହୋଇଥିଲା।



ସ୍ନେହ ପକ୍ଷରୁ ଗୁରୁବାର ଅନୁଷ୍ଠିତ ରେଷ୍ଟୋରେଟିଭ୍ ଜଷ୍ଟିସ୍ ସମ୍ପର୍କିତ କର୍ମଶାଳାରେ ଯୋଗଦେଇଥିବା ଅତିଥିଙ୍କ ସହ ଅନ୍ୟମାନେ।

## ଜଙ୍ଗଲ ସଂରକ୍ଷଣରେ ପ୍ରଯୁକ୍ତିର ବ୍ୟବହାର ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର, ୨୧।୩ (ବନ୍ଦନା ସେଠୀ)


ଓଇଏସ୍ ପକ୍ଷରୁ ଅନ୍ତର୍ଜାତୀୟ ଜଙ୍ଗଲ ଦିବସ ପାଳନ ଅବସରରେ ପରିବେଶ ବିଶେଷଜ୍ଞମାନେ।

ଜଙ୍ଗଲର ଅବକ୍ଷୟ ଘଟିବା ସହ ସମୃଦ୍ଧ ଜୈବବିବିଧତା ନଷ୍ଟ ହେଉଛି। ବିଶ୍ୱସ୍ତରରେ ବାର୍ଷିକ ପ୍ରାୟ ୧୦ ନିୟୁତ ହେକ୍ଟର ଜଙ୍ଗଲ ନଷ୍ଟ ହେଉଥିବାବେଳେ ଜଙ୍ଗଲାଞ୍ଚଳର ପ୍ରାୟ ୭୦ ନିୟୁତ ହେକ୍ଟର ନିଆଁ ଦ୍ୱାରା ପ୍ରଭାବିତ ହେଉଛି। ତେଣୁ ଜଙ୍ଗଲ ସମ୍ପଦର ସୁରକ୍ଷା ଏବଂ ସଂରକ୍ଷଣ ପାଇଁ ପ୍ରଯୁକ୍ତିର ବ୍ୟବହାର ଗୁରୁତ୍ୱପୂର୍ଣ୍ଣ ବୋଲି ମତ ପ୍ରକାଶ ପାଇଛି। ଗୁରୁବାର ଭୁବନେଶ୍ୱରର ସିଜୁଆସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଓଡ଼ିଶା ପରିବେଶ ସମିତି (ଓଇଏସ୍) ପକ୍ଷରୁ 'ଅନ୍ତର୍ଜାତୀୟ ଜଙ୍ଗଲ ଦିବସ' ପାଳିତ ହୋଇଯାଇଛି। ଏଥିରେ ପରିବେଶ ବିଶେଷଜ୍ଞମାନେ ଚଳିତ ବର୍ଷର ପ୍ରସଙ୍ଗ ଜଙ୍ଗଲ ଏବଂ ନବସୃଜନ: ଏକ ଉନ୍ନତ ଜଗତ ପାଇଁ ନୂତନ ସମାଧାନର ବିଭିନ୍ନ ଦିଗ ଉପରେ ବକ୍ତବ୍ୟ ରଖିଥିଲେ। ଓଇଏସ୍ ସଭାପତି ଡ. ସୁନ୍ଦର ନାରାୟଣ ପାତ୍ର ଏଥିରେ ପୌରୋହିତ୍ୟ କରି କହିଲେ, ଜଙ୍ଗଲ ହେଉଛି ପ୍ରକୃତିର ଜୀବଜଗତ ପ୍ରତି ଏପରି ଏକ ଅମୂଲ୍ୟ ଉପହାର, ଯାହା ସହନୀୟ ଭାବରେ ପରିଚାଳିତ ହେଲେ ନିରନ୍ତର ଭାବେ ମାନବ ଆବଶ୍ୟକତା ପୂରଣ କରିବାରେ ସମର୍ଥ ହେବ। ପୂର୍ବତନ ପିସିସିଏଫ୍ ଡ. ବିଜୟ କେତନ ପଟ୍ଟନାୟକ ବନ୍ୟଜନ୍ତୁଙ୍କ ସୁରକ୍ଷା ଏବଂ ଜଙ୍ଗଲର ସନ୍ତୁଳନ ରକ୍ଷା ଉପରେ ଆଲୋକପାତ କରିଥିଲେ। ସମ୍ପାଦକ ଡ. ଜୟକୃଷ୍ଣ ପାଣିଗ୍ରାହୀ ଜଙ୍ଗଲ ପରିସଂସ୍ଥାରେ ଘଟୁଥିବା ନକାରାତ୍ମକ ଅବକ୍ଷୟକୁ ବର୍ଣ୍ଣନା କରିଥିଲେ। ଜଙ୍ଗଲ ଅଧିକ ଅବନତି ଘଟିଲେ ପୃଥିବୀରେ ଆମର ବଞ୍ଚିବା ବିପଦଗ୍ରସ୍ତ ହୋଇପଡିବ ବୋଲି ସେ କହିଥିଲେ। କୃଷିବିଜ୍ଞାନୀ ଏକାଦଶୀ ନନ୍ଦୀ ଛାତ୍ରୀଛାତ୍ରଙ୍କୁ ସିଡ୍‌ବଲ୍ କିପରି ପ୍ରସ୍ତୁତ କରାଯାଏ ତାହା ପ୍ରଦର୍ଶନ କରି ଦେଖାଇବା ସହ ଆଗାମୀ ବର୍ଷାଋତୁ ପୂର୍ବରୁ ସେଗୁଡିକୁ ଫାଙ୍କା ସ୍ଥାନରେ ପକାଇ ସବୁଜିମା ସୃଷ୍ଟି କରାଯିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଯୁଗ୍ମ ସମ୍ପାଦକ ଇଂ. ମନୋରଞ୍ଜନ ମିଶ୍ର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଜଙ୍ଗଲ ସମ୍ପଦ ଉପରେ ଏକ କୁଇଜ ପ୍ରତିଯୋଗିତା ଆୟୋଜନ କରିଥିଲେ। ଏଥିରେ ବିଜେତାମାନଙ୍କୁ ପ୍ରମାଣପତ୍ର ଏବଂ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟ ପ୍ରତିଷ୍ଠାତା ଚନ୍ଦ୍ରଶେଖର ଗୁମାନସିଂହ, ଦୁଃଖିଶ୍ୟାମ ଗୁମାନସିଂହ, ଶଙ୍କରଚରଣ ଦାସ, ପବିତ୍ର ମୋହନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ପୂର୍ବତନ ସିଜିଏମ୍ ରମେଶ ଚନ୍ଦ୍ର ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ପ୍ରଧାନ ଶିକ୍ଷୟିତ୍ରୀ ରୀତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ବ୍ଲକ କାର୍ଯ୍ୟାଳୟକୁ ଫେରିଲା ୩.୨୨ ଲକ୍ଷ ଟଙ୍କା

**ରାଜ୍ୟ ସରକାରଙ୍କ ଜୀବିକା ସହାୟତା ରାଶି**

କଟକ ସଦର, ୨୧।୩(ପ୍ରଶାନ୍ତ କୁମାର ଜେନା)

ରାଜ୍ୟ ସରକାର ରାଶନ କାର୍ଡଧାରୀଙ୍କ ପାଇଁ ୧ ହଜାର ଟଙ୍କା ଲେଖାଏଁ ଜୀବିକା ସହାୟତା ରାଶି ଘୋଷଣା କରିଥିଲେ। ମାତ୍ର ହିତାଧିକାରୀ ନ ମିଳିବାରୁ କଟକ ସଦର ବ୍ଲକ ଅନ୍ତର୍ଗତ ୨୩ଟି ପଞ୍ଚାୟତରେ ବଣ୍ଟନ ହୋଇ ପାରି ନ ଥିବା ୩୨୨ ଜଣଙ୍କର ୩ ଲକ୍ଷ ୨୨ ହଜାର ଟଙ୍କା ବ୍ଲକ କାର୍ଯ୍ୟାଳୟକୁ ଫେରିଆସିଛି। ଏତେ ସଂଖ୍ୟକ ହିତାଧିକାରୀ କୁଆଡ଼େ ଗଲେ ତାହାର ତଦନ୍ତ ଆରମ୍ଭ ହୋଇଛି। କାରଣ ଫେବୃଆରୀରେ ଏହି ହିତାଧିକାରୀମାନେ ୪ ମାସର ଚାଉଳ ଉଠାଇଥିଲେ। ୧ ମାସ ପରେ ଏମାନେ ଅନ୍ତର୍ଦ୍ଧାନ ହୋଇଯିବା ସାଧାରଣରେ ଆଲୋଚନାର ବିଷୟ ହୋଇଛି। ଏହି ଅର୍ଥ ଉଠାଣ ପାଇଁ ବାୟୋମେଟ୍ରିକ ଛାପ ଦେବା ବାଧ୍ୟତାମୂଳକ କରାଯାଇଥିଲା। ଏନେଇ ବ୍ଲକ୍ ଯୋଗାଣ ନିରୀକ୍ଷକ ନୀହାର ରଞ୍ଜନ ସ୍ୱାଇଁଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

### ରାଜ୍ୟସ୍ତରୀୟ ସିଏମ୍‌ଇ କାର୍ଯ୍ୟକ୍ରମ

କଟକ,୨୧।୩(ଶିକ୍ଷା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲ୍ କଲେଜ ଆଣ୍ଡ ହସ୍ପିଟାଲର ରକ୍ତ ସଞ୍ଚରଣ ବିଭାଗ ଏବଂ ରକ୍ତ ଭଣ୍ଡାରର ମିଳିତ ଉଦ୍ୟମରେ ରକ୍ତ ସଞ୍ଚରଣର ଯୁକ୍ତିସଙ୍ଗତ ଉପଯୋଗ ପଦ୍ଧତି ନେଇ ରାଜ୍ୟସ୍ତରୀୟ ସିଏମ୍‌ଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ଏସ୍‌ସିବି ମେଡିକାଲ କଲେଜ ଡିନ୍ ପ୍ରଫେସର ଡ. ପ୍ରସେନ୍‌ଜିତ ମହାନ୍ତି, ଅଧୀକ୍ଷକ ପ୍ରଫେସର ଡ. ସୁଧାଂଶୁ ଶେଖର ମିଶ୍ର, ଟ୍ରାନ୍ସଫ୍ୟୁଜନ୍ ମେଡିସିନ ବିଭାଗୀୟ ମୁଖ୍ୟ ପ୍ରଫେସର ଡ. ସ୍ମିତା ମହାପାତ୍ର, ଆସୋସିଏଟ୍ ପ୍ରଫେସର ଡ. ସୁସ୍ମିତା ବେହରା, ବ୍ଲଡ୍ ସେଫ୍ଟି ନିର୍ଦ୍ଦେଶକ ଡ. ନୀଳକାନ୍ତ ମିଶ୍ର ଅତିଥି ଭାବେ ଯୋଗ ଦେଇଥିଲେ। ରକ୍ତ ସଞ୍ଚରଣ ପଦ୍ଧତିକ ସହ ବିଭିନ୍ନ ବିଶେଷଜ୍ଞମାନେ ରକ୍ତର ସୁଦୁପଯୋଗ, ଅନାବଶ୍ୟକ ରକ୍ତ ସଞ୍ଚରଣକୁ କମ୍ କରିବା ଏବଂ ରୋଗୀଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେବା ଉପରେ କାର୍ଯ୍ୟକ୍ରମରେ ଆଲୋଚନା ହୋଇଥିଲା। ମା' ଓ ନବଜାତ ଶିଶୁ ଯତ୍ନରେ ରକ୍ତ ସଞ୍ଚାଳନର ସୁଚିନ୍ତିତ ବ୍ୟବହାର ନେଇ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ଏଥିରେ ରାଜ୍ୟର ୩୦୦ରୁ ଅଧିକ ଡାକ୍ତର ଏବଂ ସ୍ୱାସ୍ଥ୍ୟକର୍ମୀ ଯୋଗଦେଇଥିଲେ।

### ପୁରୁଣା କାଚରାମାଳରେ ଦୋଳ ମହୋତ୍ସବ

ଫୁଲନଖରା,୨୧।୩(ସତ୍ୟରଞ୍ଜନ ଦାସମହାପାତ୍ର)

କଟକ ମହାନଗର ନିଗମ(ସିଏମ୍‌ସି)ର ୫୯ ନମ୍ବର ୱାର୍ଡସ୍ଥିତ ପୁରୁଣା କାଚରାମାଳ ଗ୍ରାମରେ ଦୋଳ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବୁଧବାର ରାତି ୩ଟାରୁ ଆରମ୍ଭ ହୋଇଥିବା ଏହି ମହୋତ୍ସବ ଗୁରୁବାର ସକାଳ ୮ଟାରେ ଶେଷ ହୋଇଥିଲା। ଏଥିରେ ନଖରା ଗ୍ରାମର ଲକ୍ଷେଶ୍ୱର, ବରିମୁଣ୍ଡର ଲକ୍ଷେଶ୍ୱର, ନହରକଣ୍ଟାର ସ୍ୱପ୍ନେଶ୍ୱର, ଭୀମପୁରର ମଧୁସୂଦନ ଓ ଜରିପାଟଣାର ରାଧାକାନ୍ତ ଦେବଙ୍କ ଦୋଳବିମାନ ଏହି ମହୋତ୍ସବରେ ସାମିଲ ହୋଇଥିଲା। ଶୋଭାଯାତ୍ରାରେ ଦୋଳ ବିମାନଗୁଡ଼ିକ ଗ୍ରାମରେ ପହଞ୍ଚିଲା ପରେ ପାରମ୍ପରିକ ପ୍ରଥା ଅନୁଯାୟୀ ବିଭିନ୍ନ ସାହି ପରିକ୍ରମା କରିଥିଲା। ଗ୍ରାମର ଯୁବକ ସଂଘ ସଦସ୍ୟ, ଦୋଳ ମହୋତ୍ସବ କମିଟିର ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଖାଉଟି ଅଦାଲତରେ ୱାଟ୍‌କୋ ଦଣ୍ଡିତ

**ମହଙ୍ଗା ପଡ଼ିଲା ଅନ୍‌ଲାଇନ ବିଲ୍ ଆଦାୟ**

■ତ୍ରୁଟିଯୁକ୍ତ ସେବା ପାଇଁ ଦେବେ ୧.୩ ଲକ୍ଷ କ୍ଷତିପୂରଣ

କଟକ,୨୧।୩ (କାର୍ତ୍ତିକ ସାହୁ)

ତ୍ରୁଟିଯୁକ୍ତ ସେବା ପାଇଁ ୱାଟର କର୍ପୋରେସନ ଅଫ୍ ଓଡ଼ିଶା(ୱାଟ୍‌କୋ) ଖାଉଟି ଅଦାଲତରେ ଦଣ୍ଡିତ ହୋଇଛି। ଅନ୍‌ଲାଇନ୍‌ରେ ପଇଠ କରିଥିବା ପାଣି ବିଲ୍‌କୁ ଅନାଦେୟ ଦେଖାଇ ଉପଭୋକ୍ତାଙ୍କୁ ହଇରାଣ କରିବା ଘଟଣାରେ ୱାଟ୍‌କୋ ସମ୍ପୃକ୍ତ ଉପଭୋକ୍ତାଙ୍କୁ ୧.୩ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଗୁରୁବାର ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ସେଥିମଧ୍ୟରେ କ୍ଷତିପୂରଣ ବାବଦକୁ ୫୦ ହଜାର, ସେବାରେ ତ୍ରୁଟି ଯୋଗୁ ୫୦ ହଜାର ଏବଂ ଅଦାଲତ ଖର୍ଚ୍ଚ ବାବଦରେ ୩୦ ହଜାର ଟଙ୍କା ରହିଛି। ଏଥିସହ ହିତାଧିକାରୀ ୟୁପିଆଇ ଯୋଗେ ପ୍ରଦାନ କରିଥିବା ଅର୍ଥର ୧୨% ସୁଧ ହିସାବରେ ପ୍ରଦାନ କରିବାକୁ ୱାଟ୍‌କୋ କମିଶନର, ଷ୍ଟେଟ୍‌ବ୍ୟାଙ୍କ ଚାନ୍ଦିନୀଚୌକ ଶାଖାର ଏଜିଏମ୍, କଟକ ମହାନଗର ନିଗମ କମିଶନର, ୟୁପିଆଇ ସଂସ୍ଥା (ବିଏଚ୍‌ଆଇଏମ୍)କୁ ନିର୍ଦ୍ଦେଶ ଦେଇଛନ୍ତି। ଅଦାଲତ ପକ୍ଷଭୁକ୍ତ ହୋଇଥିବା କର୍ତ୍ତୃପକ୍ଷଙ୍କୁ ତାଗିଦ କରିବା ସହ ଆବେଦନକାରୀଙ୍କୁ ନିର୍ଦ୍ଦେଶନାମାର ୩୦ ଦିନ ମଧ୍ୟରେ କ୍ଷତିପୂରଣ ରାଶି ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ଅନୁସାରେ, କରୋନା ମହାମାରୀ ସମୟରେ ୱାଟ୍‌କୋ ପକ୍ଷରୁ ପାଣି ବିଲ୍ ଅନ୍‌ଲାଇନରେ ଆଦାୟ କରାଯାଉଥିଲା। ଉପଭୋକ୍ତାମାନେ କଟକ ମହାନଗର ନିଗମ(ସିଏମ୍‌ସି)ର ଓ୍ୱେବ୍‌ସାଇଟରେ ୟୁପିଆଇ ଦ୍ୱାରା ବିଲ୍ ପଇଠ କରୁଥିଲେ। ମର୍କତନଗର ସେକ୍ଟର-୯ ଅଞ୍ଚଳର ଈଶ୍ୱର ଚନ୍ଦ୍ର ସାହୁ ଷ୍ଟେଟ୍‌ବ୍ୟାଙ୍କ ଯୋନୋ ଆପ୍ ଜରିଆରେ ତାଙ୍କର ପାଣି ବିଲ୍ ପଇଠ କରିଥିଲେ। ଈଶ୍ୱରଙ୍କ ଆକାଉଣ୍ଟରୁ ଟଙ୍କା କଟିଥିଲେ ସୁଦ୍ଧା ବିଲ୍ ଡିପୋଜିଟ୍ ହୋଇ ନ ଥିଲା। ୩ ଥର ପଇଠ ଉଦ୍ୟମ କରି ତାଙ୍କ ଆକାଉଣ୍ଟରୁ ଦୁଇଟି ୟୁପିଆଇ କାରବାରରେ ୪,୨୩୧ ଟଙ୍କା କଟିଥିଲା। ହେଲେ ବିଲ୍ ପଇଠ ହୋଇ ନ ଥିଲା। ସେ ୱାଟ୍‌କୋ କାର୍ଯ୍ୟାଳୟକୁ ଯାଇ ଏ ବାବଦରେ ପଚାରି ବୁଝିବାରୁ ବିଲ୍ ପଇଠ ହୋଇ ନ ଥିବା କଥା ତାଙ୍କୁ କୁହାଯାଇଥିଲା। ଏପରି କି ଆଉଥରେ ବିଲ୍ ପଇଠ କରିବାକୁ କୁହାଯାଇଥିଲା। ସେ ବ୍ୟାଙ୍କ ସହ ଯୋଗାଯୋଗ କରିବାରୁ ବ୍ୟାଙ୍କ ଆକାଉଣ୍ଟରୁ ଟଙ୍କା କଟିଯାଇଥିବା କହିଥିଲେ। ଉପଭୋକ୍ତା ଜଣକ ବରିଷ୍ଠ ନାଗରିକ ହୋଇଥିବାବେଳେ ସିଏମ୍‌ସିର ହେଲ୍ପ ଡେସ୍କ ସହ ଯୋଗାଯୋଗ କରି ବିଫଳ ହୋଇଥିଲେ। ସେ ଅନ୍‌ଲାଇନ ଯୋଗେ ପଇଠ କରିଥିବା ଦେୟର ତ୍ରୁଟିକୁ ସୁଧାରିବା ନିମନ୍ତେ ୱାଟ୍‌କୋ କାର୍ଯ୍ୟାଳୟକୁ ଦୌଡ଼ାଦୌଡ଼ି ନୟାନ୍ତ ହୋଇଥିଲେ। ଏପରି କଥାରେ ସେ ବ୍ୟତିବ୍ୟସ୍ତ ହେବା ସହ ବିଭିନ୍ନ ଅଧିକାରୀଙ୍କୁ ଭେଟି ସମସ୍ୟାର ସମାଧାନ ପାଇଁ ନିବେଦନ କରିଥିଲେ। ହେଲେ ସମସ୍ତଙ୍କଠାରୁ ନିରାଶ ହେବା ପରେ ସେ କଟକ ଜିଲା ଖାଉଟି ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ସାଗରିକା ସାହୁ ଓ ଅମ୍ରିତା ମହାନ୍ତି ମାମଲା ପରିଚାଳନା କରୁଥିଲେ।



ହୋଲି ଉତ୍ସବ ପାଇଁ କଟକ ବକ୍ସିବଜାର ଅଞ୍ଚଳରେ ଖୋଲିଥିବା ରଙ୍ଗ ଓ ପିଚକାରୀ ଦୋକାନ।

# ନକଲି ପାନ ମସଲା ଜବତ, ୨ ଗିରଫ



ଜବତ ସାମଗ୍ରୀ, ଗିରଫ ୨ ଅଭିଯୁକ୍ତ।

କଟକ,୨୧।୩ (କାର୍ତ୍ତିକ ସାହୁ)

ନକଲି ପାନ ମସଲା କାରବାର ଅଭିଯୋଗରେ କ୍ୟାଣ୍ଟନମେଣ୍ଟ ପୋଲିସ ୨ ଜଣଙ୍କୁ ଗିରଫକରି ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଦରଘାବଜାର ଥାନା ଅନ୍ତର୍ଗତ ମେରିଆବଜାର ଅଞ୍ଚଳର ରାକେଶ ପୃଷ୍ଟି ଓ ବକ୍ସିବଜାର ପେନ୍‌ସନ ଲେନ୍‌ର ସେକ୍ ସହିଦ୍ ବକ୍ସ। ସେମାନଙ୍କ ନିକଟରୁ ୧୦୪ଟି ନକଲି ପାନ ମସଲା ଟିଣଡବା ସହ ୨୨ଟି ପାଉଚ ଜବତ କରିଛି।

ସୂଚନାନୁସାରେ, କଟକ ସହର ସମେତ ଆଖପାଖ ଅଞ୍ଚଳରେ ନକଲି ଗୋପାଳ ପାନ ମସଲା ବିକ୍ରି ହେଉଥିବା ନେଇ ଅସଲି ଗୋପାଳ କମ୍ପାନୀ ସୂଚନା ପାଇଥିଲା। ଏ ନେଇ କମ୍ପାନୀ ପକ୍ଷରୁ କୈଳାସ ସିଂହ ଚୌହ୍ୱାନ କ୍ୟାଣ୍ଟନମେଣ୍ଟ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରିବା ସହ ବକ୍ସିବଜାରସ୍ଥିତ ପୃଷ୍ଟି ଆଣ୍ଡ୍ ପୃଷ୍ଟି ଦୋକାନ ଉପରେ ଚଢ଼ାଉ କରିଥିଲା। ସେଠାରୁ ନକଲି ପାନ ମସଲା ଜବତ କରାଯାଇଛି। ଏ ସମ୍ପର୍କରେ ଅତିରିକ୍ତ ଡିସିପି ଅନୀଲ ମିଶ୍ର କହିଛନ୍ତି, ଉକ୍ତ ଘଟଣାର ତଦନ୍ତ ଜାରି ରହିଛି। ଏହି କାରବାରରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଖୁବ୍‌ଶୀଘ୍ର ଠାବ କରାଯିବ।

# 'ବିଶ୍ୱନାଥ ସିଂହ ଏକାଧାରରେ ପ୍ରଶାସକ, ଲେଖକ, କବି ଥିଲେ'

ବାଙ୍କୀ,୨୧।୩(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ପ୍ରେସକ୍ଲବ ବିଦ୍ୟାରନ୍ ଭବନରେ କବି ସ୍ୱର୍ଗତ ବିଶ୍ୱନାଥ ସିଂହଙ୍କ ୧୦ମ ଶ୍ରାଦ୍ଧବାର୍ଷିକୀ ଉତ୍ସବ ଗୁରୁବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ବିଶ୍ୱନାଥ ସିଂହ ସ୍ମୃତି ସଂସଦ ଚଢ଼େଇ ବନ୍ଧ ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବାଙ୍କୀ ବ୍ଲକର ପୂର୍ବତନ ଅଧକ୍ଷ ତଥା ସ୍ମୃତି ସଂସଦ ସଭାପତି କାହ୍ନୁଚରଣ ସିଂହ ସଭାପତିତ୍ୱ କରିଥିଲେ। ସ୍ମୃତି ସଂସଦ ସାଧାରଣ ସମ୍ପାଦକ ଚନ୍ଦ୍ରକାନ୍ତି ସିଂହ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ସମ୍ପାଦକ ରବିନାରାୟଣ ମଙ୍ଗରାଜ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଭାରେ ମୁଖ୍ୟ ଅତିଥିଭାବେ ବାଙ୍କୀର ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଯୋଗଦେଇ ସ୍ୱର୍ଗତ ବିଶ୍ୱନାଥ ସିଂହ ଏକାଧାରରେ ଜଣେ ପ୍ରଶାସକ, ଲେଖକ, କବି, ଗାଳ୍ପିକ ଥିଲେ। ସେ ବହୁ କବିତା ରଚନା କରି ନିଜର ପରିଚୟ ବାଙ୍କୀ ତଥା ସାରା ଓଡ଼ିଶାରେ ସୃଷ୍ଟି କରିପାରିଥିଲେ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଐତିହାସିକ ସତ୍ୟବାଦୀ ବଳିୟାରସିଂହ, ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ସ୍ୱତନ୍ତ୍ର ସଚିବ ଭରତ ଚନ୍ଦ୍ର ବେହେରା, କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାଢ଼ୀ, ଏନ୍‌ଏସି ଅଧକ୍ଷା ମାଣିକ ସାହୁ, ସମବାୟବିତ୍ ସମରେନ୍ଦ୍ର ମହାପାତ୍ର, ଏନ୍‌ଏସି ଉପାଧକ୍ଷ ସନ୍ତୋଷ କୁମାର ରଣା, କବି କୌଶିକ ନାୟକ ଯୋଗଦେଇ ବିଶ୍ୱନାଥଙ୍କ ସ୍ମୃତିଚାରଣ କରିଥିଲେ। ଖବରଦାତା ଜ୍ଞାନେନ୍ଦ୍ର ମୋହନ ମିଶ୍ର, ସାହିତ୍ୟିକ ଡ. କଲ୍ୟାଣୀ ପଟ୍ଟନାୟକ, ବରିଷ୍ଠ ସାହିତ୍ୟିକ ଇଂ.ସତ୍ୟବ୍ରତ ରଥଙ୍କୁ ମାନପତ୍ର ଓ ଉପଢ଼ୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ ଧନ୍ୟବାଦ ଦେଇଥିଲେ। ପୁତ୍ର ଶାଶ୍ୱତ ସିଂହ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ୭୨ ଘଣ୍ଟା ପରେ ବି ହଟୁନି ହୋର୍ଡିଂ

**ନିର୍ବାଚନ ଆଚରଣବିଧି ଉଲ୍ଲଂଘନ**

କଟକ,୨୧।୩(ଶିକ୍ଷା ପ୍ରିୟଦର୍ଶିନୀ)

ସାଧାରଣ ନିର୍ବାଚନ ପାଇଁ ଗତ ୧୬ ତାରିଖରେ ମୁଖ୍ୟ ନିର୍ବାଚନ କମିଶନର ତାରିଖ ଘୋଷଣା କରିଥିଲେ। ଏହାପରଠାରୁ ଆଦର୍ଶ ଆଚରଣବିଧି ଲାଗୁ କରାଯାଇଛି। ଆଦର୍ଶ ଆଚରଣବିଧି ଲାଗୁ ହେବାର ୭୨ ଘଣ୍ଟା ମଧ୍ୟରେ ସମସ୍ତ ସରକାରୀ ଓ ଦଳୀୟ ହୋର୍ଡିଂ ହଟାଯିବାର ନିୟମ ରହିଛି। ହେଲେ ଏହି ନିୟମ କଟକ ମହାନଗର ନିଗମ(ସିଏମ୍‌ସି) ଅଞ୍ଚଳରେ କଡ଼ାକଡ଼ି ଭାବେ ପାଳନ କରାଯାଇ ନ ଥିବା ଦେଖିବାକୁ ମିଳିଛି। ହୋର୍ଡିଂ ହଟାଇବା ପାଇଁ ସିଏମ୍‌ସି ପକ୍ଷରୁ ୪ଟି ଏନ୍‌ଫୋର୍ସମେଣ୍ଟ ଟିମ୍ ଗଠନ କରାଯାଇଥିଲା। ନିର୍ବାଚନ ଆଚରଣବିଧି ଲାଗୁ ହେବାର ପରଦିନଠାରୁ ସହରର ବିଭିନ୍ନ ଅଞ୍ଚଳରେ ଲାଗିଥିବା ୱାଟ୍‌କୋ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ଜାଗା ମିଶନ୍, ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍, ଟିପିସିଓଡିଏଲ୍, କାଳିଆ ଯୋଜନାର ହୋର୍ଡିଂ କଢାଯିବା ସହ କେତେକ ହୋର୍ଡିଂକୁ କପଡ଼ାରେ ଘୋଡ଼ାଇ ଦିଆଯାଇଛି। ହେଲେ ଏହି କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇନାହିଁ। ସହରର ପ୍ରମୁଖ ସ୍ଥାନ ଯଥା-ଷ୍ଟୁଆର୍ଟ କଲୋନୀ, ସିଡିଏ ଅଞ୍ଚଳ, ପେଟାନାଳ ସମେତ ଅନ୍ୟ କିଛି ଜାଗାରେ ହୋର୍ଡିଂ ଲାଗିଥିବା ଗୁରୁବାର ଦେଖିବାକୁ ମିଳିଛି। ଏନେଇ ସିଏମ୍‌ସି କମିଶନର ବିଜୟ କୁମାର ଦାସ କହିଛନ୍ତି, ହୋର୍ଡିଂ କଢାଯିବା ପାଇଁ ସ୍ୱତନ୍ତ୍ର ଏନ୍‌ଫୋର୍ସମେଣ୍ଟ ଟିମ୍ ଗଠନ କରାଯାଇଛି। ସହରର ବିଭିନ୍ନ ସ୍ଥାନରୁ ପ୍ରାୟତଃ ହୋର୍ଡିଂ କଢାଯାଇଛି। ଯଦି କିଛି ସ୍ଥାନରେ ଭୁଲ୍‌ବଶତଃ ହୋର୍ଡିଂ ରହିଯାଇଛି, ତାହାକୁ ତୁରନ୍ତ କଢାଯିବ।

# ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲଦଣ୍ଡ

**ନାବାଳିକା ବଳାତ୍କାର ମାମଲା**

କଟକ,୨୧।୩ (କାର୍ତ୍ତିକ ସାହୁ)

ନାବାଳିକା ବଳାତ୍କାର ମାମଲାରେ ସ୍ୱତନ୍ତ୍ର ଫାଷ୍ଟଟ୍ରାକ୍ ତଥା ପୋକ୍‌ସୋ ଅଦାଲତ ଜଣେ ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲଦଣ୍ଡ ସହ ୫ ହଜାର ଟଙ୍କା ଜରିମାନା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବାକୁ ପଡିବ ବୋଲି ରାୟରେ ସ୍ପଷ୍ଟ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ଜଗତପୁର ଡିଗିସାହିର ସୋମୁ ଓରଫ ସୌମ୍ୟରଞ୍ଜନ ମହାନ୍ତି। ଅପରପକ୍ଷରେ ପୀଡ଼ିତାଙ୍କୁ ୩ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ନିମନ୍ତେ ଜିଲା ଆଇନସେବା ପ୍ରାଧିକରଣକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ଅନୁସାରେ, ୨୦୧୫ ମସିହାରେ ଜଗତ୍‌ପୁର ଥାନା ଅଞ୍ଚଳର ୧୫ ବର୍ଷୀୟା ନାବାଳିକାଙ୍କୁ ଅପହରଣ କରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଏ ନେଇ ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ କରିଥିଲା। ଅପହରଣର ଦେଢ଼ ମାସ ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଅଭିଯୁକ୍ତ ଜଣକ ନାବାଳିକାଙ୍କୁ ଏକ ଘରେ ଦେଢ଼ମାସ ରଖିବା ସହ ବଳାତ୍କାର କରିଥିବା ତଦନ୍ତରୁ ଜଣାପଡ଼ିଥିଲା। ପୋଲିସ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିବା ପରେ ଚାର୍ଜଶିଟ୍ ଦାଖଲ କରିଥିଲା। ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତରେ ମାମଲାର ବିଚାର ହୋଇଥିଲା। ୨୦ଜଣ ସାକ୍ଷୀ ଓ ୧୪ଟି ପ୍ରମାଣକୁ ଆଧାରକରି ଅଦାଲତ ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ବିଶ୍ୱଜିତ୍ ରାୟ ମାମଲା ପରିଚାଳନା କରୁଥିଲେ।

# ଫାଇନାଲରେ ପ୍ରତାପନଗରୀ



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

**ରାଜ୍ୟସ୍ତରୀୟ ଫୁଟବଲ୍ ଟୁର୍ନାମେଣ୍ଟ**

ବଡ଼ମ୍ବା,୨୧।୩(ମାୟାଧର ମଲ୍ଲିକ)

ବଡ଼ମ୍ବା ବ୍ଲକ ଅନ୍ତର୍ଗତ ଶଙ୍ଖାମେରୀସ୍ଥିତ ବାପୁଜୀ ଫୁଟବଲ ଆସୋସିଏଶନ ଆନୁକୂଲ୍ୟରେ ଶଙ୍ଖାମେରୀ ପଡ଼ିଆରେ ଚାଲିଥିବା ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟର ଗୁରୁବାର ପ୍ରଥମ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ ପ୍ରତାପନଗରୀ, କଟକ ଓ ମା ମଙ୍ଗଳା, ଗୋଠପୁର, କଟକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚର ପ୍ରଥମାର୍ଦ୍ଧରେ ପ୍ରତାପନଗରୀ ଦଳ ଗୋଠପୁର ଦଳ ବିପକ୍ଷରେ ଏକ ଗୋଲ ଦେଇଥିଲେ। ସେହିପରି ଦ୍ୱିତୀୟାର୍ଦ୍ଧ ଶେଷ ବେଳକୁ ଗୋଠପୁର ଦଳ ପ୍ରତାପନଗରୀ ବିପକ୍ଷରେ ଏକ ଗୋଲ ଦେଇ ମ୍ୟାଚକୁ ସମାନ ସ୍ଥିତିକୁ ଆଣିଥିଲା। ଟାଇବ୍ରେକର ମାଧ୍ୟମରେ ପ୍ରତାପନଗରୀ ଦଳ ମ୍ୟାଚରେ ବିଜୟୀ ହୋଇ ଫାଇନାଲ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛି। ମୁଖ୍ୟ ଅତିଥିଭାବେ ଆମ୍ବା କମିଟି ଅଧକ୍ଷ ପ୍ରଦୀପ କୁମାର ସ୍ୱାଇଁ ଓ ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ଦିଲ୍ଲୀପ ପଙ୍ଗାରୀ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ କିଶୋର କୁମାର ରାଉତରାୟ, ତାପସ ମଲ୍ଲିକ ଓ ପ୍ରକାଶ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ରାଜଦୋଳ ମେଳଣରେ ୪୪ ବିମାନ ସାମିଲ



ମେଳଣରେ ସାମିଲ ହୋଇଥିବା ଦୋଳବିମାନ।

ଚୌଦ୍ୱାର,୨୧।୩(ଆଶୁତୋଷ ଦାସ)

ଚୌଦ୍ୱାର ଅଞ୍ଚଳର ପ୍ରଥମ ଦୋଳ ଉତ୍ସବ ଆଗ୍ରାହାଟ ରାଜଦୋଳ ମେଳଣ ବୁଧବାର ଅନୁଷ୍ଠିତ ହୋଇଯାଇଛି। ୪୪ ମଣ୍ଡଳ ରାଜଦୋଳ କମିଟି ଆନୁକୂଲ୍ୟରେ ଆଗ୍ରାହାଟସ୍ଥିତ ଉତ୍ତରେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ମେଳଣରେ ସ୍ଥାନୀୟ ଅଞ୍ଚଳର ମୋଟ ୪୪ଟି ବିମାନ ଅଂଶଗ୍ରହଣ କରିଥିଲେ। ଥାନପତି ଦଧିବାମନଜୀଉଙ୍କ ବିମାନ ଶୋଭାଯାତ୍ରାରେ ଆସି ପ୍ରଥମେ ମେଳଣ ମଣ୍ଡପରେ ଅଧିଷ୍ଠିତ ହୋଇଥିଲା। ଏହାପରେ ଚୌଦ୍ୱାର, ପାଇକରାପୁର, ଦେବୀନଗର, ଯାଜଭୈରବ ନୂଆଗାଁ, ଚଷାପଡ଼ା, ଚିତ୍ରେଶ୍ୱର, ଜଗତପୁର, ଫକୀରପୁର, ନାନକାର, ତୋରଳ ଆଦି ଅଞ୍ଚଳର ଦୋଳବିମାନ ଶୋଭାଯାତ୍ରାରେ ଆସି ମେଳଣ ପଡ଼ିଆରେ ଏକତ୍ରିତ ହୋଇଥିଲେ। ଆୟୋଜକ ରାଜଦୋଳ କମିଟି ପକ୍ଷରୁ ପ୍ରତ୍ୟେକ ବିମାନକୁ ସ୍ୱାଗତ କରାଯାଇଥିଲା। କାଳବୈଶାଖୀ ଜନିତ ବର୍ଷା ଓ କୋହଲା ପାଗ ପାଇଁ ଏହି ଯାତ୍ରାର ବିଶେଷ ଆକର୍ଷଣ ଆତସବାଜି ପ୍ରତିଯୋଗିତାକୁ ଚଳିତବର୍ଷ ବନ୍ଦ ରଖାଯାଇଥିଲା। ଫଳରେ ଲୋକମାନେ ଏହାକୁ ଦେଖିବାରୁ ବଞ୍ଚିତ ହୋଇଥିଲେ। ୪୪ ମଣ୍ଡଳ ରାଜଦୋଳ କମିଟି ସଭାପତି ଦୀପକ କୁମାର ମଙ୍ଗରାଜ, ଆଗ୍ରାହାଟ ମେଳଣ କମିଟି ମୁଖ୍ୟ ଭାଗୀରଥି ବେଉରା, ମୁକୁନ୍ଦଦେବ ବରାଳ, ଉମେଶ ଚନ୍ଦ୍ର ମହାରଣା, ପ୍ରଦୀପ୍ତ ବେହେରା, ପ୍ରିୟବ୍ରତ ସ୍ୱାଇଁ, ହୃଷୀକେଶ ରାଉତ, ଜୟନ୍ତ ବରାଳ, ଆଦିକନ୍ଦ ନାୟକ, ଅକ୍ଷୟ ବରାଳଙ୍କ ସମେତ ସମସ୍ତ ସଦସ୍ୟ ଓ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



କଟକ ମିଶନ ରୋଡ୍ ପାର୍ଶ୍ୱରେ ବିକ୍ରି ପାଇଁ ରଖାଯାଇଥିବା ତରଭୁଜ।

# ୩ ନିଶା ବେପାରୀଙ୍କୁ ୧୦ବର୍ଷ ଲେଖାଏ ଜେଲଦଣ୍ଡ

**ବେଆଇନ ଗଞ୍ଜେଇ ଚାଲାଣ ମାମଲା**

କଟକ,୨୧।୩ (କାର୍ତ୍ତିକ ସାହୁ)

ବେଆଇନ ଗଞ୍ଜେଇ ଚାଲାଣ ମାମଲାରେ ଗିରଫ ହୋଇଥିବା ୩ ନିଶା ବେପାରୀ ଦ୍ୱିତୀୟ ଅତିରିକ୍ତ ଜିଲା ଜଜ୍ କୋର୍ଟରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଅଦାଲତ ମାମଲାର ରାୟ ପ୍ରକାଶ କରି ଅଭିଯୁକ୍ତମାନଙ୍କୁ ୧୦ବର୍ଷ ଲେଖାଏଁ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଅଭିଯୁକ୍ତମାନେ ହେଲେ ପଶ୍ଚିମବଙ୍ଗ ନଏଡ଼ା ଜିଲା ବିନ୍ଦୁନାଥପୁରର ରାଜେଶ ମଜୁମଦାର, ବର୍ଦ୍ଧମାନ ଜିଲା ଦକ୍ଷିଣ ଶ୍ରୀରାମପୁରର ଧ୍ରୁବ ମଣ୍ଡଳ, ଦକ୍ଷିଣ ୨୪ ପ୍ରଗଣା ଜିଲା ୮ ପ୍ରଗଳା ଡଙ୍ଗାରୋଡ୍ ଅଞ୍ଚଳର ବିଜୟ ରଜାକ। ସେହିପରି ପ୍ରତ୍ୟେକଙ୍କୁ ୧ଲକ୍ଷ ଟଙ୍କା ଲେଖାଏ ଜରିମାନା ଦାଖଲ ପାଇଁ ଅଦାଲତ ରାୟ ପ୍ରଦାନ କରିଛନ୍ତି। ଜରିମାନା ଅନାଦାୟେ ଅଧିକ ୬ମାସ ଜେଲଦଣ୍ଡ ଭୋଗିବାକୁ ହେବ ବୋଲି ଅଦାଲତ ରାୟରେ ସ୍ପଷ୍ଟ କରିଛନ୍ତି।

ମାମଲାର ବିବରଣୀ ଅନୁସାରେ, ୨୦୨୨ ନଭେମ୍ବର ୨୧ରେ ମାମଲାଟି ରୁଜୁ ହୋଇଥିଲା। ଟାଙ୍ଗୀ ଟୋଲ୍‌ଗେଟ୍ ଦେଇ ଗଞ୍ଜେଇ ଚାଲାଣ ହେଉଥିବା ଜିଲା ଅବକାରୀ ଟିମ୍ ଜାଣିବାକୁ ପାଇଥିଲା। ଇନ୍ସପେକ୍ଟର ସତ୍ୟଜିତ୍ ଖଟୁଆଙ୍କ ନେତୃତ୍ୱରେ ଏକ ଟିମ୍ ଭୋର ୫ଟା ସମୟରେ ସେଠାରେ ଯାନବାହନ ଯାଞ୍ଚ କରିଥିଲା। ପଶ୍ଚିମବଙ୍ଗ ନମ୍ବର ଥିବା ଏକ କାର୍‌କୁ ଅଟକାଇ ଯାଞ୍ଚ କରାଯାଇଥିଲା। କାର୍ ମଧ୍ୟରୁ ୧୨୦ କିଲୋ ଗଞ୍ଜେଇ ଜବତ ସହ ଏହି କାରବାର ସହ ଜଡ଼ିତ ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। କନ୍ଧମାଳରୁ ଗଞ୍ଜେଇ ନେଇ ପଶ୍ଚିମବଙ୍ଗ ଚାଲାଣ କରାଯାଉଥିବା ତଦନ୍ତରୁ ଜଣାପଡ଼ିଥିଲା। ଅଭିଯୁକ୍ତମାନଙ୍କ ବିରୋଧରେ ଚାର୍ଜଶିଟ ଦାଖଲ କରିବା ପରେ କଟକ ଜିଲା ଦ୍ୱିତୀୟ ଅତିରିକ୍ତ ଜିଲା ଜଜ୍‌ଙ୍କ ଅଦାଲତରେ ମାମଲା ବିଚାର ହୋଇଥିଲା। ୪ଜଣ ସାକ୍ଷୀ ଓ ୨୫ଟି ପ୍ରମାଣକୁ ଆଧାରକରି ଅତିରିକ୍ତ ଜିଲା ସେସନ୍ସ ଜଜ୍ ଶ୍ରୋତସ୍ୱିନୀ କର ଅଭିଯୁକ୍ତମାନଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ଦେବାଶିଷ ସାମନ୍ତରାୟ ଓ ବିଶ୍ୱଜିତ୍ ବରାଳ ମାମଲା ପରିଚାଳନା କରୁଥିଲେ।

## ବୁଥ୍‌ସ୍ତରୀୟ ସାଙ୍ଗଠନିକ ବୈଠକ

କଟକ,(ଶିକ୍ଷା ପ୍ରିୟଦର୍ଶିନୀ): ବରିଷ୍ଠ କଂଗ୍ରେସ ନେତା ଇଂ. ମହମ୍ମଦ ମୋକିମଙ୍କ ଆବାସିକ କାର୍ଯ୍ୟାଳୟଠାରେ ୱାର୍ଡ ନଂ.୨୨ର ବୁଥ୍‌ସ୍ତରୀୟ ସାଙ୍ଗଠନିକ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋକିମ ଯୋଗଦେଇ ୱାର୍ଡ ଅଞ୍ଚଳରେ ସଙ୍ଗଠନକୁ ଆହୁରି ସୁଦୃଢ଼ କରାଯିବା, ପ୍ରତ୍ୟେକ ଘରେ ଯାଇ ଭୋଟର ଲିଷ୍ଟ ଧରି ଲୋକଙ୍କ ସହିତ ସମ୍ପର୍କ ସ୍ଥାପନ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି ବୈଠକରେ ପୂର୍ବତନ କର୍ପୋରେଟର ଅନିତା ନାୟକ, ବିରଜା ଦାସ, ସେକ୍ ଅଜିଜ, ଶେଷଦେବ ସାହୁ, ସେକ୍ ଇର୍‌ଫାନ, ଅଜୟ ଗୋଚ୍ଛାୟତଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

**ସଂକ୍ଷେପରେ**

## ବ୍ଲକ କାର୍ଯ୍ୟାଳୟକୁ ଫେରିଲା ୩.୨୨ ଲକ୍ଷ ଟଙ୍କା

**ରାଜ୍ୟ ସରକାରଙ୍କ ଜୀବିକା ସହାୟତା ରାଶି**

କଟକ ସଦର, ୨୧।୩(ସୁଶାନ୍ତ କୁମାର ଜେନା)

ରାଜ୍ୟ ସରକାର ରାଶନ କାର୍ଡଧାରୀଙ୍କ ପାଇଁ ୧ ହଜାର ଟଙ୍କା ଲେଖାଏଁ ଜୀବିକା ସହାୟତା ରାଶି ଘୋଷଣା କରିଥିଲେ। ମାତ୍ର ହିତାଧିକାରୀ ନ ମିଳିବାରୁ କଟକ ସଦର ବ୍ଲକ ଅନ୍ତର୍ଗତ ୨୩ଟି ପଞ୍ଚାୟତରେ ବଣ୍ଟନ ହୋଇ ପାରି ନ ଥିବା ୩୨୨ ଜଣଙ୍କର ୩ ଲକ୍ଷ ୨୨ ହଜାର ଟଙ୍କା ବ୍ଲକ କାର୍ଯ୍ୟାଳୟକୁ ଫେରିଆସିଛି। ଏତେ ସଂଖ୍ୟକ ହିତାଧିକାରୀ କୁଆଡ଼େ ଗଲେ ତାହାର ତଦନ୍ତ ଆରମ୍ଭ ହୋଇଛି। କାରଣ ଫେବୃଆରୀରେ ଏହି ହିତାଧିକାରୀମାନେ ୪ ମାସର ଚାଉଳ ଉଠାଇଥିଲେ। ୧ ମାସ ପରେ ଏମାନେ ଅନ୍ତର୍ଦ୍ଧାନ ହୋଇଯିବା ସାଧାରଣରେ ଆଲୋଚନାର ବିଷୟ ହୋଇଛି। ଏହି ଅର୍ଥ ଉଠାଣ ପାଇଁ ବାୟୋମେଟ୍ରିକ ଛାପ ଦେବା ବାଧ୍ୟତାମୂଳକ କରାଯାଇଥିଲା। ଏନେଇ ବ୍ଲକ୍ ଯୋଗାଣ ନିରୀକ୍ଷକ ନୀହାର ରଞ୍ଜନ ସ୍ୱାଇଁଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ରାଜ୍ୟସ୍ତରୀୟ ସିଏମ୍ଇ କାର୍ଯ୍ୟକ୍ରମ

କଟକ,୨୧।୩(ଶିକ୍ଷା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲ୍ କଲେଜ ଆଣ୍ଡ ହସ୍ପିଟାଲର ରକ୍ତ ସଞ୍ଚରଣ ବିଭାଗ ଏବଂ ରକ୍ତ ଭଣ୍ଡାରର ମିଳିତ ଉଦ୍ୟମରେ ରକ୍ତ ସଞ୍ଚରଣର ଯୁକ୍ତିସଙ୍ଗତ ଉପଯୋଗ ପଦ୍ଧତି ନେଇ ରାଜ୍ୟସ୍ତରୀୟ ସିଏମ୍ଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ଏସ୍‌ସିବି ମେଡିକାଲ କଲେଜ ଡିନ୍ ପ୍ରଫେସର ଡ. ପ୍ରସେନ୍‌ଜିତ ମହାନ୍ତି, ଅଧୀକ୍ଷକ ପ୍ରଫେସର ଡ. ସୁଧାଂଶୁ ଶେଖର ମିଶ୍ର, ଟ୍ରାନ୍ସଫ୍ୟୁଜନ୍ ମେଡିସିନ ବିଭାଗୀୟ ମୁଖ୍ୟ ପ୍ରଫେସର ଡ. ସ୍ମିତା ମହାପାତ୍ର, ଆସୋସିଏଟ୍ ପ୍ରଫେସର ଡ. ସୁସ୍ମିତା ବେହେରା, ବ୍ଲଡ୍ ସେଫ୍ଟି ନିର୍ଦ୍ଦେଶକ ଡ. ନୀଳକାନ୍ତ ମିଶ୍ର ଅତିଥି ଭାବେ ଯୋଗ ଦେଇଥିଲେ। ରକ୍ତ ସଞ୍ଚରଣ ପଦ୍ଧତିକ ସହ ବିଭିନ୍ନ ବିଶେଷଜ୍ଞମାନେ ରକ୍ତର ସୁଦୁପଯୋଗ, ଅନାବଶ୍ୟକ ରକ୍ତ ସଞ୍ଚରଣକୁ କମ୍ କରିବା ଏବଂ ରୋଗୀଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେବା ଉପରେ କାର୍ଯ୍ୟକ୍ରମରେ ଆଲୋଚନା ହୋଇଥିଲା। ମା' ଓ ନବଜାତ ଶିଶୁ ଯତ୍ନରେ ରକ୍ତ ସଞ୍ଚାଳନର ସୁଚିନ୍ତିତ ବ୍ୟବହାର ନେଇ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ଏଥିରେ ରାଜ୍ୟର ୩୦୦ରୁ ଅଧିକ ଡାକ୍ତର ଏବଂ ସ୍ୱାସ୍ଥ୍ୟକର୍ମୀ ଯୋଗଦେଇଥିଲେ।

## ପୁରୁଣା କାଚରାମାଳରେ ଦୋଳ ମହୋତ୍ସବ

ଫୁଲନଖରା,୨୧।୩(ସତ୍ୟରଞ୍ଜନ ଦାସମହାପାତ୍ର)

କଟକ ମହାନଗର ନିଗମ(ସିଏମ୍‌ସି)ର ୫୯ ନମ୍ବର ୱାର୍ଡସ୍ଥିତ ପୁରୁଣା କାଚରାମାଳ ଗ୍ରାମରେ ଦୋଳ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବୁଧବାର ରାତି ୩ଟାରୁ ଆରମ୍ଭ ହୋଇଥିବା ଏହି ମହୋତ୍ସବ ଗୁରୁବାର ସକାଳ ୮ଟାରେ ଶେଷ ହୋଇଥିଲା। ଏଥିରେ ନଖରା ଗ୍ରାମର ଲକ୍ଷେଶ୍ୱର, ବରିମୁଣ୍ଡର ଲକ୍ଷେଶ୍ୱର, ନହରକଣ୍ଟାର ସ୍ୱପ୍ନେଶ୍ୱର, ଭୀମପୁରର ମଧୁସୂଦନ ଓ ଜରିପାଟଣାର ରାଧାକାନ୍ତ ଦେବଙ୍କ ଦୋଳବିମାନ ଏହି ମହୋତ୍ସବରେ ସାମିଲ ହୋଇଥିଲା। ଶୋଭାଯାତ୍ରାରେ ଦୋଳ ବିମାନଗୁଡ଼ିକ ଗ୍ରାମରେ ପହଞ୍ଚିଲା ପରେ ପାରମ୍ପରିକ ପ୍ରଥା ଅନୁଯାୟୀ ବିଭିନ୍ନ ସାହି ପରିକ୍ରମା କରିଥିଲା। ଗ୍ରାମର ଯୁବକ ସଂଘ ସଦସ୍ୟ, ଦୋଳ ମହୋତ୍ସବ କମିଟିର ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଖାଉଟି ଅଦାଲତରେ ୱାଟ୍‌କୋ ଦଣ୍ଡିତ

**ମହଙ୍ଗା ପଡ଼ିଲା ଅନ୍‌ଲାଇନ ବିଲ୍ ଆଦାୟ**

■ ତ୍ରୁଟିଯୁକ୍ତ ସେବା ପାଇଁ ଦେବେ ୧.୩ ଲକ୍ଷ କ୍ଷତିପୂରଣ

କଟକ,୨୧।୩ (କାର୍ତ୍ତିକ ସାହୁ)

ତ୍ରୁଟିଯୁକ୍ତ ସେବା ପାଇଁ ୱାଟର କର୍ପୋରେଶନ ଅଫ୍ ଓଡ଼ିଶା(ୱାଟ୍‌କୋ) ଖାଉଟି ଅଦାଲତରେ ଦଣ୍ଡିତ ହୋଇଛି। ଅନ୍‌ଲାଇନ୍‌ରେ ପଇଠ କରିଥିବା ପାଣି ବିଲ୍‌କୁ ଅନାଦେୟ ଦେଖାଇ ଉପଭୋକ୍ତାଙ୍କୁ ହଇରାଣ କରିବା ଘଟଣାରେ ୱାଟ୍‌କୋ ସମ୍ପୃକ୍ତ ଉପଭୋକ୍ତାଙ୍କୁ ୧.୩ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଗୁରୁବାର ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ସେଥିମଧ୍ୟରେ କ୍ଷତିପୂରଣ ବାବଦକୁ ୫୦ ହଜାର, ସେବାରେ ତ୍ରୁଟି ଯୋଗୁ ୫୦ ହଜାର ଏବଂ ଅଦାଲତ ଖର୍ଚ୍ଚ ବାବଦରେ ୩୦ ହଜାର ଟଙ୍କା ରହିଛି। ଏଥିସହ ହିତାଧିକାରୀ ୟୁପିଆଇ ଯୋଗେ ପ୍ରଦାନ କରିଥିବା ଅର୍ଥର ୧୨% ସୁଧ ହିସାବରେ ପ୍ରଦାନ କରିବାକୁ ୱାଟ୍‌କୋ କମିଶନର, ଷ୍ଟେଟ୍‌ବ୍ୟାଙ୍କ ଚାନ୍ଦିନୀଚୌକ ଶାଖାର ଏଜିଏମ୍, କଟକ ମହାନଗର ନିଗମ କମିଶନର, ୟୁପିଆଇ ସଂସ୍ଥା (ବିଏଚ୍ଆଇଏମ୍)କୁ ନିର୍ଦ୍ଦେଶ ଦେଇଛନ୍ତି। ଅଦାଲତ ପକ୍ଷଭୁକ୍ତ ହୋଇଥିବା କର୍ତ୍ତୃପକ୍ଷଙ୍କୁ ତାଗିଦ କରିବା ସହ ଆବେଦନକାରୀଙ୍କୁ ନିର୍ଦ୍ଦେଶନାମାର ୩୦ ଦିନ ମଧ୍ୟରେ କ୍ଷତିପୂରଣ ରାଶି ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ଅନୁସାରେ, କରୋନା ମହାମାରୀ ସମୟରେ ୱାଟ୍‌କୋ ପକ୍ଷରୁ ପାଣି ବିଲ୍ ଅନ୍‌ଲାଇନରେ ଆଦାୟ କରାଯାଉଥିଲା। ଉପଭୋକ୍ତାମାନେ କଟକ ମହାନଗର ନିଗମ(ସିଏମ୍‌ସି)ର ୱେବ୍‌ସାଇଟ୍‌ରେ ୟୁପିଆଇ ଦ୍ୱାରା ବିଲ୍ ପଇଠ କରୁଥିଲେ। ମର୍କତନଗର ସେକ୍ଟର-୯ ଅଞ୍ଚଳର ଈଶ୍ୱର ଚନ୍ଦ୍ର ସାହୁ ଷ୍ଟେଟ୍‌ବ୍ୟାଙ୍କ ୟୋନୋ ଆପ୍ ଜରିଆରେ ତାଙ୍କର ପାଣି ବିଲ୍ ପଇଠ କରିଥିଲେ। ଈଶ୍ୱରଙ୍କ ଆକାଉଣ୍ଟରୁ ଟଙ୍କା କଟିଥିଲେ ସୁଦ୍ଧା ବିଲ୍ ଡିପୋଜିଟ୍ ହୋଇ ନ ଥିଲା। ୩ ଥର ପଇଠ ଉଦ୍ୟମ କରି ତାଙ୍କ ଆକାଉଣ୍ଟରୁ ଦୁଇଟି ୟୁପିଆଇ କାରବାରରେ ୪,୨୩୯ ଟଙ୍କା କଟିଥିଲା। ହେଲେ ବିଲ୍ ପଇଠ ହୋଇ ନ ଥିଲା। ସେ ୱାଟ୍‌କୋ କାର୍ଯ୍ୟାଳୟକୁ ଯାଇ ଏ ବାବଦରେ ପଚାରି ବୁଝିବାରୁ ବିଲ୍ ପଇଠ ହୋଇ ନ ଥିବା ତାଙ୍କୁ କୁହାଯାଇଥିଲା। ଏପରି କି ଆଉଥରେ ବିଲ୍ ପଇଠ କରିବାକୁ କୁହାଯାଇଥିଲା। ସେ ବ୍ୟାଙ୍କ ସହ ଯୋଗାଯୋଗ କରିବାରୁ ବ୍ୟାଙ୍କ ଆକାଉଣ୍ଟରୁ ଟଙ୍କା କଟିଯାଇଥିବା କହିଥିଲେ। ଉପଭୋକ୍ତା ଜଣକ ବରିଷ୍ଠ ନାଗରିକ ହୋଇଥିବାବେଳେ ସିଏମ୍‌ସିର ହେଲ୍ପ ଡେସ୍କ ସହ ଯୋଗାଯୋଗ କରି ବିଫଳ ହୋଇଥିଲେ। ସେ ଅନ୍‌ଲାଇନ ଯୋଗେ ପଇଠ କରିଥିବା ଦେୟର ତ୍ରୁଟିକୁ ସୁଧାରିବା ନିମନ୍ତେ ୱାଟ୍‌କୋ କାର୍ଯ୍ୟାଳୟକୁ ଦୌଡ଼ିଦୌଡ଼ି ନୟାନ୍ତ ହୋଇଥିଲେ। ଏପରି କଥାରେ ସେ ବ୍ୟତିବ୍ୟସ୍ତ ହେବା ସହ ବିଭିନ୍ନ ଅଧିକାରୀଙ୍କୁ ଭେଟି ସମସ୍ୟାର ସମାଧାନ ପାଇଁ ନିବେଦନ କରିଥିଲେ। ହେଲେ ସମସ୍ତଙ୍କଠାରୁ ନିରାଶ ହେବା ପରେ ସେ କଟକ ଜିଲା ଖାଉଟି ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ସାଗରିକା ସାହୁ ଓ ଅମ୍ରିତା ମହାନ୍ତି ମାମଲା ପରିଚାଳନା କରୁଥିଲେ।

## ନକଲି ପାନ ମସଲା ଜବତ, ୨ ଗିରଫ



ଜବତ ସାମଗ୍ରୀ, ଗିରଫ ୨ ଅଭିଯୁକ୍ତ।

କଟକ,୨୧।୩ (କାର୍ତ୍ତିକ ସାହୁ)

ନକଲି ପାନ ମସଲା କାରବାର ଅଭିଯୋଗରେ କ୍ୟାଣ୍ଟନମେଣ୍ଟ ପୋଲିସ ୨ ଜଣଙ୍କୁ ଗିରଫକରି ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଦରଘାବଜାର ଥାନା ଅନ୍ତର୍ଗତ ମେରିଆବଜାର ଅଞ୍ଚଳର ରାକେଶ ପୃଷ୍ଟି ଓ ବକ୍ସିବଜାର ପେନ୍‌ସନ ଲେନ୍‌ର ସେକ୍ ସହିଦ୍ ବକ୍ସ। ସେମାନଙ୍କ ନିକଟରୁ ୧୦୪ଟି ନକଲି ପାନ ମସଲା ଟିଣଡବା ସହ ୨୨ଟି ପାଉଚ ଜବତ କରିଛି।

ସୂଚନାନୁସାରେ, କଟକ ସହର ସମେତ ଆଖପାଖ ଅଞ୍ଚଳରେ ନକଲି ଗୋପାଳ ପାନ ମସଲା ବିକ୍ରି ହେଉଥିବା ନେଇ ଅସଲି ଗୋପାଳ କମ୍ପାନୀ ସୂଚନା ପାଇଥିଲା। ଏ ନେଇ କମ୍ପାନୀ ପକ୍ଷରୁ କୈଳାସ ସିଂହ ଚୌହାନ କ୍ୟାଣ୍ଟନମେଣ୍ଟ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରିବା ସହ ବକ୍ସିବଜାରସ୍ଥିତ ପୃଷ୍ଟି ଆଣ୍ଡ ପୃଷ୍ଟି ଦୋକାନ ଉପରେ ଚଢ଼ାଉ କରିଥିଲା। ସେଠାରୁ ନକଲି ପାନ ମସଲା ଜବତ କରାଯାଇଛି। ଏ ସମ୍ପର୍କରେ ଅତିରିକ୍ତ ଡିସିପି ଅନୀଲ ମିଶ୍ର କହିଛନ୍ତି, ଉକ୍ତ ଘଟଣାର ତଦନ୍ତ ଜାରି ରହିଛି। ଏହି କାରବାରରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଖୁବ୍‌ଶୀଘ୍ର ଠାବ କରାଯିବ।



ହୋଲି ଉତ୍ସବ ପାଇଁ କଟକ ବକ୍ସିବଜାର ଅଞ୍ଚଳରେ ଖୋଲିଥିବା ରଙ୍ଗ ଓ ପିଚକାରୀ ଦୋକାନ।

## 'ବିଶ୍ୱନାଥ ସିଂହ ଏକାଧାରରେ ପ୍ରଶାସକ, ଲେଖକ, କବି ଥିଲେ'

ବାଙ୍କୀ,୨୧।୩(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ପ୍ରେସକ୍ଲବ ବିଦ୍ୟାରଣ୍ୟ ଭବନରେ କବି ସ୍ୱର୍ଗତ ବିଶ୍ୱନାଥ ସିଂହଙ୍କ ୧୦ମ ଶ୍ରାଦ୍ଧବାର୍ଷିକୀ ଉତ୍ସବ ଗୁରୁବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ବିଶ୍ୱନାଥ ସିଂହ ସ୍ମୃତି ସଂସଦ ଚଢ଼େଇ ବନ୍ଧ ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବାଙ୍କୀ ବ୍ଲକର ପୂର୍ବତନ ଅଧକ୍ଷ ତଥା ସ୍ମୃତି ସଂସଦ ସଭାପତି କାହ୍ନୁଚରଣ ସିଂହ ସଭାପତିତ୍ୱ କରିଥିଲେ। ସ୍ମୃତି ସଂସଦ ସାଧାରଣ ସମ୍ପାଦକ ଚନ୍ଦ୍ରକାନ୍ତି ସିଂହ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ସମ୍ପାଦକ ରବିନାରାୟଣ ମଙ୍ଗରାଜ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଭାରେ ମୁଖ୍ୟ ଅତିଥିଭାବେ ବାଙ୍କୀର ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଯୋଗଦେଇ ସ୍ୱର୍ଗତ ବିଶ୍ୱନାଥ ସିଂହ ଏକାଧାରରେ ଜଣେ ପ୍ରଶାସକ, ଲେଖକ, କବି, ଗାଳ୍ପିକ ଥିଲେ। ସେ ବହୁ କବିତା ରଚନା କରି ନିଜର ପରିଚୟ ବାଙ୍କୀ ତଥା ସାରା ଓଡ଼ିଶାରେ ସୃଷ୍ଟି କରିପାରିଥିଲେ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଐତିହାସିକ ସତ୍ୟବାଦୀ ବଳିୟାରସିଂହ, ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ସ୍ୱତନ୍ତ୍ର ସଚିବ ଭରତ ଚନ୍ଦ୍ର ବେହେରା, କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାଢ଼ୀ, ଏନ୍ଏସି ଅଧକ୍ଷା ମାଣିକ ସାହୁ, ସମବାୟବିତ୍ ସମରେନ୍ଦ୍ର ମହାପାତ୍ର, ଏନ୍ଏସି ଉପାଧକ୍ଷ ସନ୍ତୋଷ କୁମାର ରଣା, କବି କୌଶିକ ନାୟକ ଯୋଗଦେଇ ବିଶ୍ୱନାଥଙ୍କ ସ୍ମୃତିଚାରଣ କରିଥିଲେ। ଖବରଦାତା ଜ୍ଞାନେନ୍ଦ୍ର ମୋହନ ମିଶ୍ର, ସାହିତ୍ୟିକ ଡ. କଲ୍ୟାଣୀ ପଟ୍ଟନାୟକ, ବରିଷ୍ଠ ସାହିତ୍ୟିକ ଇଂ.ସତ୍ୟବ୍ରତ ରଥଙ୍କୁ ମାନପତ୍ର ଓ ଉପଢ଼ୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ ଧନ୍ୟବାଦ ଦେଇଥିଲେ। ପୁତ୍ର ଶାଶ୍ୱତ ସିଂହ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ୭୨ ଘଣ୍ଟା ପରେ ବି ହଟୁନି ହୋର୍ଡିଂ

**ନିର୍ବାଚନ ଆଚରଣବିଧି ଉଲ୍ଲଂଘନ**

କଟକ,୨୧।୩(ଶିକ୍ଷା ପ୍ରିୟଦର୍ଶିନୀ)

ସାଧାରଣ ନିର୍ବାଚନ ପାଇଁ ଗତ ୧୬ ତାରିଖରେ ମୁଖ୍ୟ ନିର୍ବାଚନ କମିଶନର ତାରିଖ ଘୋଷଣା କରିଥିଲେ। ଏହାପରଠାରୁ ଆଦର୍ଶ ଆଚରଣବିଧି ଲାଗୁ କରାଯାଇଛି। ଆଦର୍ଶ ଆଚରଣବିଧି ଲାଗୁ ହେବାର ୭୨ ଘଣ୍ଟା ମଧ୍ୟରେ ସମସ୍ତ ସରକାରୀ ଓ ଦଳୀୟ ହୋର୍ଡିଂ ହଟାଯିବାର ନିୟମ ରହିଛି। ହେଲେ ଏହି ନିୟମ କଟକ ମହାନଗର ନିଗମ(ସିଏମ୍‌ସି) ଅଞ୍ଚଳରେ କଡ଼ାକଡ଼ି ଭାବେ ପାଳନ କରାଯାଇ ନ ଥିବା ଦେଖିବାକୁ ମିଳିଛି। ହୋର୍ଡିଂ ହଟାଇବା ପାଇଁ ସିଏମ୍‌ସି ପକ୍ଷରୁ ୪ଟି ଏନ୍‌ଫୋର୍ସମେଣ୍ଟ ଟିମ୍ ଗଠନ କରାଯାଇଥିଲା। ନିର୍ବାଚନ ଆଚରଣବିଧି ଲାଗୁ ହେବାର ପରଦିନଠାରୁ ସହରର ବିଭିନ୍ନ ଅଞ୍ଚଳରେ ଲାଗିଥିବା ୱାଟ୍‌କୋ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ଜାଗା ମିଶନ୍, ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍, ଟିପିସିଓଡିଏଲ୍, କାଳିଆ ଯୋଜନାର ହୋର୍ଡିଂ କଢ଼ାଯିବା ସହ କେତେକ ହୋର୍ଡିଂକୁ କପଡ଼ାରେ ଘୋଡ଼ାଇ ଦିଆଯାଇଛି। ହେଲେ ଏହି କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇନାହିଁ। ସହରର ପ୍ରମୁଖ ସ୍ଥାନ ଯଥା-ଷ୍ଟୁଆର୍ଟ କଲୋନୀ, ସିଡିଏ ଅଞ୍ଚଳ, ପେଟାନାଳ ସମେତ ଅନ୍ୟ କିଛି ଜାଗାରେ ହୋର୍ଡିଂ ଲାଗିଥିବା ଗୁରୁବାର ଦେଖିବାକୁ ମିଳିଛି। ଏନେଇ ସିଏମ୍‌ସି କମିଶନର ବିଜୟ କୁମାର ଦାସ କହିଛନ୍ତି, ହୋର୍ଡିଂ କଢ଼ାଯିବା ପାଇଁ ସ୍ୱତନ୍ତ୍ର ଏନ୍‌ଫୋର୍ସମେଣ୍ଟ ଟିମ୍ ଗଠନ କରାଯାଇଛି। ସହରର ବିଭିନ୍ନ ସ୍ଥାନରୁ ପ୍ରାୟତଃ ହୋର୍ଡିଂ କଢ଼ାଯାଇଛି। ଯଦି କିଛି ସ୍ଥାନରେ ଭୁଲ୍‌ବଶତଃ ହୋର୍ଡିଂ ରହିଯାଇଛି, ତାହାକୁ ତୁରନ୍ତ କଢ଼ାଯିବ।

## ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲଦଣ୍ଡ

**ନାବାଳିକା ବଳାତ୍କାର ମାମଲା**

କଟକ,୨୧।୩ (କାର୍ତ୍ତିକ ସାହୁ)

ନାବାଳିକା ବଳାତ୍କାର ମାମଲାରେ ସ୍ୱତନ୍ତ୍ର ଫାଷ୍ଟଟ୍ରାକ୍ ତଥା ପୋକ୍‌ସୋ ଅଦାଲତ ଜଣେ ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲଦଣ୍ଡ ସହ ୫ ହଜାର ଟଙ୍କା ଜରିମାନା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ସ୍ପଷ୍ଟ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ଜଗତପୁର ଡିଗିସାହିର ସୋମୁ ଓରଫ ସୌମ୍ୟରଞ୍ଜନ ମହାନ୍ତି। ଅପରପକ୍ଷରେ ପୀଡ଼ିତାଙ୍କୁ ୩ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ନିମନ୍ତେ ଜିଲା ଆଇନସେବା ପ୍ରାଧିକରଣକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ଅନୁସାରେ, ୨୦୧୫ ମସିହାରେ ଜଗତପୁର ଥାନା ଅଞ୍ଚଳର ୧୫ ବର୍ଷୀୟା ନାବାଳିକାଙ୍କୁ ଅପହରଣ କରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଏ ନେଇ ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ କରିଥିଲା। ଅପହରଣର ଦେଢ଼ ମାସ ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଅଭିଯୁକ୍ତ ଜଣକ ନାବାଳିକାଙ୍କୁ ଏକ ଘରେ ଦେଢ଼ମାସ ରଖିବା ସହ ବଳାତ୍କାର କରିଥିବା ତଦନ୍ତରୁ ଜଣାପଡ଼ିଥିଲା। ପୋଲିସ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିବା ପରେ ଚାର୍ଜଶିଟ୍ ଦାଖଲ କରିଥିଲା। ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତରେ ମାମଲାର ବିଚାର ହୋଇଥିଲା। ୨୦ଜଣ ସାକ୍ଷୀ ଓ ୧୪ଟି ପ୍ରମାଣକୁ ଆଧାରକରି ଅଦାଲତ ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ବିଶ୍ୱଜିତ୍ ରାୟ ମାମଲା ପରିଚାଳନା କରୁଥିଲେ।

# ରାଜଦୋଳ ମେଳଣରେ ୪୪ ବିମାନ ସାମିଲ



ମେଳଣରେ ସାମିଲ ହୋଇଥିବା ଦୋଳବିମାନ।

ଚୌଦ୍ୱାର,୨୧।୩(ଆଶୁତୋଷ ଦାସ)

ଚୌଦ୍ୱାର ଅଞ୍ଚଳର ପ୍ରଥମ ଦୋଳ ଉତ୍ସବ ଆଗ୍ରାହାଟ ରାଜଦୋଳ ମେଳଣ ବୁଧବାର ଅନୁଷ୍ଠିତ ହୋଇଯାଇଛି। ୪୪ ମଣ୍ଡଳ ରାଜଦୋଳ କମିଟି ଆନୁକୂଲ୍ୟରେ ଆଗ୍ରାହାଟସ୍ଥିତ ଉତ୍ତରେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ମେଳଣରେ ସ୍ଥାନୀୟ ଅଞ୍ଚଳର ମୋଟ ୪୪ଟି ବିମାନ ଅଂଶଗ୍ରହଣ କରିଥିଲେ। ଥାନପତି ଦଧିବାମନଜୀଉଙ୍କ ବିମାନ ଶୋଭାଯାତ୍ରାରେ ଆସି ପ୍ରଥମେ ମେଳଣ ମଣ୍ଡପରେ ଅଧିଷ୍ଠିତ ହୋଇଥିଲା। ଏହାପରେ ଚୌଦ୍ୱାର, ପାଇକରାପୁର, ଦେବୀନଗର, ଯାଜଭୈରବ ନୂଆଗାଁ, ଚଷାପଡ଼ା, ଚିତ୍ରେଶ୍ୱର, ଜଗତପୁର, ଫକୀରପୁର, ନାନକାର, ତୋରଳ ଆଦି ଅଞ୍ଚଳର ଦୋଳବିମାନ ଶୋଭାଯାତ୍ରାରେ ଆସି ମେଳଣ ପଡ଼ିଆରେ ଏକତ୍ରିତ ହୋଇଥିଲେ। ଆୟୋଜକ ରାଜଦୋଳ କମିଟି ପକ୍ଷରୁ ପ୍ରତ୍ୟେକ ବିମାନକୁ ସ୍ୱାଗତ କରାଯାଇଥିଲା। କାଳବୈଶାଖୀ ଜନିତ ବର୍ଷା ଓ କୋହଲା ପାଗ ପାଇଁ ଏହି ଯାତ୍ରାର ବିଶେଷ ଆକର୍ଷଣ ଆତସବାଜି ପ୍ରତିଯୋଗିତାକୁ ଚଳିତବର୍ଷ ବନ୍ଦ ରଖାଯାଇଥିଲା। ଫଳରେ ଲୋକମାନେ ଏହାକୁ ଦେଖିବାରୁ ବଞ୍ଚିତ ହୋଇଥିଲେ। ୪୪ ମଣ୍ଡଳ ରାଜଦୋଳ କମିଟି ସଭାପତି ଦୀପକ କୁମାର ମଙ୍ଗରାଜ, ଆଗ୍ରାହାଟ ମେଳଣ କମିଟି ମୁଖ୍ୟ ଭାଗୀରଥି ବେଉରା, ମୁକୁନ୍ଦଦେବ ବରାଳ, ଉମେଶ ଚନ୍ଦ୍ର ମହାରଣା, ପ୍ରଦୀପ୍ତ ବେହେରା, ପ୍ରିୟବ୍ରତ ସ୍ୱାଇଁ, ହୃଷୀକେଶ ରାଉତ, ଜୟନ୍ତ ବରାଳ, ଆଦିକନ୍ଦ ନାୟକ, ଅକ୍ଷୟ ବରାଳଙ୍କ ସମେତ ସମସ୍ତ ସଦସ୍ୟ ଓ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଫାଇନାଲରେ ପ୍ରତାପନଗରୀ



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

**ରାଜ୍ୟସ୍ତରୀୟ ଫୁଟବଲ୍ ଟୁର୍ନାମେଣ୍ଟ**

ବଡ଼ମ୍ବା,୨୧।୩(ମାୟାଧର ମଲ୍ଲିକ)

ବଡ଼ମ୍ବା ବ୍ଲକ ଅନ୍ତର୍ଗତ ଶଙ୍ଖାମେରୀସ୍ଥିତ ବାପୁଜୀ ଫୁଟବଲ ଆସୋସିଏଶନ ଆନୁକୂଲ୍ୟରେ ଶଙ୍ଖାମେରୀ ପଡ଼ିଆରେ ଚାଲିଥିବା ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟର ଗୁରୁବାର ପ୍ରଥମ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ ପ୍ରତାପନଗରୀ, କଟକ ଓ ମା ମଙ୍ଗଳା, ଗୋଠପୁର, କଟକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚର ପ୍ରଥମାର୍ଦ୍ଧରେ ପ୍ରତାପନଗରୀ ଦଳ ଗୋଠପୁର ଦଳ ବିପକ୍ଷରେ ଏକ ଗୋଲ ଦେଇଥିଲେ। ସେହିପରି ଦ୍ୱିତୀୟାର୍ଦ୍ଧ ଶେଷ ବେଳକୁ ଗୋଠପୁର ଦଳ ପ୍ରତାପନଗରୀ ବିପକ୍ଷରେ ଏକ ଗୋଲ ଦେଇ ମ୍ୟାଚକୁ ସମାନ ସ୍ଥିତିକୁ ଆଣିଥିଲା। ଟାଇବ୍ରେକର ମାଧ୍ୟମରେ ପ୍ରତାପନଗରୀ ଦଳ ମ୍ୟାଚରେ ବିଜୟୀ ହୋଇ ଫାଇନାଲ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛି। ମୁଖ୍ୟ ଅତିଥିଭାବେ ଆମ୍ବା କମିଟି ଅଧକ୍ଷ ପ୍ରଦୀପ କୁମାର ସ୍ୱାଇଁ ଓ ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ଦିଲ୍ଲୀପ ପଙ୍ଗାରୀ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ କିଶୋର କୁମାର ରାଉତରାୟ, ତାପସ ମଲ୍ଲିକ ଓ ପ୍ରକାଶ ଜେନା ପ୍ରମୁଖ ଉପସ୍ଥିତ ଥିଲେ।



କଟକ ମିଶନ ରୋଡ୍ ପାର୍ଶ୍ୱରେ ବିକ୍ରି ପାଇଁ ରଖାଯାଇଥିବା ତରଭୁଜ।

# ୩ ନିଶା ବେପାରୀଙ୍କୁ ୧୦ବର୍ଷ ଲେଖାଏ ଜେଲଦଣ୍ଡ

**ବେଆଇନ ଗଞ୍ଜେଇ ଚାଲାଣ ମାମଲା**

କଟକ,୨୧।୩ (କାର୍ତ୍ତିକ ସାହୁ)

ବେଆଇନ ଗଞ୍ଜେଇ ଚାଲାଣ ମାମଲାରେ ଗିରଫ ହୋଇଥିବା ୩ ନିଶା ବେପାରୀ ଦ୍ୱିତୀୟ ଅତିରିକ୍ତ ଜିଲା ଜଜ୍ କୋର୍ଟରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଅଦାଲତ ମାମଲାର ରାୟ ପ୍ରକାଶ କରି ଅଭିଯୁକ୍ତମାନଙ୍କୁ ୧୦ବର୍ଷ ଲେଖାଏଁ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଅଭିଯୁକ୍ତମାନେ ହେଲେ ପଶ୍ଚିମବଙ୍ଗ ନଏଡ଼ା ଜିଲା ବିଦ୍ଧୁନାଥପୁରର ରାଜେଶ ମଜୁମଦାର, ବର୍ଦ୍ଧମାନ ଜିଲା ଦକ୍ଷିଣ ଶ୍ରୀରାମପୁରର ଧ୍ରୁବ ମଣ୍ଡଳ, ଦକ୍ଷିଣ ୨୪ ପ୍ରଗଣା ଜିଲା ୮ ପ୍ରଗଳା ଡଙ୍ଗାରୋଡ୍ ଅଞ୍ଚଳର ବିଜୟ ରଜାକ। ସେହିପରି ପ୍ରତ୍ୟେକଙ୍କୁ ୧ଲକ୍ଷ ଟଙ୍କା ଲେଖାଏ ଜରିମାନା ଦାଖଲ ପାଇଁ ଅଦାଲତ ରାୟ ପ୍ରଦାନ କରିଛନ୍ତି। ଜରିମାନା ଅନାଦାୟେ ଅଧିକ ୬ମାସ ଜେଲଦଣ୍ଡ ଭୋଗିବାକୁ ହେବ ବୋଲି ଅଦାଲତ ରାୟରେ ସ୍ପଷ୍ଟ କରିଛନ୍ତି।

ମାମଲାର ବିବରଣୀ ଅନୁସାରେ, ୨୦୨୨ ନଭେମ୍ବର ୨୧ରେ ମାମଲାଟି ରୁଜୁ ହୋଇଥିଲା। ଟାଙ୍ଗୀ ଟୋଲ୍‌ଗେଟ୍ ଦେଇ ଗଞ୍ଜେଇ ଚାଲାଣ ହେଉଥିବା ଜିଲା ଅବକାରୀ ଟିମ୍ ଜାଣିବାକୁ ପାଇଥିଲା। ଇନ୍ସପେକ୍ଟର ସତ୍ୟଜିତ୍ ଖଟୁଆଙ୍କ ନେତୃତ୍ୱରେ ଏକ ଟିମ୍ ଭୋର ୫ଟା ସମୟରେ ସେଠାରେ ଯାନବାହନ ଯାଞ୍ଚ କରିଥିଲା। ପଶ୍ଚିମବଙ୍ଗ ନମ୍ବର ଥିବା ଏକ କାର୍‌କୁ ଅଟକାଇ ଯାଞ୍ଚ କରାଯାଇଥିଲା। କାର୍ ମଧ୍ୟରୁ ୧୨୦ କିଲୋ ଗଞ୍ଜେଇ ଜବତ ସହ ଏହି କାରବାର ସହ ଜଡ଼ିତ ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। କନ୍ଧମାଳରୁ ଗଞ୍ଜେଇ ନେଇ ପଶ୍ଚିମବଙ୍ଗ ଚାଲାଣ କରାଯାଉଥିବା ତଦନ୍ତରୁ ଜଣାପଡ଼ିଥିଲା। ଅଭିଯୁକ୍ତମାନଙ୍କ ବିରୋଧରେ ଚାର୍ଜଶିଟ ଦାଖଲ କରିବା ପରେ କଟକ ଜିଲା ଦ୍ୱିତୀୟ ଅତିରିକ୍ତ ଜିଲା ଜଜ୍‌ଙ୍କ ଅଦାଲତରେ ମାମଲା ବିଚାର ହୋଇଥିଲା। ୪ଜଣ ସାକ୍ଷୀ ଓ ୨୫ଟି ପ୍ରମାଣକୁ ଆଧାରକରି ଅତିରିକ୍ତ ଜିଲା ସେସନ୍ସ ଜଜ୍ ଶ୍ରୋତସ୍ୱିନୀ କର ଅଭିଯୁକ୍ତମାନଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ଦେବାଶିଷ ସାମନ୍ତରାୟ ଓ ବିଶ୍ୱଜିତ୍ ବରାଳ ମାମଲା ପରିଚାଳନା କରୁଥିଲେ।

# କୋଣାର୍କ- ପୁରୀ ରାସ୍ତା ପାଲଟିଛି ପାର୍କିଂ ସ୍ଥାନ

■ ଏନ୍ଏସି ପ୍ରଶାସନ ପକ୍ଷରୁ ନାହିଁ ପାର୍କିଂ ସ୍ଥଳ

■ ବେଆଇନ ଭାବେ ନିଆଯାଉଛି ପାର୍କିଂ ଫି

କୋଣାର୍କ,୨୧।୩(ଜ୍ୟୋତିରାଜ ମହାନ୍ତି):

କୋଣାର୍କ– ପୁରୀ ରାସ୍ତାର ଉଭୟ ପାର୍ଶ୍ୱରେ ହଜାର ହଜାର ସଂଖ୍ୟାରେ ଯାତ୍ରୀବାହୀ ବସ୍ ପାର୍କିଂ ହେବା ଯୋଗୁ ଗମନାଗମନ ବ୍ୟବସ୍ଥା ବିପର୍ଯ୍ୟସ୍ତ ହେବା ସହ ଦୁର୍ଘଟଣା ବୃଦ୍ଧି ପାଉଛି। ଖବରରୁ ପ୍ରକାଶ, କୋଣାର୍କ ସୂର୍ଯ୍ୟ ମନ୍ଦିର ପରିଦର୍ଶନ କରିବାକୁ ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକ ଯାତ୍ରୀବାହୀ ବସ୍ ଯୋଗେ ଏଠାକୁ ଆସିଥାନ୍ତି। ପର୍ଯ୍ୟଟକଙ୍କ ଯାତ୍ରୀବାହୀ ବସ୍ ରଖିବା ପାଇଁ କୋଣାର୍କ ଏନ୍ଏସି ପ୍ରଶାସନ ପକ୍ଷରୁ ପାର୍କିଂ ସ୍ଥଳ ନାହିଁ। ତେବେ କୋଣାର୍କ– ପୁରୀ ରାସ୍ତା କଡ଼ରେ ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକଙ୍କ ବସ୍ ପାର୍କିଂ କରିବାରୁ ଗମନାଗମନରେ ଅସୁବିଧା ହେଉଛି। ଫଳରେ ଏହି ରାସ୍ତା ଦେଇ ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ କୋଣାର୍କଠାରୁ ପୁରୀ ଅଭିମୁଖେ ଯାତ୍ରା କରୁଥିବା ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକଙ୍କ ଯାତ୍ରୀବାହୀ ବସ୍, ୪ ଚକିଆ ଯାନ ଓ ୨ ଚକିଆ ଯାନ ଯୋଗୁ ଦୁର୍ଘଟଣା ଘଟିବା ଭଳି ଆଶଙ୍କା ସୃଷ୍ଟି ହୋଇଛି। କୋଣାର୍କ ଏନ୍ଏସି ପ୍ରଶାସନ ପକ୍ଷରୁ ପାର୍କିଂ ସ୍ଥାନ ନ ଥିବା ବେଳେ ବିଭାଗୀୟ ଭାବେ କେଉଁ ନିୟମ ଆଧାରରେ ଏନ୍ଏସି କର୍ମଚାରୀ ବେଆଇନ ଭାବେ ରାସ୍ତାରେ ଗାଡ଼ି ପାର୍କିଂ କରିବାକୁ ପର୍ଯ୍ୟଟକଙ୍କୁ କହି ସେମାନଙ୍କଠାରୁ ପାର୍କିଂ ଫି ଆଦାୟ କରିବା ଘଟଣା ବୁଦ୍ଧିଜୀବୀ ଓ ପର୍ଯ୍ୟଟକଙ୍କ ମହଲରେ ନାପସନ୍ଦ କରାଯାଇଛି। କୋଣାର୍କ ଏନ୍ଏସି ପ୍ରଶାସନ ଓ ସ୍ଥାନୀୟ ପୋଲିସ ପ୍ରଶାସନର ବେପରୁଆ ମନୋଭାବ ଯୋଗୁ ରାସ୍ତା କଡ଼ରେ ପର୍ଯ୍ୟଟକଙ୍କ ନିମନ୍ତେ ବେଆଇନ ଗାଡ଼ି ପାର୍କିଂ ଘଟଣା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଏଭଳି ବେଆଇନ କାର୍ଯ୍ୟ ଉପରେ ସ୍ଥାନୀୟ ପୋଲିସ ପ୍ରଶାସନ ଅଙ୍କୁଶ ଲଗାଇବା ସହ ତ୍ୱରିତ ପଦକ୍ଷେପ ଗ୍ରହଣ ନ କଲେ ବଡ଼ ଧରଣର ଦୁର୍ଘଟଣା ଆଶଙ୍କା ସୃଷ୍ଟି ହେବାକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ବୁଦ୍ଧିଜୀବୀ ଓ ପର୍ଯ୍ୟଟକଙ୍କ ମହଲରେ ଆଶଙ୍କା ପ୍ରକାଶ ପାଇଛି। ଏହି ସମ୍ବେଦନଶୀଳ ଘଟଣା ଉପରେ ପୁରୀ ଜିଲାପାଳ ଓ ଜିଲା ଆରକ୍ଷୀ ଅଧିକ୍ଷକ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ସହ ଏଭଳି ବେଆଇନ ପାର୍କିଂ ହଟାଇବାକୁ କୋଣାର୍କ ଅଞ୍ଚଳର ସାମାଜିକ କର୍ମୀ, ସଚେତନ ନାଗରିକ, ବୁଦ୍ଧିଜୀବୀ, ଶିକ୍ଷାବିତ୍, ବରିଷ୍ଠ ନାଗରିକ, ପର୍ଯ୍ୟଟକ ପ୍ରେମୀ ଓ କୋଣାର୍କ ଅଞ୍ଚଳର ଜନସାଧାରଣଙ୍କ ପକ୍ଷରୁ ଦାବିକରାଯାଇଛି।


ପୁରୀ–କୋଣାର୍କ ରାସ୍ତାର ଉଭୟ ପାର୍ଶ୍ୱରେ ପାର୍କିଂ ହୋଇଥିବା ଗାଡ଼ି ।

## ସଂକ୍ଷେପରେ

### ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ପରଲୋକ

ନିମାପଡ଼ା,୨୧।୩ (ରଞ୍ଜନ ପଟ୍ଟନାୟକ):



ନିମାପଡ଼ା ତହସିଲ କାର୍ଯ୍ୟାଳୟରେ ଅବସରପ୍ରାପ୍ତ କିରାଣି ନିମାପଡ଼ା ବ୍ଲକ ଅଧୀନ ସଲଙ୍ଗ ପଞ୍ଚାୟତ ମଧୁପାତ୍ର ଗ୍ରାମର ସ୍ୱର୍ଗତ କାଳନ୍ଦୀ ଓଝା(୮୨)ଙ୍କ ଗୁରୁବାର ପରଲୋକ ଘଟିଛି। ମୃତ୍ୟୁଶଯ୍ୟା ନିକଟରେ ପୁଅ, ବୋହୂ, ଝିଅ,ଜ୍ୱାଇଁ, ନାତି ନାତୁଣୀ ପ୍ରମୁଖ ଉପସ୍ଥିତ ଥିଲେ। ଲୋକେ ତାଙ୍କ ଶେଷ ଦର୍ଶନ ପାଇଁ ବାସଭବନରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଦେଇଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସ୍ୱର୍ଗତ କାଳନ୍ଦୀ ଦୀର୍ଘବର୍ଷ ହେବ କିରାଣି ଭାବେ କାର୍ଯ୍ୟ କରି ୧୯୯୬ ମସିହାରେ ଅବସର ନେଇଥିଲେ।

### ସରିଲା ନୌସେନାର ମିଳିତ ସମରାଭ୍ୟାସ 'ସାଗର କବଚ'

ଅସ୍ତରଙ୍ଗ,୨୧।୩(ପ୍ରଦୀପ୍ତ ଦୀକ୍ଷିତ):

ଉପକୂଳ ସୁରକ୍ଷା ବ୍ୟବସ୍ଥା ତଦାରଖ କରିବାକୁ ପୁରୀ ଜିଲା ଅସ୍ତରଙ୍ଗ ଉପକୂଳରେ ନୌସେନାର ୨ ଦିନିଆ ମିଳିତ ସମରାଭ୍ୟାସ 'ସାଗର କବଚ' ଗୁରୁବାର ସରିଛି। ସମରାଭ୍ୟାସରେ ଭାରତୀୟ ତଟରକ୍ଷୀ ବାହିନୀ, ମେରାଇନ୍ ପୋଲିସ, ଅସ୍ତରଙ୍ଗ ପୋଲିସ ସହ ବିଭିନ୍ନ ଥାନା ପୋଲିସ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ନୂଆଗଡ଼ ସାମୁଦ୍ରିକ ଥାନାଧିକାରୀ ଅଚ୍ୟୁତାନନ୍ଦ ବେହେରା, ଅତିରିକ୍ତ ଥାନାଧିକାରୀ ସନ୍ତୋଷ ଜେନା, ମାଷ୍ଟର ପ୍ରକାଶ ଦାସ, ମାଷ୍ଟର ବିପ୍ରଚରଣ ସ୍ୱାଇଁ, ପି.କେ. ସେଠୀ, ଏମ୍. ଆର୍. ପରିଡ଼ାଙ୍କ ସହ ଅନେକ ଅଧିକାରୀ ଉପସ୍ଥିତ ରହିବା ସହ ୨ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ ଥିଲେ।

### ବିଶାଳ ରକ୍ତଦାନ ଶିବିର, ମାଗଣା ସ୍ୱାସ୍ଥ୍ୟମେଳା

ସାକ୍ଷୀଗୋପାଳ,୨୧।୩(ଭରତ ରାଉତ):

ସତ୍ୟବାଦୀ ବ୍ଲକ ଅଧୀନ ବୁଢାକେରା ଗ୍ରାମର ଟାଲେଣ୍ଟ ସର୍ଚ୍ଚ ଅନୁଷ୍ଠାନ ପକ୍ଷରୁ ରକ୍ତଦାନ ଶିବିର ଓ ମାଗଣା ସ୍ୱାସ୍ଥ୍ୟମେଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସର୍ଗ ଫାଉଣ୍ଡେଶନ ଓ ମା' ଜାଗେଶ୍ୱରୀ ଫାଉଣ୍ଡେଶନର ମିଳିତ ଆନୁକୂଲ୍ୟରେ ପଦ୍ମପୁର ଗ୍ରାମସ୍ଥିତ ମା' ଜାଗେଶ୍ୱରୀ ପୀଠ ପରିସରରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଦୀନବନ୍ଧୁ ଭୋଳ, ଡ. ଶୁଭାଶିଷ ଦାସ, ରଞ୍ଜିତ ରାଉତରାୟଙ୍କ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରିଥିଲେ। ରକ୍ତଦାନ ମହାପୁଣ୍ୟ ସହିତ ସମସ୍ତେ ରକ୍ତଦାନ କରିବାକୁ ଆଗେଇ ଆସିବାକୁ ଅତିଥିମାନେ ମତବ୍ୟକ୍ତ କରିଥିଲେ। ସରିତା ପ୍ରିୟଦର୍ଶିନୀ ପରିଜା, ସମୀର ବାରିକ, କାହ୍ନୁଚରଣ ଦଳାଇ, ସନ୍ତୋଷ ଭୋଇଙ୍କ ସମେତ ବହୁ ବ୍ୟକ୍ତିବିଶେଷ ଉପସ୍ଥିତ ରହି ରକ୍ତଦାନ କରିଥିଲେ। ସାମାଜିକ କର୍ମୀ ପବିତ୍ର ପରିଡ଼ା, ଦୁର୍ଯ୍ୟୋଧନ ପ୍ରଧାନ, ରମେଶ ଚନ୍ଦ୍ର ମାଝି, ଦୀପକ ସାହୁ, ମୀନତି ପ୍ରଧାନଙ୍କ ସମେତ ବହୁ ବ୍ୟକ୍ତିବିଶେଷ କାର୍ଯ୍ୟକ୍ରମକୁ ପରିଚାଳନା କରୁଥିଲେ। ପୁରୀ ରେଡକ୍ରସ ସହାୟତାରେ ପ୍ରାୟ ୫୫ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ସ୍ୱାସ୍ଥ୍ୟମେଳାରେ ୪୫ ଜଣ ରୋଗୀଙ୍କୁ ପରୀକ୍ଷା କରାଯାଇ ଔଷଧ ବିତରଣ କରାଯାଇଥିଲା।

# ଚାଷୀଙ୍କ ଦୁଃଖ ବଢ଼ାଇଲା ଅଦିନିଆ ବର୍ଷା

ଅସ୍ତରଙ୍ଗ,୨୧।୩(ପ୍ରଦୀପ୍ତ ଦୀକ୍ଷିତ):

କାଳ ସାଜିଲା କାଳବୈଶାଖୀ। ମଙ୍ଗଳବାର, ବୁଧବାର ୨ ଦିନ ବର୍ଷାରେ ପନିପରିବା ଫସଲ ଉଜୁଡ଼ିଯିବାରୁ ଚାଷୀ ଏବେ ମୁଣ୍ଡରେ ହାତ ଦେଇ ବସିଛି। କରଜ ନେଇ ଚାଷ କରିଥିବାବେଳେ ଏବେ ଋଣ କିପରି ଶୁଝିବ, ଚାଷୀଙ୍କୁ ସେ ଚିନ୍ତା ଘାରିଛି। ଲଗାଣ ବର୍ଷାରେ ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ଝାରିଆ, ଶିଶୁଅ ସମେତ ବିଭିନ୍ନ ଗ୍ରାମରେ ସହ ସହ ହେକ୍ଟର ଜମିରେ ହୋଇଥିବା ବ୍ୟାପକ ଫସଲର କ୍ଷୟକ୍ଷତି ହୋଇଛି। ଅମଳ ସମୟରେ ଏହି ଅଦିନିଆ ବର୍ଷା ସମସ୍ତ ଫସଲ ନଷ୍ଟ କରିଦେଇଛି। ତରଭୁଜ, କଞ୍ଚାଲଙ୍କା, ଟମାଟୋ, କୋବି, କଲରା, ଜହ୍ନି ଭଳି ପନିପରିବା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ବର୍ଷା ଯୋଗୁ କ୍ଷେତରେ ପାଣି ରହିବାରୁ ପନିପରିବା ପଚି ଶଢ଼ି ନଷ୍ଟ ହେବାକୁ ଲାଗିଛି। ଚାଷ ନଷ୍ଟ ହୋଇଯିବା ପରେ ବେଗୁନିଆବସ୍ତ ଗ୍ରାମର ଚାଷୀ କୈଳାସ ଦାସ, ସୂର୍ଯ୍ୟମଣି ସ୍ୱାଇଁଙ୍କ ସହ ଅନେକ ଚାଷୀ ସରକାରଙ୍କ ସହାୟତା ଲୋଡ଼ିଛନ୍ତି।


ନଷ୍ଟ ହୋଇଯାଇଥିବା କୋବି ଚାଷୀ ଦେଖାଉଛନ୍ତି ।

# ମହିଳାଙ୍କଠାରୁ ଭ୍ୟାନିଟି ଛଡ଼ାଇନେଲେ ଦୁର୍ବୃତ୍ତ

ଗୋପ,୨୧।୩(ଭାରତୀ ଭୂଷଣ ଉପାଧ୍ୟାୟ):

ବାଲିଘାଇ ରାସ୍ତାର ମଦରଙ୍ଗ ବଜାର ନିକଟରେ ଜଣେ ଦୁର୍ବୃତ୍ତ ମହିଳାଙ୍କ ଭ୍ୟାନିଟି ବ୍ୟାଗ୍ ଛଡ଼ାଇ ନେଇଥିବା ଗୁରୁବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏହି ଅଭିଯୋଗରେ ନିକଟ ସିସି କ୍ୟାମେରା ଫୁଟେଜକୁ ନେଇ ତଦନ୍ତ ଆରମ୍ଭ କରିଛି। ଲୁଟ୍‌ର ଶିକାର ହୋଇଥିବା ମହିଳା ରାମଚଣ୍ଡୀ ଥାନା ଅଧୀନ ବାଆଁ ବରଡ଼ା ଗ୍ରାମର ଉର୍ବଶୀ ପ୍ରିୟଦର୍ଶିନୀ ପରିଡ଼ା ବୋଲି ଜଣାପଡ଼ିଛି। ତାଙ୍କ ବ୍ୟାଗ୍‌ରେ ୬ ହଜାର ଟଙ୍କା ସହ ଗୋଟିଏ ଦାମୀ ମୋବାଇଲ, ସ୍ତ୍ରୀ ସ୍ୱାମୀଙ୍କ ଆଧାର ଓ ରାଶନ୍ କାର୍ଡ, ପରିଚୟପତ୍ର ସହିତ ଆଉ କେତେକ ଜରୁରୀ କାଗଜପତ୍ର ଥିବା ଅଭିଯୋଗପତ୍ରରୁ ଜଣାପଡ଼ିଛି। ପ୍ରକାଶ ଯେ, ଉର୍ବଶୀ ଓ ତାଙ୍କ ସ୍ୱାମୀ ରାଜକିଶୋର ପରିଡ଼ା ବାଇକ୍ ଯୋଗେ ଏକ ବ୍ୟାଙ୍କରୁ ଘରକୁ ଫେରୁଥିଲେ। ମଦରଙ୍ଗ ନିକଟରେ ହଠାତ୍ ଜଣେ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ମହିଳାଙ୍କ ବ୍ୟାଗ୍‌କୁ ଛଡ଼ାଇ ନେଇଥିଲେ। ସ୍ଥାନୀୟ ଲୋକେ ସେହି ଦୁର୍ବୃତ୍ତଙ୍କୁ ଗୋଡ଼ାଇଥିଲେ ମଧ୍ୟ ସେ ଖସି ପଳାଇଥିଲେ। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଗୋପ ଥାନା ଅଧିକାରୀ ମହେଶ୍ୱର ସେଠୀ କହିଛନ୍ତି।


ଅସ୍ତରଙ୍ଗ ଉପକଣ୍ଠରେ ଦୋଳଗୋବିନ୍ଦ ବିମାନରେ ବସି ଗ୍ରାମ ବୁଲୁଛନ୍ତି ।

# ଦୋଳ ପାଇଁ ଗାଁ ଚଳଚଞ୍ଚଳ

## ବିମାନରେ ବୁଲିଲେ ଦୋଳଗୋବିନ୍ଦ

ଅସ୍ତରଙ୍ଗ,୨୧।୩(ପ୍ରଦୀପ୍ତ ଦୀକ୍ଷିତ):

ପବିତ୍ର ଦୋଳପୂର୍ଣ୍ଣିମା ଅବସରରେ ଉତ୍ସବମୁଖର ହୋଇଉଠିଛି ପୁରୀ ଜିଲା ଅସ୍ତରଙ୍ଗ ଅଞ୍ଚଳର ଉପକଣ୍ଠ। ଚାରିଆଡ଼େ ଉତ୍ସବ ଓ ଆଧ୍ୟାତ୍ମିକତାର ପରିବେଶ। ଅସ୍ତରଙ୍ଗ ଉପକଣ୍ଠବର୍ତ୍ତୀ ୪୦ଟି ଗାଁରେ ଦୋଳ ମେଳଣ ଓ ଫଗୁଖେଳ ଅନୁଷ୍ଠିତ ହେବ। ପ୍ରାୟ ସବୁ ଗାଁରେ ମେଳଣ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଅସ୍ତରଙ୍ଗ ବ୍ଲକ ନଗର ପଞ୍ଚାୟତ ସେନାପତି ସାହି ଓ ତାଳଦା ପଞ୍ଚାୟତ ରିଶୋଲରେ ଦୋଳଗୋବିନ୍ଦ ସୁସଜ୍ଜିତ ବିମାନରେ ବିରାଜମାନ ହୋଇ ଚାଚେରୀ ଭୋଗ ଖାଇବା ପାଇଁ ଗ୍ରାମ ପରିଭ୍ରମଣ କରୁଛନ୍ତି। ଏହା ବୁଧବାରଠାରୁ ଗ୍ରାମ ପରିଦର୍ଶନ ଆରମ୍ଭ ହୋଇଛି। ପରେ ମେଳଣ ପଡ଼ିଆକୁ ବିଜେ କରିବେ। ଉତ୍ସବର ଶେଷ ଦିନରେ ଅନ୍ୟ ଗାଁଗୁଡ଼ିକରୁ ଆସିଥିବା ଦୋଳ ବିମାନକୁ ନେଇ ମେଳଣ ଅନୁଷ୍ଠିତ ହୋଇଥାଏ। ଦୋଳ ମେଳଣ ଅବସରରେ ଅସ୍ତରଙ୍ଗ ଉପକଣ୍ଠ ଚଳଚଞ୍ଚଳ ହୋଇଉଠିଛି। ଭାଇଚାରାର ବାର୍ତ୍ତା ନେଇ ଗୋଷ୍ଠୀ–ଗୋଷ୍ଠୀ ମଧ୍ୟରେ ସାଂସ୍କୃତିକ ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ଏହି ପର୍ବ ଗ୍ରାମର ପିଲାଠାରୁ ବୁଢ଼ା ଯାଏଁ ସଭିଙ୍କ ମନରେ ଆନନ୍ଦ ଉଲ୍ଲାସ ଭରିଦେଇଛି। ପ୍ରତି ଗାଁରେ ଜମାଣଠାରୁ ହରିହର ଭେଟ ପର୍ଯ୍ୟନ୍ତ ୩ ଦିନ ଧରି ଗାଁରେ ଉତ୍ସବର ପରିବେଶ ଲାଗି ରହିଥାଏ। ପୁରୀ ଜିଲା ଅସ୍ତରଙ୍ଗ ଉପକଣ୍ଠର ନଗର, ନୂଆଗଡ଼, ଅସ୍ତରଙ୍ଗ, ଶିଶୁ, ପାଟଳଦା, ତାଳଦା, ଛୁରିଅନା, ହୀରାଦେଇପୁର, ଅନନ୍ତା ଆଦି ଗ୍ରାମରେ ଦୋଳଯାତ୍ରା ବେଶ ଧୁମଧାମରେ ପାଳନ କରାଯାଏ।

# ଜନତା, ପୋଲିସ ମଧ୍ୟରେ ସମନ୍ୱୟ ପାଇଁ ଫ୍ଲାଗ୍‌ମାର୍ଚ୍ଚ

ସାକ୍ଷୀଗୋପାଳ,୨୧।୩(ପ୍ରଶାନ୍ତ ବାରିକ୍/ କିଶୋର ମହାପାତ୍ର/ଭରତ ରାଉତ):

ପୁରୀ ଜିଲାରେ ଗଣତନ୍ତ୍ରର ମହାପର୍ବ ନିର୍ବାଚନକୁ ସ୍ୱଚ୍ଛ, ଅବାଧ ଓ ଶୃଙ୍ଖଳିତ କରିବାକୁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଉଥିବାବେଳେ ଗୁରୁବାର ସତ୍ୟବାଦୀ ପୋଲିସ ପ୍ରଶାସନ ପକ୍ଷରୁ ଏକ ଫ୍ଲାଗମାର୍ଚ୍ଚ କରାଯାଇଥିଲା। ଏହା ଅପରାହ୍ନରେ ପୂର୍ବ ସତ୍ୟବାଦୀର ଗବକୁଣ୍ଡ ବଜାରରୁ ଆରମ୍ଭ ହୋଇ ବିଲିପଡ଼ା ଛକ ପର୍ଯ୍ୟନ୍ତ ଯାଇଥିଲା। ପରେ ସନ୍ଧ୍ୟା ସମୟରେ ସାକ୍ଷୀଗୋପାଳ ବସଷ୍ଟାଣ୍ଡଠାରୁ ଆରମ୍ଭ କରାଯାଇ ସାକ୍ଷୀଗୋପାଳ ମନ୍ଦିର ପର୍ଯ୍ୟନ୍ତ ଯାଇ ସମାପ୍ତ ହୋଇଥିଲା।

ଫ୍ଲାଗମାର୍ଚ୍ଚରେ ସତ୍ୟବାଦୀ ଥାନା ଆଇଆଇସି ଉମେଶ ଚନ୍ଦ୍ର ସାହୁ, ସବ୍‌ଇନ୍ସପେକ୍ଟର ଦୀପ୍ତିରଞ୍ଜନ ସାହୁ, ରମେଶଚନ୍ଦ୍ର ନିଶଙ୍କ, ବିଭୀଷଣ ମାଝୀ ଓ ମହିଳା ଅଧିକାରୀ ପ୍ରିୟତମା ପ୍ରଧାନଙ୍କ ସମେତ ଅନ୍ୟ ପୋଲିସ କର୍ମଚାରୀ ରହିଥିବାବେଳେ କେନ୍ଦ୍ରୀୟ ସଶସ୍ତ୍ରବାହିନୀ ଫୋର୍ସର ଡେପୁଟି କମାଣ୍ଡ ମଞ୍ଜୁଲାଲ ଭିଙ୍କ ନେତୃତ୍ୱରେ ୬୦ଜଣ ମହିଳା ପୋଲିସ କର୍ମଚାରୀ ସାମିଲ ହୋଇଥିଲେ। ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ଓ ମାର୍ଗଦର୍ଶିକା ଆଧାରରେ ନିର୍ବାଚନ ପରିଚାଳନା ହେଉଥିବାରୁ କୌଣସି ଅବହେଳାକୁ ବରଦାସ୍ତ କରାଯିବନାହିଁ। ଏହି ସମୟରେ ନିର୍ବାଚନ ଆତଙ୍କରାଜକୁ ଦମନ କରି ସାଧାରଣ ଲୋକଙ୍କୁ ସୁରକ୍ଷା ସହିତ ଧନ ଜୀବନ କ୍ଷୟକ୍ଷତିକୁ ସମ୍ପୂର୍ଣ୍ଣ ରୋକିବା ପୋଲିସର ମୁଖ୍ୟ ଦାୟିତ୍ୱ ହେବ। ସାଧାରଣ ଲୋକ ଓ ପୋଲିସ ମଧ୍ୟରେ ଉତ୍ତମ ସମନ୍ୱୟ ରହିଲେ ଶୃଙ୍ଖଳିତ ନିର୍ବାଚନ ପରିଚାଳନା ହୋଇପାରିବ। ଏହି ଫ୍ଲାଗମାର୍ଚ୍ଚ ମାଧ୍ୟମରେ ଏକ ସଚେତନତା ବାର୍ତ୍ତା ସାଧାରଣଲୋକଙ୍କ ପାଖକୁ ଯିବ ବୋଲି ଥାନା ଅଧିକାରୀ ସାହୁ ପ୍ରକାଶ କରିଥିଲେ।


ଶୃଙ୍ଖଳିତ ନିର୍ବାଚନ ପରିଚାଳନା ନିମନ୍ତେ ସତ୍ୟବାଦୀ ପୋଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ କରାଯାଉଛି।

# ଅପହୃତା ନାବାଳିକା ଉଦ୍ଧାର

ଜଟଣୀ,୨୧।୩(ରବୀନ୍ଦ୍ରନାଥ ମହାକୁଡ଼):

ଜଟଣୀ ଥାନା ଅଧୀନ ପଞ୍ଚୁପଲ୍ଲୀ ପଞ୍ଚାୟତର ବାଇରଙ୍ଗ ଅଞ୍ଚଳର ଜଣେ ୧୫ ବର୍ଷୀୟା ବାଳିକାଙ୍କୁ ସମ୍ପର୍କୀୟ ପିଉସା ଅପହରଣ କରିଥିବା ନେଇ ଗତ ୧୮ତାରିଖରେ ଅଭିଯୋଗ ହୋଇଥିଲା। ଏନେଇ ପୋଲିସ ତଦନ୍ତ ଚଳାଇବା ସହ ସମ୍ପୃକ୍ତା ନାବାଳିକାଙ୍କୁ ଉଦ୍ଧାର କରି ଗୁରୁବାର ଡାକ୍ତରୀମାଇନା ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲା। ତେବେ ଫେରାର ଥିବା ସମ୍ପର୍କୀୟ ପିଉସାଙ୍କୁ ଖୁବ୍‌ଶୀଘ୍ର ଧରାଯିବ ବୋଲି ଥାନା ଅଧିକାରୀ ସୌମ୍ୟକାନ୍ତ ବଲିୟାରସିଂ ସୂଚନା ଦେଇଛନ୍ତି।

# ସୁବର୍ଣ୍ଣପୁର- ଗବକୁଣ୍ଡ ସଂଯୋଗୀକରଣ ରାସ୍ତା କାମ ନିମ୍ନମାନର

## ୨୫ କୋଟି ଟଙ୍କା ପାଣିରେ ପଡ଼ିଲା

ଗୋପ,୨୧।୩ (ଭାରତୀ ଭୂଷଣ ଉପାଧ୍ୟାୟ):



ରାଜ୍ୟ ସରକାର ଗୋପ ବ୍ଲକ ସହିତ ସାକ୍ଷୀଗୋପାଳ ବ୍ଲକ ମଧ୍ୟରେ ସିଧାସଳଖ ସଂଯୋଗୀକରଣ ଓ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜନ୍ମସ୍ଥଳୀକୁ ଯିବାକୁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ସଂଯୋଗୀକରଣ ରାସ୍ତା ନିର୍ମାଣ କରିଥିଲେ। କିଛି ଦିନରେ ରାସ୍ତାଟି ଖରାପ ହୋଇଯିବା ପରେ ସରକାର ଏହି ରାସ୍ତା ନିର୍ମାଣ ପାଇଁ ଅର୍ଥ ମଞ୍ଜୁର କରିଥିଲେ। ଗୋପ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୩ଟି ପ୍ୟାକେଜ ମାଧ୍ୟମରେ ୨୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କାରେ ଫେବର ବ୍ଲକ ସହିତ ପିଚୁ ରାସ୍ତା ନିମନ୍ତେ ଟେଣ୍ଡର ହୋଇଥିଲା। ଜଗନ୍ନାଥ କନଷ୍ଟ୍ରକ୍ସନ ନାମକ ଏକ ଠିକାଦାରୀ ସଂସ୍ଥା ଏହି କାମ ଲିଜ୍ ନେଇଥିଲା। କାମ ଆରମ୍ଭରୁ ନିମ୍ନମାନର କାର୍ଯ୍ୟ କରିଥିଲେ ସୁଦ୍ଧା ବିଭାଗୀୟ ଯନ୍ତ୍ରୀ ଜାଣି ନୀରବ ରହିଥିଲେ। ରାସ୍ତାରେ ବାଲି ବଦଳରେ ମାଟି ପକାଇ ଫେବର ବ୍ଲକ ଇଟା ପକାଇବା ପରେ କିଛି ଦିନ ପରେ ଏହି ରାସ୍ତାର ଅନେକ ସ୍ଥାନ ଦବିଯିବା ଦେଖିବାକୁମିଳିଛି। ଏହି ସୁବର୍ଣ୍ଣପୁର– ଗବକୁଣ୍ଡ ସଂଯୋଗୀକରଣ ରାସ୍ତା ଉପରେ ଦୈନିକ ଶହଶହ ଲୋକ ବିଭିନ୍ନ ସ୍ଥାନକୁ ଯା ଆସ କରନ୍ତି। ଦବି ଯାଇଥିବା ଏହି ରାସ୍ତାରେ ପଡ଼ି ଲୋକେ ଖଣ୍ଡିଆଖାବରା ହେବା ସହିତ ଛୋଟବଡ଼ ଦୁର୍ଘଟଣା ଘଟୁଛି। ୨୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ରାସ୍ତା କାମ ମାତ୍ର ଗୋଟିଏ ମାସରେ ଦବିଯିବା ଯୋଗୁ ବିଭାଗୀୟ ଯନ୍ତ୍ରୀମାନେ କାହିଁକି ନୀରବଦ୍ରଷ୍ଟା ସାଜିଛନ୍ତି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ ନିମାପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ ସତ୍ୟଜିତ୍ ଦଳାଇଙ୍କୁ ଫୋନ କରିବାରେ ସେ ଫୋନ ଉଠାଇ ନ ଥିଲେ। ଏନେଇ ଗୋପ ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠୀ ଯନ୍ତ୍ରୀ ଆଶୁତୋଷ ସ୍ୱାଇଁଙ୍କୁ ପଚାରିବାରେ, ରାସ୍ତା କାମ ହେଉଥିବାବେଳେ କଂକ୍ରିଟ ୱାଲ ପାଇଁ ଆବଶ୍ୟକ ଦ୍ରବ୍ୟ ରଖାଯାଇଥିବାବେଳେ ଅପରପାର୍ଶ୍ୱର ଭାରିଯାନ ଯିବାରୁ ତାହା ଦବି ଯାଇଛି। ରାସ୍ତାର ମରାମତି ପୁନର୍ବାର କରାଯିବ ବୋଲି ସେ କହିଛନ୍ତି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

# ପୁରୁଣା କର୍ମୀଙ୍କୁ ଦଳକୁ ଫେରାଇ ଆଣିବାକୁ କଂଗ୍ରେସର ପ୍ରୟାସ

ଡେଲାଙ୍ଗ,୨୧।୩(ରଶ୍ମିରଞ୍ଜନ ପ୍ରଧାନ):

ଡେଲାଙ୍ଗ ବ୍ଲକ ସାଉରିଆ ପଞ୍ଚାୟତସ୍ଥିତ ବଣିବକ୍ରେଶ୍ୱର ମନ୍ଦିର ପ୍ରାଙ୍ଗଣରେ କଂଗ୍ରେସର ସାଧାରଣ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ କଂଗ୍ରେସ ସଭାପତି ଜାନକୀବଲ୍ଲଭ ହରିଚନ୍ଦନ ଅଧ୍ୟକ୍ଷତା କରିଥିଲେ। ପୁରୁଣା କର୍ମୀଙ୍କୁ ଦଳକୁ ଫେରାଇ ଆଣିବା ବୈଠକର ମୁଖ୍ୟ ଲକ୍ଷ୍ୟ ନେଇ ମୁଖ୍ୟବକ୍ତା ଭାବେ ପିପିଲି ବ୍ଲକ ପ୍ରାକ୍ତନ ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ପୁରୁଣା କଂଗ୍ରେସ କର୍ମୀଙ୍କୁ ଘରବାହୁଡ଼ା ପାଇଁ ଆହ୍ୱାନ ଦେଇଥିଲେ। ରାଜ୍ୟ ଓବିସି ସେଲ୍ ସାଧାରଣ ସମ୍ପାଦକ ରଶ୍ମିରଞ୍ଜନ ସ୍ୱାଇଁ ସଭା ସଂଯୋଜନା କରିଥିଲେ। ମୁଖ୍ୟ ଅତିଥି ଭାବେ ରାଜ୍ୟ କଂଗ୍ରେସ କମିଟି ସାଧାରଣ ସମ୍ପାଦକ ଜ୍ଞାନରଞ୍ଜନ ପଟ୍ଟନାୟକ, ଜିଲା ସାଧାରଣ ସମ୍ପାଦକ ଦେବପ୍ରସାଦ ରାଉତରାୟ, ସାଧାରଣ ସମ୍ପାଦକ ବିନୋଦ ସ୍ୱାଇଁ, ପୂର୍ବତନ ସରପଞ୍ଚ ପ୍ରଦୀପ ତାଡ଼, ଓବିସି ସେଲ୍ ରାଜ୍ୟ ସମ୍ପାଦକ ପ୍ରମୋଦ ପଲାଇ, ବସନ୍ତ ମାଝୀ, ଗୁଣନିଧି ପ୍ରଧାନ, ବରିଷ୍ଠ କର୍ମୀ ଗୌରୀଶଙ୍କର ହରିଚନ୍ଦନ ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ସାଧାରଣ ନିର୍ବାଚନ ପାଇଁ କଂଗ୍ରେସକୁ ତୃଣମୂଳସ୍ତରରୁ ମଜଭୁତ କରିବା ସହିତ ପିପିଲି ନିର୍ବାଚନମଣ୍ଡଳୀରେ ଉତ୍ତମ ପ୍ରଦର୍ଶନ କରିବା ସମ୍ପର୍କରେ ସମାବେଶରେ ଆଲୋଚନା ହୋଇଥିଲା। ବିଗତ ନିର୍ବାଚନରେ ଠିକ୍ ନେତୃତ୍ୱ ଅଭାବରୁ କଂଗ୍ରେସ ଜନସାଧାରଣ ଓ କର୍ମୀଙ୍କ ଆସ୍ଥା ଭାଜନ ହୋଇପାରି ନ ଥିଲା। ପ୍ରତ୍ୟେକ ନେତୃବୃନ୍ଦ ଏହାକୁ ସଂଶୋଧନ କରିବା ଓ ପ୍ରତ୍ୟେକ ପଞ୍ଚାୟତରେ ଏକାଧିକ କର୍ମୀଙ୍କୁ ନେଇ ନିର୍ବାଚନ କମିଟି ଗଠନ କରିବାକୁ ପ୍ରାକ୍ତନ ଅଧ୍ୟକ୍ଷ ସ୍ୱାଇଁ ଆହ୍ୱାନ ଦେଇଥିଲେ। ଏତଦ୍‌ବ୍ୟତୀତ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଅଦୃଶ୍ୟ ମେଣ୍ଟ ବିରୋଧରେ ଲଢ଼ିବା ନେଇ ପୁରୁଣା କର୍ମୀଙ୍କୁ ଦଳକୁ ପୁନର୍ବାର ଫେରି ଆସିବାକୁ ସେ ନିବେଦନ କରିଛନ୍ତି।


କଂଗ୍ରେସର ସାଧାରଣ ବୈଠକରେ ଯୋଗ ଦେଇଥିବା କର୍ମୀ ।

# ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜନନୀ ଏକ୍ସପ୍ରେସ୍ ଅଚଳ

## ହଇରାଣ ହେଉଛନ୍ତି ଶିଶୁ, ଗର୍ଭବତୀ

ଗୋପ,୨୧।୩(ଭାରତୀ ଭୂଷଣ ଉପାଧ୍ୟାୟ):

ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ରାଜ୍ୟ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ତା'ର ବ୍ୟତିକ୍ରମ ଦେଖାଦେଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ଜନନୀ ଏକ୍ସପ୍ରେସ ଆମ୍ବୁଲାନ୍ସଟି ଜନ ସେବାରେ ଲାଗିପାରୁ ନାହିଁ। ରାଜ୍ୟ ବାହାରେ ରେଜିଷ୍ଟ୍ରେଶନ ହୋଇଥିବା ଏହି ଆମ୍ବୁଲାନ୍ସଟି ଦୀର୍ଘ ବର୍ଷେ ମଧ୍ୟରେ ବାରମ୍ବାର ଅଚଳ ହେବା ଫଳରେ ଗର୍ଭବତୀ, ଶିଶୁ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେବା ଭଳି ଅଭିଯୋଗ ରହିଛି।

ପ୍ରକାଶ ଯେ, ଏହା ଏକ ପୁରାତନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାବରେ ରହିଥିବାବେଳେ ୨୦ ପଞ୍ଚାୟତର ଶତାଧିକ ଗ୍ରାମବାସୀ ଏହା ଉପରେ ନିର୍ଭରଶୀଳ। କିନ୍ତୁ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ରହିଥିବା ୧୦୮ ଆମ୍ବୁଲାନ୍ସ ଭଙ୍ଗାରୁଜା ଅବସ୍ଥାରେ ଚାଲୁଥିବାବେଳେ ଜନନୀ ଏକ୍ସପ୍ରେସ୍ ଅଚଳ ହେବାରୁ ଶିଶୁ, ଗର୍ଭବତୀ ଏବଂ ମହିଳା ରୋଗୀଙ୍କ ଯିବାଆସିବାରେ ଅସୁବିଧା ହେଉଛି। ବାରମ୍ବାର ସ୍ଥାନୀୟ ଜନସାଧାରଣ ଏ ସମ୍ପର୍କରେ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଜିଲାର ଜଣେ ଅଧିକାରୀ ଏହି ଆମ୍ବୁଲାନ୍ସ ଦାୟିତ୍ୱରେ ଥିଲେ ସୁଦ୍ଧା ଅଭିଯୋଗ ପ୍ରତି ଗୁରୁତ୍ୱ ଦେଉ ନାହାନ୍ତି। ଅଚଳ ଆମ୍ବୁଲାନ୍ସକୁ ମରାମତି ନାମରେ ମୋଟା ଅଙ୍କର ଟଙ୍କା ଖର୍ଚ୍ଚ କରାଯାଉଥିବା କୁହାଯାଉଥିବାବେଳେ କିଏ ଟଙ୍କା ଖର୍ଚ୍ଚ କରୁଛି, କେମିତି ଖର୍ଚ୍ଚ କରାଯାଇଛି ତାହା ତଦନ୍ତ ସାପେକ୍ଷ। ସ୍ୱାସ୍ଥ୍ୟ ବିଭାଗ ଏଥିପ୍ରତି ଗୁରୁତ୍ୱ ଦେବାକୁ ଦାବି କରାଯାଇଛି। ଏନେଇ ୧୦୮ ଦାୟିତ୍ୱରେ ଥିବା ଅଧିକାରୀ ବିଶ୍ୱ ରଞ୍ଜନ ସ୍ୱାଇଁଙ୍କୁ ପଚାରିବାରେ, ଆମ୍ବୁଲାନ୍ସକୁ କଟକ ମରାମତି ପାଇଁ ପଠାଯାଇଛି। ଗାଡ଼ିଟି ବାରମ୍ବାର ଖରାପ ହେଉଥିବାରୁ ତା' ବଦଳରେ ଆଉ ଏକ ଗାଡ଼ି ଆସିବ ବୋଲି ସେ କହିଥିଲେ।



## ସଂକ୍ଷେପରେ

### ଚୋରି ମାମଲାରେ ଅଭିଯୁକ୍ତ ବିଶ୍ୱଜିତଙ୍କୁ ବର୍ଷେ ଜେଲ

ଭୁବନେଶ୍ୱର,୨୧।୩
(ସୂର୍ଯ୍ୟକାନ୍ତ ବେହେରା)

ଏକ ଚୋରି ମାମଲାର ରାୟ ଭୁବନେଶ୍ୱର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ କୋର୍ଟ(୫)ରେ ପ୍ରକାଶ ପାଇଛି। ବିଚାରପତି ସବ୍ୟସାଚୀ ପଣ୍ଡା ଏହି ମାମଲାର ଶୁଣାଣି କରି ଅଭିଯୁକ୍ତ ବିଶ୍ୱଜିତ ବେହେରା ଓରଫ ବାପିଙ୍କୁ ଦୋଷୀ ସାବ୍ୟସ୍ତ କରି ୧ ବର୍ଷ ଜେଲ ଦଣ୍ଡ ଶୁଣାଇଛନ୍ତି। ଏହାସହ ୧ ହଜାର ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ଏକ ମାସ ଜେଲ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି। ମାମଲାର ବିବରଣୀ ଅନୁଯାୟୀ, ଖଣ୍ଡଗିରି ଧର୍ମବିହାର ପ୍ଲଟ ନଂ.ଏଚ୍‌ଆଇଜି-୪୪ରେ ଅଜୟ କୁମାର ସାହୁଙ୍କର ଏକ ଅଫିସ ରହିଛି। ଉକ୍ତ କାର୍ଯ୍ୟାଳୟରୁ ଅଭିଯୁକ୍ତ ବିଶ୍ୱଜିତ୍ କିଛି ବାଥରୁମ ଟ୍ୟାପ ଚୋରି କରି ଫେରାର ହୋଇଯାଇଥିଲେ। ଏନେଇ ଅଜୟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏତଲା ଆଧାରରେ ଖଣ୍ଡଗିରି ଥାନା ପୋଲିସ ଦଫା- ୪୫୪/୩୮୦ରେ ଏକ ମାମଲା (ନଂ.୧୭୪/୨୦୨୩) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ସରକାରଙ୍କ ତରଫରୁ ସହକାରୀ ପବ୍ଲିକ ପ୍ରସିକ୍ୟୁଟର ନିରଞ୍ଜନ ବେହେରା ମାମଲା ପରିଚାଳନା କରୁଥିଲେ।

### ଅପହୃତା ନାବାଳିକା ଉଦ୍ଧାର, ସମ୍ପର୍କୀୟ ପିଉସା ଫେରାର

ଜଟଣୀ,୨୧।୩(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ଥାନା ଅଧୀନ ପଞ୍ଚୁପଲ୍ଲୀ ପଞ୍ଚାୟତର ବାଇରଙ୍ଗ ଅଞ୍ଚଳର ଜଣେ ୧୫ ବର୍ଷୀୟା ବାଳିକାଙ୍କୁ ସମ୍ପର୍କୀୟ ପିଉସା ଅପହରଣ କରିଥିବା ନେଇ ଗତ ୧୮ତାରିଖରେ ଅଭିଯୋଗ ହୋଇଥିଲା। ଏନେଇ ପୋଲିସ ତଦନ୍ତ ଚଳାଇବା ସହ ସମ୍ପୃକ୍ତା ନାବାଳିକାଙ୍କୁ ଉଦ୍ଧାର କରି ଗୁରୁବାର ଡାକ୍ତରୀମାଇନା ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲା। ତେବେ ଫେରାର ଥିବା ସମ୍ପର୍କୀୟ ପିଉସାଙ୍କୁ ଖୁବ୍‌ଶୀଘ୍ର ଧରାଯିବ ବୋଲି ଥାନା ଅଧିକାରୀ ସୌମ୍ୟକାନ୍ତ ବଳିୟାରସିଂ ସୂଚନା ଦେଇଛନ୍ତି। ଅଭିଯୋଗ ମୁତାବକ, ଗତ ୧୬ ତାରିଖରେ ନାବାଳିକା ଜଣଙ୍କ ଗ୍ରାମ ନିକଟ ପଡିଆକୁ ଶୌଚ ପାଇଁ ଯାଇଥିଲେ। ଦୀର୍ଘ ସମୟ ପରେ ନାବାଳିକା ଘରକୁ ନ ଫେରିବାରୁ ପରିବାର ଲୋକ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ସମ୍ପର୍କୀୟ ପିଉସା ଅପହରଣ କରିଥିବା ନେଇ ଜାଣିବା ପରେ ତାଙ୍କ ଘରକୁ ଯାଇ ଝିଅ ବିଷୟରେ ପଚାରିଥିଲେ ମଧ୍ୟ ଖାଲି ହାତରେ ଫେରିଥିଲେ। ଏନେଇ ପରିବାର ଲୋକ ଗତ ୧୮ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ଅନୁସନ୍ଧାନ ଚଳାଇଥିବା ବେଳେ ସମ୍ପୃକ୍ତା ନାବାଳିକାଙ୍କୁ ଗ୍ରାମର ଏକ ଗହିରରେ ସମ୍ପର୍କୀୟ ପିଉସା ଛାଡ଼ି ପଳାଇଥିଲେ। ପରେ ଖବରପାଇ ପୋଲିସ ନାବାଳିକା ଜଣଙ୍କୁ ଉଦ୍ଧାର କରି ଅଧିକ ତଦନ୍ତ ଚଳାଇଛି।

### ରାଜମହଲ ଛକରେ ଅଟୋକୁ ଧକ୍କା ଦେଲା ମୋ ବସ୍

ଭୁବନେଶ୍ୱର,୨୧।୩
(ସୂର୍ଯ୍ୟକାନ୍ତ ବେହେରା)

କ୍ୟାପିଟାଲ ଥାନା ଅନ୍ତର୍ଗତ ରାଜମହଲ ଛକରେ ଅଟୋକୁ ପଛରୁ ଧକ୍କା ଦେଲା ମୋ ବସ। ଏଥିରେ କେହି ଆହତ ହୋଇ ନ ଥିଲେ ମଧ୍ୟ ଅଟୋର ସାମ୍ନା ପାର୍ଶ୍ୱ ଭାଙ୍ଗି ଯାଇଛି। ଦୁର୍ଘଟଣା ପରେ ବସକୁ କ୍ୟାପିଟାଲ ଥାନାର ହସ୍ତାନ୍ତର କରିଛନ୍ତି ଅନଲାଇନ ଅଟୋ ଚାଳକ ସଂଘ। ତେବେ ଏନେଇ ଦୁର୍ଘଟଣାରେ ଶିକାର ଅଟୋ ଚାଳକ କହିଛନ୍ତି ଯେ, ମୋ ବସ୍ ପାଇଁ ରାଜଧାନୀରେ କିଛି କଟକଣା ନାହିଁ। ସେମାନେ ମନ ଇଚ୍ଛା ଗାଡ଼ି ଚଳାଉଛନ୍ତି। ଦୁର୍ଘଟଣା ଘଟାଇବା ପରେ କର୍ମଚାରୀମାନେ ଓଲଟା ଧମକ ଦେଇ ସରକାରୀ ବସ୍ ଯାହା କରିବ କର ବୋଲି କହିଛନ୍ତି। ତେଣୁ ଏମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କରିବା ଆବଶ୍ୟକତା ଅଛି ବୋଲି ସଂଘ ପକ୍ଷରୁ ଦାବି କରାଯାଇଛି। ସୂଚନାନୁସାରେ, ଗୁରୁବାର ମଧ୍ୟାହ୍ନରେ ଅଟୋଟି ମାଷ୍ଟରକ୍ୟାଣ୍ଟିନରୁ ଯାତ୍ରୀଙ୍କୁ ନେଇ ରାଜମହଲ ଛକରେ ଓହ୍ଲାଉଥିବା ସମୟରେ ପଛରୁ ମୋ ବସ୍‌ଟି ଅଟୋକୁ ଧକ୍କା ଦେଇଥିଲା।

# ବିଏମ୍‌ସିକୁ ୪ର୍ଥ ଥର ଚିଠି ଲେଖିଲା ଏଡବ୍ଲୁବିଆଇ

## ଅନୁମତି ନ ଥିବା ସଂସ୍ଥାକୁ କୁକୁର ବନ୍ଧ୍ୟାକରଣ ଦାୟିତ୍ୱ ପ୍ରସଙ୍ଗ

ଭୁବନେଶ୍ୱର, ୨୧।୩ (ବନ୍ଦନା ସେଠୀ)



କୁକୁର ବନ୍ଧ୍ୟାକରଣ ବା ଆନିମଲ୍ ବାର୍ଥ କଣ୍ଟ୍ରୋଲ (ଏବିସି) କାର୍ଯ୍ୟକ୍ରମ ପାଇଁ ସଂସ୍ଥା ଚୟନରେ ବିଏମ୍‌ସି ଚଞ୍ଚକତା କରିଛି। ଏନେଇ ଆନିମଲ୍ ୱେଲ୍‌ଫେୟାର୍ ବୋର୍ଡ ଅଫ୍ ଇଣ୍ଡିଆ (ଏଡବ୍ଲୁବିଆଇ) ନିକଟରେ ଅଭିଯୋଗ ହେବାପରେ ଘଟଣାର ସତ୍ୟାସତ୍ୟ ଯାଞ୍ଚ ପାଇଁ ବୋର୍ଡ ପକ୍ଷରୁ ବିଏମ୍‌ସି କମିଶନରଙ୍କୁ ବାରମ୍ବାର ଚିଠି କରାଯାଇଛି। ୪ଥର ବୋର୍ଡ ଚିଠି କରିବା ସହ ଘଟଣାର ଯାଞ୍ଚ ଏବଂ ସମ୍ପୃକ୍ତ ସଂସ୍ଥା କରୁଥିବା ଏବିସି କାର୍ଯ୍ୟକ୍ରମକୁ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେଇଛି। ମାତ୍ର ଏହାପରେ ବି ବିଏମ୍‌ସି ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ବିଏମ୍‌ସିର ଏପରି ବେଖାତିର ମନୋଭାବ ତଥା ଏଡବ୍ଲୁବିଆଇ ପରି କେନ୍ଦ୍ରୀୟ ସଂସ୍ଥାର ନିର୍ଦ୍ଦେଶକୁ ମାନୁ ନ ଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ଦୁଇଥର ଚିଠି ପରେ ଏଡବ୍ଲୁବିଆଇ ଫେବୃଆରୀ ୨୮ରେ କରିଥିବା ତୃତୀୟ ଚିଠିରେ ୭ଦିନ ମଧ୍ୟରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲେ ବି ବିଏମ୍‌ସି କୌଣସି ପଦକ୍ଷେପ ଗ୍ରହଣ କରିଥିବା ନେଇ ରିପୋର୍ଟ ଦେଇନାହିଁ। ତେଣୁ ପୁନର୍ବାର ମାର୍ଚ୍ଚ ୧୮ ତାରିଖରେ ଚିଠି କରାଯାଇ ୭ଦିନ ମଧ୍ୟରେ ଯାଞ୍ଚ ରିପୋର୍ଟ ଦେବାକୁ କୁହାଯାଇଛି। ଏଥିସହ ବିଏମ୍‌ସିରେ କୁକୁର ବନ୍ଧ୍ୟାକରଣ କରୁଥିବା ମହାରାଷ୍ଟ୍ରର ସଂସ୍ଥା ଭେଟ୍ ଫର୍ ଆନିମଲ୍‌କୁ ପ୍ରକଳ୍ପ ମାନ୍ୟତା ଦିଆଯାଇ ନ ଥିବାରୁ ତୁରନ୍ତ ଏହାର କାର୍ଯ୍ୟକ୍ରମକୁ ବାତିଲ୍ କରିବାକୁ ନିର୍ଦ୍ଦେଶ ରହିଛି। ମାର୍ଚ୍ଚ ୧୯ରେ ଚିଫ୍ ଡିଷ୍ଟ୍ରିକ୍ଟ ଭେଟେରିନାରି ଅଧିକାରୀ ବିଏମ୍‌ସିର ଡେପୁଟି କମିଶନର (ଏବିସି)ଙ୍କୁ ଚିଠି କରି ଘଟଣାର ସତ୍ୟାସତ୍ୟ ଯାଞ୍ଚ ପାଇଁ କୁହାଯାଇଛି। ତେବେ ବାରମ୍ବାର ନିର୍ଦ୍ଦେଶ ଦେବା ସହ ଯାଞ୍ଚ ରିପୋର୍ଟ ମଗାଯାଉଥିଲେ ବି ବିଏମ୍‌ସି କର୍ତ୍ତୃପକ୍ଷ କାହିଁକି ଏ ଦିଗରେ ନୀରବତା ଅବଲମ୍ବନ କରୁଛନ୍ତି ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଘଟଣା ନେଇ ବିଏମ୍‌ସି କମିଶନର ରାଜେଶ୍ ପ୍ରଭାକର ପାଟିଲ୍‌ଙ୍କୁ ପଚାରିବାରୁ ସେ କହିଛନ୍ତି, ସମ୍ପୃକ୍ତ ସଂସ୍ଥା ପ୍ରକଳ୍ପ ମଞ୍ଜୁର ପାଇଁ ଆବେଦନ କରିଛି, ତେଣୁ ପୂର୍ବରୁ ହିଁ ତାକୁ କାମ ପାଇଁ ଟେଣ୍ଡର ମିଳିଛି। ସେମାନଙ୍କର କାମ ଠିକ୍ ଅଛି, ସେଥିରେ କୌଣସି ଅସୁବିଧା ନାହିଁ। କେବେ ସେମାନଙ୍କୁ ଅନୁମତି ମିଳିବ, କି ରିଜେକ୍ଟ ହେବ ଦେଖାଯିବ। ଯଦି ସେମାନଙ୍କ ଆବେଦନ ରିଜେକ୍ଟ ହେଲା ତେବେ ତାଙ୍କୁ କାମରୁ ବାହାର କରାଯିବ ବୋଲି କମିଶନର ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ସମ୍ପୃକ୍ତ ସଂସ୍ଥାର ଅନୁମୋଦନ ସାର୍ଟିଫିକେଟ୍ ନ ଥିବା ଏବଂ ଏହା ଆନିମଲ୍ ବାର୍ଥ କଣ୍ଟ୍ରୋଲ ରୁଲ୍ ୨୦୨୩କୁ ଉଲ୍ଲଂଘନ କରୁଥିବା ନେଇ ପିପୁଲ୍ ଫର୍ ଆନିମଲ୍‌ର ସନ୍ତୋଷ ଦାସ ଏବଂ ଜୀବନ ବଲ୍ଲଭ ଦାସ ୨୦୨୩ ମେ' ୧୬ରେ ଏଡବ୍ଲୁବିଆଇରେ ଅଭିଯୋଗ କରିଥିଲେ। ଏହାର ଉତ୍ତରରେ ଏଡବ୍ଲୁବିଆଇ ପକ୍ଷରୁ ବିଏମ୍‌ସି କମିଶନରଙ୍କୁ ଏକ ଚିଠି ଜାରି କରାଯାଇଥିଲା। ଅଭିଯୋଗ ହୋଇଥିବା ସଂସ୍ଥା ପାଖରେ ଏବିସି କାର୍ଯ୍ୟକ୍ରମ କରିବାକୁ ଅନୁମୋଦନ ଅଛି କି ନାହିଁ ତାହା ତଦାରଖ କରି ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଯଦି ଅନୁମୋଦନ ନାହିଁ ତେବେ ୬ମାସ ମଧ୍ୟରେ ସ୍ୱୀକୃତୀ ପାଇଁ ଆବେଦନ କରିବାକୁ ମଧ୍ୟ କୁହାଯାଇଥିଲା। ମାତ୍ର ତତ୍କାଳୀନ ବିଏମ୍‌ସି କମିଶନର ଏହାକୁ ଅଣଦେଖା କରିବା ସହ କୌଣସି ରିପୋର୍ଟ ଦେଇ ନ ଥିଲେ। ପରେ ଫେବୃଆରୀ ୧୩ ଏବଂ ପରେ ୨୮ରେ ଚିଠି କରାଯାଇଥିଲା। ଏହାର କୌଣସି ଉତ୍ତର ମିଳି ନ ଥିବାରୁ ପୁନର୍ବାର ୧୮ରେ ଚିଠି କରାଯାଇଛି।

# ବିଏମ୍‌ସି ଅଧିକାରୀଙ୍କ ଦାୟିତ୍ୱରେ ବଡ଼ ପରିବର୍ତ୍ତନ

## ୨ ସୁପରଭାଇଜିଂ ଅଫିସରଙ୍କ ନେତୃତ୍ୱରେ ହେବ କାର୍ଯ୍ୟ

ଭୁବନେଶ୍ୱର, ୨୧।୩ (ବନ୍ଦନା ସେଠୀ)

ନିର୍ବାଚନ ପୂର୍ବରୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଧିକାରୀଙ୍କ ଦାୟିତ୍ୱ ବଦଳିଛି। ପୁରୁଣା ଅଧିକାରୀ ଚୌକି ଛାଡ଼ିବା ସହ ନୂଆ ଅଧିକାରୀ କାର୍ଯ୍ୟରେ ଯୋଗଦେଇଛନ୍ତି। ଏହିକ୍ରମରେ ୪ଟି ବର୍ଗରେ ଅଧିକାରୀଙ୍କୁ ନୂତନ ଦାୟିତ୍ୱ ବଣ୍ଟନ କରାଯାଇଛି। ଏନେଇ ଗୁରୁବାର ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ୨ଜଣ ଅତିରିକ୍ତ କମିଶନର ତଥା ସୁପରଭାଇଜିଂ ଅଫିସରଙ୍କ ନେତୃତ୍ୱରେ ଡେପୁଟି କମିଶନର ତଥା ଅନ୍ୟ ବରିଷ୍ଠ ଅଧିକାରୀଙ୍କୁ ଦାୟିତ୍ୱ ବଣ୍ଟା ହୋଇଛି। ସିଟି ଚିଫ୍ ଇଞ୍ଜିନିୟରଙ୍କ ନେତୃତ୍ୱରେ ଅନ୍ୟ ଇଞ୍ଜିନିୟର, ମୁଖ୍ୟ ବିତ୍ତ ଅଧିକାରୀଙ୍କ ନେତୃତ୍ୱରେ ଫାଇନାନ୍ସ, ଅଡିଟ୍ ଓ ଆକାଉଣ୍ଟ୍ସ ଅଧିକାରୀ ଓ ସିଟି ପ୍ଲାନରଙ୍କ ନେତୃତ୍ୱରେ ପ୍ଲାନିଂ ସେକ୍ସନ ଅଧିକାରୀଙ୍କୁ କାର୍ଯ୍ୟ କରିବାକୁ ନୂଆ ନିର୍ଦ୍ଦେଶନାମା ଜାରି ହୋଇଛି। ସେହିପରି ସୁପରଭାଇଜିଂ ଅଫିସର ଭାବେ ଅତିରିକ୍ତ କମିଶନର-୧ ଘାସିରାମ ମୁର୍ମୁଙ୍କୁ ଦାୟିତ୍ୱ ମିଳିଥିବାବେଳେ ତାଙ୍କ ଅଧୀନରେ ଡେପୁଟି କମିଶନର ପ୍ରିୟବ୍ରତ ପାଢୀ, ରାଜକିଶୋର ଜେନା, ଅଜୟ କୁମାର ମହାନ୍ତି, ଧନଞ୍ଜୟ ମହାନ୍ତି, ଡ. ମନୋରଞ୍ଜନ ସାହୁ, ଅଶୋକ କୁମାର ଲେଙ୍କା, ଆସିଷ୍ଟାଣ୍ଟ କମିଶନର ଏନ.ଗଣେଶ ବାବୁ, ଜୋନାଲ ଡେପୁଟି କମିଶନର ଜୟଶ୍ରୀ ବେଉରା ବିଭିନ୍ନ ବିଭାଗରେ କାମ କରିବେ। ଅପରପକ୍ଷେ ନୂଆ ଦାୟିତ୍ୱ ନେଇଥିବା ଅତିରିକ୍ତ କମିଶନର-୨ ସସ୍ମିତା ସାହୁଙ୍କ ନେତୃତ୍ୱରେ ପ୍ରିୟଙ୍କା ମଲ୍ଲିକ, କାଜଲ ପ୍ରଧାନ, ରଞ୍ଜନ କୁମାର ବେହେରାଙ୍କ ସହ ଏନ୍‌ଭାଇରନ୍‌ମେଣ୍ଟ ଅଫିସର ବାଉରୀବନ୍ଧୁ ନାୟକ ଓ ସହର ଶିକ୍ଷା ଅଧିକାରୀ ଡ. ଅମ୍ରିତା ପ୍ରୀତିନନ୍ଦା କାମ କରିବେ। ମୁଖ୍ୟ ବିତ୍ତ ଅଧିକାରୀ ଗୋବିନ୍ଦଚନ୍ଦ୍ର ନାୟକଙ୍କ ନେତୃତ୍ୱରେ ସୌଦାମିନୀ ବେହେରା, ଅଡିଟ ସୁପରିଣ୍ଟେଣ୍ଡେଣ୍ଟ ଇତିଶ୍ରୀ ମହାପାତ୍ରଙ୍କୁ ଦାୟିତ୍ୱ ଦିଆଯାଇଛି। ସିଟି ଇଞ୍ଜିନିୟର ବିଳାସ କୁମାର ବେହେରାଙ୍କ ନେତୃତ୍ୱରେ ୩ ଜୋନର ମୁଖ୍ୟ ଯନ୍ତ୍ରୀଙ୍କ ସମେତ ପରିମଳ, ବିଦ୍ୟୁତ୍, ଡ୍ରେନ ଉପବିଭାଗର ଯନ୍ତ୍ରୀଙ୍କୁ ଦାୟିତ୍ୱ ହସ୍ତାନ୍ତର କରାଯାଇଛି। ସିଟି ପ୍ଲାନର ଦାୟିତ୍ୱରେ ଥିବା ବିପୁଳ କୁମାର ନାୟକଙ୍କ ନେତୃତ୍ୱରେ ସମସ୍ତ ଆସିଷ୍ଟାଣ୍ଟ ଟାଉନ ପ୍ଲାନର (ଏଟିପି) କାମ କରିବେ ବୋଲି ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି।

# ସୁନୀଲ, ପ୍ରଶାନ୍ତ ଦୋଷୀ ସାବ୍ୟସ୍ତ: ୨ବର୍ଷ ଜେଲ

## ବାଇକ୍ ଚୋରି ମାମଲାର ରାୟ ପ୍ରକାଶ

ଭୁବନେଶ୍ୱର,୨୧।୩
(ସୂର୍ଯ୍ୟକାନ୍ତ ବେହେରା)

ଏକ ମୋଟରସାଇକେଲ ଚୋରି ମାମଲାର ଶୁଣାଣି କରି ଭୁବନେଶ୍ୱର ପ୍ରଥମ ଶ୍ରେଣୀ ବିଚାରବିଭାଗୀୟ କୋର୍ଟ(୨)ର ବିଚାରପତି ଗିରିଶ ଚନ୍ଦ୍ର ମୁଦୁଲି ଅଭିଯୁକ୍ତ ସୁନୀଲ କୁମାର ମଲ୍ଲ ଓ ପ୍ରଶାନ୍ତ କୁମାର ଭୋଇକୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ୮ ଜଣ ସାକ୍ଷୀଙ୍କ ବୟାନ ଓ ପ୍ରଯୁଜ୍ୟ ଦସ୍ତାବିଜ ଆଧାରରେ ବିଚାରପତି ସେମାନଙ୍କୁ ୨ବର୍ଷ ଜେଲ ଦଣ୍ଡ ଶୁଣାଇଛନ୍ତି। ସରକାରଙ୍କ ତରଫରୁ ସହକାରୀ ପବ୍ଲିକ ପ୍ରସିକ୍ୟୁଟର ଗଞ୍ଜନ ଶବର ମାମଲା ପରିଚାଳନା କରୁଥିଲେ।

ମାମଲାର ବିବରଣୀ ଅନୁଯାୟୀ, ଗତବର୍ଷ ନଭେମ୍ବର ୨୨ରେ ଅଭିଯୋଗକାରୀ ତାଙ୍କର ବୁଲେଟ ଗାଡିକୁ ଘର ପାର୍କିଂରେ ରଖିଥିବାବେଳେ ବିଳମ୍ବିତ ରାତିରେ ଅଭିଯୁକ୍ତ ସୁନୀଲ ଓ ପ୍ରଶାନ୍ତ ତାହାକୁ ଚୋରି କରିନେଇଥିଲେ। ଏନେଇ ଅଭିଯୋଗକାରୀ ଇନ୍‌ଫୋସିଟି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୩୮୭/୨୦୨୩) ରୁଜୁକରି ତଦନ୍ତ ଚଳାଇଥିଲା।

# ବାଲିପାଟଣାରେ ଦୋପଟି ମେଳଣ

ବାଲିପାଟଣା,୨୧।୩
(ଅଭିମନ୍ୟୁ ନାୟକ)

ଏକାଦଶୀ ତିଥିରୁ ବାଲିପାଟଣାର ପ୍ରସିଦ୍ଧ ଦୋପଟି ମେଳଣ ଆରମ୍ଭ ହୋଇଛି। ମେଳଣରେ ଥାନପତିଭାବେ ବୁଦ୍ଧନାଥ ଦେବ, ସରାଟର ନୀଳକଣ୍ଠେଶ୍ୱର ଦେବ, ତରଡପଡାର ଗୋପୀନାଥ ଦେବ, ଫକୀରପଡାର ରାଧାମୋହନ ଦେବ, ଗିରିଙ୍ଗର ଗୋପୀନାଥ ଦେବ, ବାଲିପାଟଣାର ରାଧାମୋହନ ଦେବ, କାକରୁଦ୍ରପୁରର ପତିତପାବନ ଦେବ, ଗଣ୍ଡିଲୋର ଜଟେଶ୍ୱର ଦେବ, ସଠିଲୋର ଚମ୍ପାନାଥ ଦେବ, ଶିଶୁମଠ ମଦନମୋହନ ଦେବ, ବାଗିଲୋର ରାଧାମଧବ ଦେବ, ଆଣ୍ଟୁଆରୀ ଗୋପୀନାଥ ଦେବ, ସାହବନଗରର ହରିଦାସ ଦେବ, ବ୍ରାହ୍ମଣଷଡଙ୍ଗୀର ଗୋପୀନାଥ ଦେବ, ବେଣ୍ଟପୁର ଜାଗିରିର ଗୋପୀନାଥ ଦେବ, କୁଳନ୍ତିରାର ଗୋପୀନାଥ ଦେବ, ଡିହସାହିର ରାଧାକାନ୍ତ ଦେବ, କୁଳନ୍ତିରା ବାଗିଲୋର ଗୋପୀନାଥ ଦେବ, ଚଣାହଟ୍ଟାର ରାଧାଗୋବିନ୍ଦ ଦେବଙ୍କ ସମେତ ମୋଟ ୧୯ଟି ବିଗ୍ରହ ଯୋଗଦେଇଥିଲେ। ଏଠାରେ ବିଭିନ୍ନ ପ୍ରକାର ଖାଦ୍ୟ ଷ୍ଟଲ୍, ମନୋହରି ସାମଗ୍ରୀ, ମାଟିହାଣ୍ଡି, ଘରକରଣା ସାମଗ୍ରୀ, ପିଲାମାନଙ୍କ ଖେଳଣା ଆଦିର ପସରା ମେଳିଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପରିଚାଳନା କମିଟି ଓ ବାଲିପାଟଣା ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି ବୋଲି ମୁଖ୍ୟ ପୂଜକ ଚନ୍ଦ୍ରଶେଖର ପଣ୍ଡା କହିଛନ୍ତି।



ବାଲିପାଟଣାର ଦୋପଟି ମେଳଣରେ ବିମାନଗୁଡ଼ିକୁ ଦୋଳବେଦୀରେ ରଖାଯାଇଛି।



ଭୁବନେଶ୍ୱର ଉପକଣ୍ଠ ଶାମପୁର ପଞ୍ଚଦୋଳ ମେଳଣରେ ଦହି ହାଣ୍ଡି ଭଙ୍ଗା ଯାଉଛି।

# ଠାକୁରଙ୍କ ସହ ଫଗୁ, ଲଉଡ଼ି ଖେଳିଲେ ଶ୍ରଦ୍ଧାଳୁ

## ପ୍ରସିଦ୍ଧ ଶାମପୁର ପଞ୍ଚ ଦୋଳ ଉତ୍ସବ ଉଦ୍‌ଯାପିତ

ଭୁବନେଶ୍ୱର,୨୧।୩
(ଶର୍ମିଷ୍ଠା ପାଣିଗ୍ରାହୀ)

ପ୍ରସିଦ୍ଧ ଶାମପୁର ପଞ୍ଚ ଦୋଳ ମେଳଣ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଭୁବନେଶ୍ୱର ମହାନଗର ନିଗମର ୨୨ ନମ୍ବର ୱାର୍ଡ ଅନ୍ତର୍ଗତ ଶାମପୁର ମେଳଣ ପଡ଼ିଆରେ ଏଥିପାଇଁ ଜମିଥିଲା ଉତ୍ସବ। ସିଦ୍ଧେଶ୍ୱର ମହାଦେବଙ୍କ ଆମନ୍ତ୍ରଣକ୍ରମେ ଆଇଗିଣିଆ, ପୋଖରୀପୁଟ, ଗଣ୍ଡମୁଣ୍ଡା, ବରମୁଣ୍ଡା, ଘାଟିକିଆ, ଡୁମୁଡୁମା, ପାଇକରାପୁର, ତମାଣ୍ଡୋ ଆଦି ୨୩ଗାଁର ଆରାଧ୍ୟ ଦେବତାଙ୍କ ଚଳନ୍ତି ପ୍ରତିମାମାନେ ଅତିଥି ଠାକୁର ଭାବେ ଏଥିରେ ସାମିଲ ହେଇଥିଲେ। ସୁସଜ୍ଜିତ ଦୋଳବିମାନରେ ଠାକୁରମାନେ ପହଞ୍ଚିବା ପରେ ଧାଡ଼ି ହୋଇ ନିଜ ଆସ୍ଥାନରେ ଅବସ୍ଥାନ କରି ଭୋଗ ଖାଇଥିଲେ। ସଂକୀର୍ତ୍ତନ ସହ ହଜାର ହଜାର ଭକ୍ତଙ୍କ ମେଳରେ ଠାକୁରମାନେ ପରିକ୍ରମା କରିଥିଲେ। ହରିହର ଭେଟ ବେଳେ ପଡ଼ିଆରେ ଫଗୁ ଖେଳ ହୋଇଥିଲା। ଭକ୍ତଙ୍କ ମେଳରେ ଠାକୁରମାନେ ଫଗୁ, ଅବିର ଖେଳିଥିଲେ। ଶ୍ରଦ୍ଧାଳୁମାନେ ପରସ୍ପରକୁ ଫଗୁ ଓ ଅବିର ବୋଳି ରଙ୍ଗିନ କରିଦେଇଥିଲେ। ଏଥିସହ ଲଉଡି ଖେଳରେ ଗାଁ ଲୋକେ ସାମିଲ ହୋଇଥିଲେ। ଶେଷରେ ଦହି ହାଣ୍ଡି ଭଙ୍ଗାଯାଇଥିଲା।



ଶାମପୁର ପଞ୍ଚଦୋଳ ମେଳଣରେ ଯୁବତୀମାନେ ହୋଲି ଖେଳୁଛନ୍ତି।



ଦୋଳ ବିମାନଗୁଡ଼ିକୁ ଶୋଭଯାତ୍ରାରେ ନିଆଯାଉଛି।

## ସଂକ୍ଷେପରେ

### ଚୋରି ମାମଲାରେ ଅଭିଯୁକ୍ତ ବିଶ୍ୱଜିତଙ୍କୁ ବର୍ଷେ ଜେଲ

ଭୁବନେଶ୍ୱର,୨୧।୩ (ସୂର୍ଯ୍ୟକାନ୍ତ ବେହେରା)

ଏକ ଚୋରି ମାମଲାର ରାୟ ଭୁବନେଶ୍ୱର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ କୋର୍ଟ(୫)ରେ ପ୍ରକାଶ ପାଇଛି । ବିଚାରପତି ସବ୍ୟସାଚୀ ପଣ୍ଡା ଏହି ମାମଲାର ଶୁଣାଣି କରି ଅଭିଯୁକ୍ତ ବିଶ୍ୱଜିତ ବେହେରା ଓରଫ ବାପିଙ୍କୁ ଦୋଷୀ ସାବ୍ୟସ୍ତ କରି ୧ ବର୍ଷ ଜେଲ ଦଣ୍ଡ ଶୁଣାଇଛନ୍ତି। ଏହାସହ ୧ ହଜାର ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ଏକ ମାସ ଜେଲ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି। ମାମଲାର ବିବରଣୀ ଅନୁଯାୟୀ, ଖଣ୍ଡଗିରି ଧର୍ମବିହାର ପ୍ଲଟ ନଂ.ଏଚ୍ଆଇଜି-୪୪ରେ ଅଜୟ କୁମାର ସାହୁଙ୍କର ଏକ ଅଫିସ ରହିଛି। ଉକ୍ତ କାର୍ଯ୍ୟାଳୟରୁ ଅଭିଯୁକ୍ତ ବିଶ୍ୱଜିତ୍ କିଛି ବାଥରୁମ ଟ୍ୟାପ ଚୋରି କରି ଫେରାର ହୋଇଯାଇଥିଲେ। ଏନେଇ ଅଜୟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏତଲା ଆଧାରରେ ଖଣ୍ଡଗିରି ଥାନା ପୋଲିସ ଦଫା- ୪୫୪/୩୮୦ରେ ଏକ ମାମଲା (ନଂ.୧୭୪/୨୦୨୩) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ସରକାରଙ୍କ ତରଫରୁ ସହକାରୀ ପବ୍ଲିକ ପ୍ରସିକ୍ୟୁଟର ନିରଞ୍ଜନ ବେହେରା ମାମଲା ପରିଚାଳନା କରୁଥିଲେ।

### ଅପହୃତା ନାବାଳିକା ଉଦ୍ଧାର, ସମ୍ପର୍କୀୟ ପିଉସା ଫେରାର

ଜଟଣୀ,୨୧।୩(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ଥାନା ଅଧୀନ ପଞ୍ଚୁପଲ୍ଲୀ ପଞ୍ଚାୟତର ବାଇରଙ୍ଗ ଅଞ୍ଚଳର ଜଣେ ୧୫ ବର୍ଷୀୟା ବାଳିକାଙ୍କୁ ସମ୍ପର୍କୀୟ ପିଉସା ଅପହରଣ କରିଥିବା ନେଇ ଗତ ୧୮ତାରିଖରେ ଅଭିଯୋଗ ହୋଇଥିଲା। ଏନେଇ ପୋଲିସ ତଦନ୍ତ ଚଳାଇବା ସହ ସମ୍ପୃକ୍ତା ନାବାଳିକାଙ୍କୁ ଉଦ୍ଧାର କରି ଗୁରୁବାର ଡାକ୍ତରୀମାଇନା ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲା। ତେବେ ଫେରାର ଥିବା ସମ୍ପର୍କୀୟ ପିଉସାଙ୍କୁ ଖୁବ୍ଶୀଘ୍ର ଧରାଯିବ ବୋଲି ଥାନା ଅଧିକାରୀ ସୌମ୍ୟକାନ୍ତ ବଳିୟାରସିଂ ସୂଚନା ଦେଇଛନ୍ତି। ଅଭିଯୋଗ ମୁତାବକ, ଗତ ୧୬ ତାରିଖରେ ନାବାଳିକା ଜଣଙ୍କ ଗ୍ରାମ ନିକଟ ପଡିଆକୁ ଶୌଚ ପାଇଁ ଯାଇଥିଲେ। ଦୀର୍ଘ ସମୟ ପରେ ନାବାଳିକା ଘରକୁ ନ ଫେରିବାରୁ ପରିବାର ଲୋକ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ସମ୍ପର୍କୀୟ ପିଉସା ଅପହରଣ କରିଥିବା ନେଇ ଜାଣିବା ପରେ ତାଙ୍କ ଘରକୁ ଯାଇ ଝିଅ ବିଷୟରେ ପଚାରିଥିଲେ ମଧ୍ୟ ଖାଲି ହାତରେ ଫେରିଥିଲେ। ଏନେଇ ପରିବାର ଲୋକ ଗତ ୧୮ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ଅନୁସନ୍ଧାନ ଚଳାଇଥିବା ବେଳେ ସମ୍ପୃକ୍ତା ନାବାଳିକାଙ୍କୁ ଗ୍ରାମର ଏକ ଗହିରରେ ସମ୍ପର୍କୀୟ ପିଉସା ଛାଡ଼ି ପଳାଇଥିଲେ। ପରେ ଖବରପାଇ ପୋଲିସ ନାବାଳିକା ଜଣଙ୍କୁ ଉଦ୍ଧାର କରି ଅଧିକ ତଦନ୍ତ ଚଳାଇଛି।

### ଅପରାଧୀ, ପୀଡ଼ିତଙ୍କ ମଧ୍ୟରେ ସମ୍ପର୍କ ପୁନଃସ୍ଥାପନରେ ସହାୟକ ହେବ ରେଷ୍ଟୋରେଟିଭ୍ ଜଷ୍ଟିସ୍

ଭୁବନେଶ୍ୱର, ୨୧।୩ (ବନ୍ଦନା ସେଠୀ)

ସ୍ୱେଚ୍ଛାସେବୀ ଅନୁଷ୍ଠାନ ସୋସାଇଟି ଫର୍ ନେଚର୍, ଏଜୁକେଶନ ଆଣ୍ଡ୍ ହେଲ୍ଥ (ସ୍ନେହ) ପକ୍ଷରୁ ରେଷ୍ଟୋରେଟିଭ୍ ଜଷ୍ଟିସ୍ ସମ୍ପର୍କିତ ଏକ କର୍ମଶାଳା ନୟାପଲ୍ଲୀସ୍ଥିତ ତାଲିମକେନ୍ଦ୍ରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥିମାନେ ଯୋଗଦେଇ ଦେଶର ନ୍ୟାୟିକ ବ୍ୟବସ୍ଥାରେ ଥିବା ତ୍ରୁଟି ଏବଂ ସମାଜରେ ବଢୁଥିବା ଅପରାଧ ନିରାକରଣରେ ଦଣ୍ଡ ପ୍ରଦାନର ସୀମିତ ଭୂମିକା ଉପରେ ଆଲୋକପାତ କରିଥିଲେ। ଅପରାଧ ଏବଂ ଦଣ୍ଡବିଧାନ ସହିତ କ୍ଷତିଗ୍ରସ୍ତ ବ୍ୟକ୍ତିର କ୍ଷତିପୂରଣ ପାଇଁ ହୋଇଥିବା ସରକାରୀ ଅନୁଦାନ ବିଷୟରେ ଆଲୋଚନା କରାଯାଇଥିଲା। ସେହିପରି ରେଷ୍ଟୋରେଟିଭ୍ ଜଷ୍ଟିସ୍ ପ୍ରକ୍ରିୟାରେ ଅପରାଧୀ ଏବଂ ଅପରାଧର ଶିକାର ହୋଇଥିବା ବ୍ୟକ୍ତିଙ୍କ ମଧ୍ୟରେ ସମ୍ପର୍କର ପୁନଃସ୍ଥାପନ ସମ୍ଭବ ବୋଲି ମତପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମ ଆରମ୍ଭରେ ଅନୁଷ୍ଠାନର ପ୍ରକଳ୍ପ ସଂଯୋଜକ ପ୍ରଶାନ୍ତ କୁମାର ପ୍ରଧାନ ରେଷ୍ଟୋରେଟିଭ୍ ଜଷ୍ଟିସ୍ ଦ୍ୱାରା ଅପରାଧୀ, ପୀଡିତ ଏବଂ ଗୋଷ୍ଠୀ ମଧ୍ୟରେ କ୍ଷତିଗ୍ରସ୍ତ ହୋଇଥିବା ସମ୍ପର୍କକୁ କିଭଳି ପୁନଃସ୍ଥାପନ କରାଯାଇ ଆବଶ୍ୟକତା ପୂରଣ କରିହେଉଛି, ସେ ନେଇ ବିସ୍ତୃତ ବିବରଣୀ ପ୍ରଦାନ କରାଯାଇଥିଲା। ରାଜ୍ୟର ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରତିନିଧି, ପୋଲିସ୍ ଅଧିକାରୀ, ଆଇନଜୀବୀ ପ୍ରମୁଖ ଯୋଗଦେଇଥିଲେ।

# ବିଏମ୍‌ସିର ବେଖାତିର, ୪ଥର ଚିଠି ଲେଖିଲା ଏଡବ୍ଲ୍ୟୁବିଆଇ

## ଅନୁମତି ନ ଥିବା ସଂସ୍ଥାକୁ କୁକୁର ବନ୍ଧ୍ୟାକରଣ ଦାୟିତ୍ୱ ପ୍ରସଙ୍ଗ

ଭୁବନେଶ୍ୱର, ୨୧।୩ (ବନ୍ଦନା ସେଠୀ)

କୁକୁର ବନ୍ଧ୍ୟାକରଣ ବା ଆନିମଲ୍ ବାର୍ଥ କଣ୍ଟ୍ରୋଲ (ଏବିସି) କାର୍ଯ୍ୟକ୍ରମ ପାଇଁ ସଂସ୍ଥା ଚୟନରେ ବିଏମ୍‌ସି ଚଞ୍ଚକତା କରିଛି। ଏନେଇ ଆନିମଲ୍ ୱେଲ୍‌ଫେୟାର୍ ବୋର୍ଡ ଅଫ୍ ଇଣ୍ଡିଆ (ଏଡବ୍ଲ୍ୟୁବିଆଇ) ନିକଟରେ ଅଭିଯୋଗ ହେବାପରେ ଘଟଣାର ସତ୍ୟାସତ୍ୟ ଯାଞ୍ଚ ପାଇଁ ବୋର୍ଡ ପକ୍ଷରୁ ବିଏମ୍‌ସି କମିଶନରଙ୍କୁ ବାରମ୍ବାର ଚିଠି କରାଯାଇଛି। ୪ଥର ବୋର୍ଡ ଚିଠି କରିବା ସହ ଘଟଣାର ଯାଞ୍ଚ ଏବଂ ସମ୍ପୃକ୍ତ ସଂସ୍ଥା କରୁଥିବା ଏବିସି କାର୍ଯ୍ୟକ୍ରମକୁ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେଇଛି। ମାତ୍ର ଏହାପରେ ବି ବିଏମ୍‌ସି ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ବିଏମ୍‌ସିର ଏପରି ବେଖାତିର ମନୋଭାବ ତଥା ଏଡବ୍ଲ୍ୟୁବିଆଇ ପରି କେନ୍ଦ୍ରୀୟ ସଂସ୍ଥାର ନିର୍ଦ୍ଦେଶକୁ ମାନୁ ନ ଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ଦୁଇଥର ଚିଠି ପରେ ଏଡବ୍ଲ୍ୟୁବିଆଇ ଫେବୃଆରୀ ୨୮ରେ କରିଥିବା ତୃତୀୟ ଚିଠିରେ ୭ଦିନ ମଧ୍ୟରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲେ ବି ବିଏମ୍‌ସି କୌଣସି ପଦକ୍ଷେପ ଗ୍ରହଣ କରିଥିବା ନେଇ ରିପୋର୍ଟ ଦେଇନାହିଁ। ତେଣୁ ପୁନର୍ବାର ମାର୍ଚ୍ଚ ୧୮ ତାରିଖରେ ଚିଠି କରାଯାଇ ୭ଦିନ ମଧ୍ୟରେ ଯାଞ୍ଚ ରିପୋର୍ଟ ଦେବାକୁ କୁହାଯାଇଛି। ଏଥିସହ



ବିଏମ୍‌ସିରେ କୁକୁର ବନ୍ଧ୍ୟାକରଣ କରୁଥିବା ମହାରାଷ୍ଟ୍ରର ସଂସ୍ଥା ଭେଟ୍ ଫର୍ ଆନିମଲ୍‌କୁ ପ୍ରକଳ୍ପ ମାନ୍ୟତା ଦିଆଯାଇ ନ ଥିବାରୁ ତୁରନ୍ତ ଏହାର କାର୍ଯ୍ୟକ୍ରମକୁ ବାତିଲ୍ କରିବାକୁ ନିର୍ଦ୍ଦେଶ ରହିଛି। ମାର୍ଚ୍ଚ ୧୯ରେ ଚିଫ୍ ଡିଷ୍ଟ୍ରିକ୍ଟ ଭେଟେରିନାରି ଅଧିକାରୀ ବିଏମ୍‌ସିର ଡେପୁଟି କମିଶନର (ଏବିସି)ଙ୍କୁ ଚିଠି କରି ଘଟଣାର ସତ୍ୟାସତ୍ୟ ଯାଞ୍ଚ ପାଇଁ କୁହାଯାଇଛି। ତେବେ ବାରମ୍ବାର ନିର୍ଦ୍ଦେଶ ଦେବା ସହ ଯାଞ୍ଚ ରିପୋର୍ଟ ମଗାଯାଉଥିଲେ ବି ବିଏମ୍‌ସି କର୍ତ୍ତୃପକ୍ଷ କାହିଁକି ଏ ଦିଗରେ ନୀରବତା ଅବଲମ୍ବନ କରୁଛନ୍ତି ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଘଟଣା ନେଇ ବିଏମ୍‌ସି କମିଶନର ରାଜେଶ୍ ପ୍ରଭାକର ପାଟିଲ୍‌ଙ୍କୁ ପଚାରିବାରୁ ସେ କହିଛନ୍ତି, ସମ୍ପୃକ୍ତ ସଂସ୍ଥା ପ୍ରକଳ୍ପ ମଞ୍ଜୁର ପାଇଁ ଆବେଦନ କରିଛି, ତେଣୁ ପୂର୍ବରୁ ହିଁ ତାକୁ କାମ ପାଇଁ ଟେଣ୍ଡର ମିଳିଛି। ସେମାନଙ୍କର କାମ ଠିକ୍ ଅଛି, ସେଥିରେ କୌଣସି ଅସୁବିଧା ନାହିଁ। କେବେ ସେମାନଙ୍କୁ ଅନୁମତି ମିଳିବ, କି ରିଜେକ୍ଟ ହେବ ଦେଖାଯିବ। ଯଦି ସେମାନଙ୍କ ଆବେଦନ ରିଜେକ୍ଟ ହେଲା ତେବେ ତାଙ୍କୁ କାମରୁ ବାହାର କରାଯିବ ବୋଲି କମିଶନର ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ସମ୍ପୃକ୍ତ ସଂସ୍ଥାର ଅନୁମୋଦନ ସାର୍ଟିଫିକେଟ୍ ନ ଥିବା ଏବଂ ଏହା ଆନିମଲ୍ ବାର୍ଥ କଣ୍ଟ୍ରୋଲ ରୁଲ୍ ୨୦୨୩କୁ ଉଲ୍ଲଂଘନ କରୁଥିବା ନେଇ ପିପୁଲ୍ ଫର୍ ଆନିମଲ୍‌ର ସନ୍ତୋଷ ଦାସ ଏବଂ ଜୀବନ ବଲ୍ଲଭ ଦାସ ୨୦୨୩ ମେ' ୧୬ରେ ଏଡବ୍ଲ୍ୟୁବିଆଇରେ ଅଭିଯୋଗ କରିଥିଲେ। ଏହାର ଉତ୍ତରରେ ଏଡବ୍ଲ୍ୟୁବିଆଇ ପକ୍ଷରୁ ବିଏମ୍‌ସି କମିଶନରଙ୍କୁ ଏକ ଚିଠି ଜାରି କରାଯାଇଥିଲା। ଅଭିଯୋଗ ହୋଇଥିବା ସଂସ୍ଥା ପାଖରେ ଏବିସି କାର୍ଯ୍ୟକ୍ରମ କରିବାକୁ ଅନୁମୋଦନ ଅଛି କି ନାହିଁ ତାହା ତଦାରଖ କରି ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଯଦି ଅନୁମୋଦନ ନାହିଁ ତେବେ ୬ମାସ ମଧ୍ୟରେ ସ୍ୱୀକୃତୀ ପାଇଁ ଆବେଦନ କରିବାକୁ ମଧ୍ୟ କୁହାଯାଇଥିଲା। ମାତ୍ର ତତ୍କାଳୀନ ବିଏମ୍‌ସି କମିଶନର ଏହାକୁ ଅଣଦେଖା କରିବା ସହ କୌଣସି ରିପୋର୍ଟ ଦେଇ ନ ଥିଲେ। ପରେ ଫେବୃଆରୀ ୧୩ ଏବଂ ପରେ ୨୮ରେ ଚିଠି କରାଯାଇଥିଲା। ଏହାର କୌଣସି ଉତ୍ତର ମିଳି ନ ଥିବାରୁ ପୁନର୍ବାର ୧୮ରେ ଚିଠି କରାଯାଇଛି।

# ବିଏମ୍‌ସି ଅଧିକାରୀଙ୍କ ଦାୟିତ୍ୱରେ ବଡ଼ ପରିବର୍ତ୍ତନ

## ୨ ସୁପରଭାଇଜିଂ ଅଫିସରଙ୍କ ନେତୃତ୍ୱରେ ହେବ କାର୍ଯ୍ୟ

ଭୁବନେଶ୍ୱର, ୨୧।୩ (ବନ୍ଦନା ସେଠୀ)

ନିର୍ବାଚନ ପୂର୍ବରୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଧିକାରୀଙ୍କ ଦାୟିତ୍ୱ ବଦଳିଛି। ପୁରୁଣା ଅଧିକାରୀ ଚୌକି ଛାଡ଼ିବା ସହ ନୂଆ ଅଧିକାରୀ କାର୍ଯ୍ୟରେ ଯୋଗଦେଇଛନ୍ତି। ଏହିକ୍ରମରେ ୪ଟି ବର୍ଗରେ ଅଧିକାରୀଙ୍କୁ ନୂତନ ଦାୟିତ୍ୱ ବଣ୍ଟନ କରାଯାଇଛି। ଏନେଇ ଗୁରୁବାର ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ୨ଜଣ ଅତିରିକ୍ତ କମିଶନର ତଥା ସୁପରଭାଇଜିଂ ଅଫିସରଙ୍କ ନେତୃତ୍ୱରେ ଡେପୁଟି କମିଶନର ତଥା ଅନ୍ୟ ବରିଷ୍ଠ ଅଧିକାରୀଙ୍କୁ ଦାୟିତ୍ୱ ବଣ୍ଟା ହୋଇଛି। ସିଟି ଚିଫ୍ ଇଞ୍ଜିନିୟରଙ୍କ ନେତୃତ୍ୱରେ ଅନ୍ୟ ଇଞ୍ଜିନିୟର, ମୁଖ୍ୟ ବିତ୍ତ ଅଧିକାରୀଙ୍କ ନେତୃତ୍ୱରେ ଫାଇନାନ୍ସ, ଅଡିଟ୍ ଓ ଆକାଉଣ୍ଟ୍ସ ଅଧିକାରୀ ଓ ସିଟି ପ୍ଲାନରଙ୍କ ନେତୃତ୍ୱରେ ପ୍ଲାନିଂ ସେକ୍ସନ ଅଧିକାରୀଙ୍କୁ କାର୍ଯ୍ୟ କରିବାକୁ ନୂଆ ନିର୍ଦ୍ଦେଶନାମା ଜାରି ହୋଇଛି। ସେହିପରି ସୁପରଭାଇଜିଂ ଅଫିସର ଭାବେ ଅତିରିକ୍ତ କମିଶନର-୧ ଘାସିରାମ ମୁର୍ମୁଙ୍କୁ ଦାୟିତ୍ୱ ମିଳିଥିବାବେଳେ ତାଙ୍କ ଅଧୀନରେ ଡେପୁଟି କମିଶନର ପ୍ରିୟବ୍ରତ ପାଢୀ, ରାଜକିଶୋର ଜେନା, ଅଜୟ କୁମାର ମହାନ୍ତି, ଧନଞ୍ଜୟ ମହାନ୍ତି, ଡ. ମନୋରଞ୍ଜନ ସାହୁ, ଅଶୋକ କୁମାର ଲେଙ୍କା, ଆସିଷ୍ଟାଣ୍ଟ କମିଶନର ଏନ.ଗଣେଶ ବାବୁ, ଜୋନାଲ ଡେପୁଟି କମିଶନର ଜୟଶ୍ରୀ ବେଉରା ବିଭିନ୍ନ ବିଭାଗରେ କାମ କରିବେ। ଅପରପକ୍ଷେ ନୂଆ ଦାୟିତ୍ୱ ନେଇଥିବା ଅତିରିକ୍ତ କମିଶନର-୨ ସସ୍ମିତା ସାହୁଙ୍କ ନେତୃତ୍ୱରେ ପ୍ରିୟଙ୍କା ମଲ୍ଲିକ, କାଜଲ ପ୍ରଧାନ, ରଞ୍ଜନ କୁମାର ବେହେରାଙ୍କ ସହ ଏନ୍‌ଭାଇରନ୍‌ମେଣ୍ଟ ଅଫିସର ବାଉରୀବନ୍ଧୁ ନାୟକ ଓ ସହର ଶିକ୍ଷା ଅଧିକାରୀ ଡ. ଅମ୍ରିତା ପ୍ରୀତିନନ୍ଦା କାମ କରିବେ। ମୁଖ୍ୟ ବିତ୍ତ ଅଧିକାରୀ ଗୋବିନ୍ଦଚନ୍ଦ୍ର ନାୟକଙ୍କ ନେତୃତ୍ୱରେ ସୌଦାମିନୀ ବେହେରା, ଅଡିଟ ସୁପରିଣ୍ଟେଣ୍ଡେଣ୍ଟ ଇତିଶ୍ରୀ ମହାପାତ୍ରଙ୍କୁ ଦାୟିତ୍ୱ ଦିଆଯାଇଛି। ସିଟି ଇଞ୍ଜିନିୟର ବିଳାସ କୁମାର ବେହେରାଙ୍କ ନେତୃତ୍ୱରେ ୩ ଜୋନର ମୁଖ୍ୟ ଯନ୍ତ୍ରୀଙ୍କ ସମେତ ପରିମଳ, ବିଦ୍ୟୁତ୍, ଡ୍ରେନ ଉପବିଭାଗର ଯନ୍ତ୍ରୀଙ୍କୁ ଦାୟିତ୍ୱ ହସ୍ତାନ୍ତର କରାଯାଇଛି। ସିଟି ପ୍ଲାନର ଦାୟିତ୍ୱରେ ଥିବା ବିପୁଳ କୁମାର ନାୟକଙ୍କ ନେତୃତ୍ୱରେ ସମସ୍ତ ଆସିଷ୍ଟାଣ୍ଟ ଟାଉନ ପ୍ଲାନର (ଏଟିପି) କାମ କରିବେ ବୋଲି ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି।



ଭୁବନେଶ୍ୱର ଉପକଣ୍ଠ ଶାମପୁର ମେଳଣ ପଡ଼ିଆରେ ବୁଧବାର ଅନୁଷ୍ଠିତ ପଞ୍ଚଦୋଳ ମେଳଣରେ ଦହି ହାଣ୍ଡି ଭଙ୍ଗା ଯାଉଛି।

# ଠାକୁରଙ୍କ ସହ ଫଗୁ, ଲଉଡ଼ି ଖେଳିଲେ ଶ୍ରଦ୍ଧାଳୁ

## ପ୍ରସିଦ୍ଧ ଶ୍ୟାମପୁର ପଞ୍ଚ ଦୋଳ ଉତ୍ସବ ଉଦ୍‌ଯାପିତ

ଭୁବନେଶ୍ୱର,୨୧।୩ (ଶର୍ମିଷ୍ଠା ପାଣିଗ୍ରାହୀ)

ପ୍ରସିଦ୍ଧ ଶ୍ୟାମପୁର ପଞ୍ଚ ଦୋଳ ମେଳଣ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଭୁବନେଶ୍ୱର ମହାନଗର ନିଗମର ୨୨ ନମ୍ବର ୱାର୍ଡ ଅନ୍ତର୍ଗତ ଶ୍ୟାମପୁର ମେଳଣ ପଡ଼ିଆରେ ଏଥିପାଇଁ ଜମିଥିଲା ଉତ୍ସବ। ସିଦ୍ଧେଶ୍ୱର ମହାଦେବଙ୍କ ଆମନ୍ତ୍ରଣକ୍ରମେ ଆଇଗିଣିଆ, ପୋଖରୀପୁଟ, ଗଣ୍ଡମୁଣ୍ଡା, ବରମୁଣ୍ଡା, ଘାଟିକିଆ, ଡୁମୁଡୁମା, ପାଇକରାପୁର, ତମାଣ୍ଡୋ ଆଦି ୨୩ ଗାଁର ଆରାଧ୍ୟ ଦେବତାଙ୍କ ଚଳନ୍ତି ପ୍ରତିମାମାନେ ଅତିଥି ଠାକୁର ଭାବେ ଏଥିରେ ସାମିଲ ହେଇଥିଲେ। ସୁସଜ୍ଜିତ ଦୋଳବିମାନରେ ଠାକୁରମାନେ ପହଞ୍ଚିବା ପରେ ଧାଡ଼ି ହୋଇ ନିଜ ଆସ୍ଥାନରେ ଅବସ୍ଥାନ କରି ଭୋଗ ଖାଇଥିଲେ। ସଂକୀର୍ତ୍ତନ ସହ ହଜାର ହଜାର ଭକ୍ତଙ୍କ ମେଳରେ ଠାକୁରମାନେ ପରିକ୍ରମା କରିଥିଲେ। ହରିହର ଭେଟ ବେଳେ ପଡ଼ିଆରେ ଫଗୁ ଖେଳ ହୋଇଥିଲା। ଭକ୍ତଙ୍କ ମେଳରେ ଠାକୁରମାନେ ଫଗୁ, ଅବିର ଖେଳିଥିଲେ। ଶ୍ରଦ୍ଧାଳୁମାନେ ପରସ୍ପରକୁ ଫଗୁ ଓ ଅବିର ବୋଳି ରଙ୍ଗିନ କରିଦେଇଥିଲେ। ଏଥିସହ ଲଉଡି ଖେଳରେ ଗାଁ ଲୋକେ ସାମିଲ ହୋଇଥିଲେ। ଶେଷରେ ଦହି ହାଣ୍ଡି ଭଙ୍ଗାଯାଇଥିଲା।

# ସୁନୀଲ, ପ୍ରଶାନ୍ତ ଦୋଷୀ ସାବ୍ୟସ୍ତ, ୨ ବର୍ଷ ଜେଲ

## ବାଇକ୍ ଚୋରି ମାମଲାର ରାୟ ପ୍ରକାଶ

ଭୁବନେଶ୍ୱର,୨୧।୩ (ସୂର୍ଯ୍ୟକାନ୍ତ ବେହେରା)

ଏକ ମୋଟରସାଇକେଲ ଚୋରି ମାମଲାର ଶୁଣାଣି କରି ଭୁବନେଶ୍ୱର ପ୍ରଥମ ଶ୍ରେଣୀ ବିଚାରବିଭାଗୀୟ କୋର୍ଟ(୨)ର ବିଚାରପତି ଗିରିଶ ଚନ୍ଦ୍ର ମୁଦୁଲି ଅଭିଯୁକ୍ତ ସୁନୀଲ କୁମାର ମଲ୍ଲ ଓ ପ୍ରଶାନ୍ତ କୁମାର ଭୋଇକୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ୮ ଜଣ ସାକ୍ଷୀଙ୍କ ବୟାନ ଓ ପ୍ରଯୁଜ୍ୟ ଦସ୍ତାବିଜ ଆଧାରରେ ବିଚାରପତି ସେମାନଙ୍କୁ ୨ବର୍ଷ ଜେଲ ଦଣ୍ଡ ଶୁଣାଇଛନ୍ତି। ସରକାରଙ୍କ ତରଫରୁ ସହକାରୀ ପବ୍ଲିକ ପ୍ରସିକ୍ୟୁଟର ଗଞ୍ଜନ ଶବର ମାମଲା ପରିଚାଳନା କରୁଥିଲେ।

ମାମଲାର ବିବରଣୀ ଅନୁଯାୟୀ, ଗତବର୍ଷ ନଭେମ୍ବର ୨୨ରେ ଅଭିଯୋଗକାରୀ ତାଙ୍କର ବୁଲେଟ ଗାଡିକୁ ଘର ପାର୍କିଂରେ ରଖିଥିବାବେଳେ ବିଳମ୍ବିତ ରାତିରେ ଅଭିଯୁକ୍ତ ସୁନୀଲ ଓ ପ୍ରଶାନ୍ତ ତାହାକୁ ଚୋରି କରିନେଇଥିଲେ। ଏନେଇ ଅଭିଯୋଗକାରୀ ଇନ୍‌ଫୋସିଟି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୩୮୭/୨୦୨୩) ରୁଜୁକରି ତଦନ୍ତ ଚଳାଇଥିଲା।

# ମୃତ ଯୁବକଙ୍କ ପରିଚୟ ମିଳିଲା

ବାଲୁଗାଁ,୨୧।୩(ସଂଗ୍ରାମ ପାଇକରାୟ)

ବାଲୁଗାଁ ରେଲୱେ ଷ୍ଟେଶନର ଦକ୍ଷିଣ କ୍ୟାବିନ ପାର୍ଶ୍ୱ ଏକ ବିଲରେ ଥିବା ଗଛରୁ ଝୁଲନ୍ତା ଅବସ୍ଥାରେ ଜଣେ ଯୁବକଙ୍କ ମୃତଦେହକୁ ବୁଧବାର ପୋଲିସ ଜବତ କରିଥିଲା। ଯୁବକଙ୍କ ବୟସ ୩୫ବର୍ଷ ଅନୁମାନ କରାଯାଇଥିବା ବେଳେ ପରିଚୟ ମିଳି ନ ଥିଲା। ଏନେଇ ବାଲୁଗାଁ ପୋଲିସ ପକ୍ଷରୁ ଏକ ଅପମୃତ୍ୟୁ ମାମଲା (ନଂ.୪/୨୪)ରୁଜୁ ହୋଇଥିଲା। ସେ ପିନ୍ଧିଥିବା ପ୍ୟାଣ୍ଟ ପକେଟରୁ ଏକ ଆଧାର କାର୍ଡ ମିଳିବା ପରେ ଗୁରୁବାର ସକାଳେ ଠିକଣା ଜଣାପଡିଥିଲା। ତାଙ୍କ ନାମ ରାମ ବିଶ୍ରା, ଘର ଝାଡଖଣ୍ଡ ଅଞ୍ଚଳରେ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି। ଏନେଇ ପରିବାର ଲୋକଙ୍କୁ ସୂଚନା ଦିଆଯାଇଛି ବୋଲି ତଦନ୍ତକାରୀ ଅଫିସର ଶ୍ରୀନିବାସ ସାମନ୍ତ ସୂଚନା ଦେଇଛନ୍ତି।

# ୨୪ରୁ ବୃନ୍ଦାବନ ମହୋତ୍ସବ

ଭୁବନେଶ୍ୱର,୨୧।୩:

ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଭୁବନେଶ୍ୱରର ବୃନ୍ଦାବନ ଗୁରୁକୁଳ ପକ୍ଷରୁ ଦିନିକିଆ ବୃନ୍ଦାବନ ମହୋତ୍ସବ ଆୟୋଜନ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ଭୁବନେଶ୍ୱରର ଲୋହିଆ ଏକାଡେମୀଠାରେ ଏକ ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇଥିଲା। ଉକ୍ତ ସମ୍ମିଳନୀରେ ବିଶ୍ୱ ପ୍ରସିଦ୍ଧ ବଂଶୀବାଦକ ତଥା ପଦ୍ମ ବିଭୂଷଣ ପଣ୍ଡିତ ହରିପ୍ରସାଦ ଚୌରାସିଆ ଯୋଗଦେଇ ମହୋତ୍ସବର ଆଭିମୁଖ୍ୟ ଓ କାର୍ଯ୍ୟକ୍ରମର ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ବିଶେଷକରି ଆନନ୍ଦ ଓ ରଙ୍ଗର ପର୍ବ ହୋଲି (ଦୋଳ ପୂର୍ଣ୍ଣିମା) ଅବସରରେ ଭାରତୀୟ କଳା ଓ ସଙ୍ଗୀତକୁ ରଙ୍ଗ ଓ ରାସରେ ଭିଜାଇବାକୁ ବୃନ୍ଦାବନ ଗୁରୁକୁଳ ପକ୍ଷରୁ ଲକ୍ଷ୍ୟ ରଖାଯାଇଛି। ଉଲ୍ଲେଖଯୋଗ୍ୟ,ବୃନ୍ଦାବନ ମହୋତ୍ସବର ୮ମ ବାର୍ଷିକ ଉତ୍ସବ ଭୁବନେଶ୍ୱରର ରବୀନ୍ଦ୍ର ମଣ୍ଡପଠାରେ ୨୦୨୪ ମାର୍ଚ୍ଚ ୨୪ରେ ଅନୁଷ୍ଠିତ ହେବ। ଉକ୍ତ ମହୋତ୍ସବରେ ଗ୍ରାମୀ ପୁରସ୍କାରପ୍ରାପ୍ତ ତଥା ପଦ୍ମଭୂଷଣ ବିଶ୍ୱମୋହନ ଭଟ୍ଟ ଓ ତାଙ୍କ ପୁତ୍ର ପଣ୍ଡିତ ସଲିଲ ଭଟ୍ଟ ମଧ୍ୟ ଉପସ୍ଥିତ ରହିବେ। ଏପରିକି ଗ୍ୱାଲିୟର, ଜୟପୁର ଓ ଆଗ୍ରା ଘରାନା ସଙ୍ଗୀତଜ୍ଞ ପଦ୍ମଶ୍ରୀ ପଣ୍ଡିତ ଉଲ୍ଲାସ କସାଲକରଙ୍କୁ ଆଲିକ୍ସ ସେନ୍‌ଗୁପ୍ତାଙ୍କ କଣ୍ଠସ୍ୱର, ସରୱାର ହୁସେନ୍‌ଙ୍କ ସାରଙ୍ଗୀ ଏବଂ ପ୍ରବୀଣ କାସଲିକରଙ୍କ ହାରମୋନିୟମ୍ ସହଯୋଗ କରିବ। ବିଶେଷକରି ଉଭୟ କଳାକାର ତାବଲାରେ ପଣ୍ଡିତ ଯୋଗେଶ ସାମସି ଓ ତାବଲା ମାଷ୍ଟ୍ରୋ ଉସ୍ତାଦ ଆଲ୍ଲାରଖାଙ୍କ ଶିଷ୍ୟ । ଅନିକେତ ମହାରଣା (ଓଡ଼ିଶା), ମଧୁ ଚପାଇ (ଆସାମ), ନିବିର ଦେବଶର୍ମା (ଆସାମ), ଅଂଶୁଲ ଲାଖେରା (ନୂଆଦିଲ୍ଲୀ), ପୁଷ୍ପରାଜ ଦାଡସେନା (ଛତିଶଗଡ଼), ରୂପମ ଜ୍ୟୋତି (ଆସାମ), କୀର୍ଥନରାଜ ସେଠୀ (କର୍ନାଟକ) ଏବଂ ଶ୍ରବଣ କ୍ୟୁରି (ପଶ୍ଚିମବଙ୍ଗ) ପ୍ରମୁଖ ଯୋଗଦେବେ। ଉପରୋକ୍ତ ବ୍ୟକ୍ତିବିଶେଷ ବୃନ୍ଦାବନ ଗୁରୁକୁଳ ଭୁବନେଶ୍ୱର ଗୁରୁ-ଶିଷ୍ୟ ପରମ୍ପରାରେ ବଢ଼ିଥିବାବେଳେ ଭାରତୀୟ ପରମ୍ପରା ଅନୁଯାୟୀ ବଂଶୀବାଦନ ମଧ୍ୟ ଶିଖିଛନ୍ତି। ତବଲାରେ ବିଶ୍ୱରଞ୍ଜନ ଜେନା ସହଯୋଗ କରୁଥିବାବେଳେ ନାଜିଆ ଆଲାମ ସନ୍ଧ୍ୟା କାର୍ଯ୍ୟକ୍ରମର ଆୟୋଜନ କରିବେ। ଭାରତୀୟ କଳା ଓ ସଙ୍ଗୀତର ପରମ୍ପରାକୁ ଆଗକୁ ବଢ଼ାଇବା ପାଇଁ ଯୁବ ସଙ୍ଗୀତଜ୍ଞଙ୍କୁ ତାଲିମ ଦେଉଥିବା ଏବଂ ସଙ୍ଗୀତ ଉତ୍କର୍ଷର ଅନୁଷ୍ଠାନ ବୃନ୍ଦାବନ ଗୁରୁକୁଳର ପୃଷ୍ଠପୋଷକମାନଙ୍କ ସହୃଦୟତା ଓ ସମର୍ଥନ ବିନା ଉକ୍ତ କାର୍ଯ୍ୟକ୍ରମ ବାସ୍ତବତାର ରୂପ ନେଇପାରି ନ ଥାନ୍ତା ବୋଲି ଚୌରାସିଆ କହିଛନ୍ତି।

# ଜଙ୍ଗଲ ସଂରକ୍ଷଣରେ ପ୍ରଯୁକ୍ତିର ବ୍ୟବହାର ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର, ୨୧।୩ (ବନ୍ଦନା ସେଠୀ)

ଜଙ୍ଗଲର ଅବକ୍ଷୟ ଘଟିବା ସହ ସମୃଦ୍ଧ ଜୈବବିବିଧତା ନଷ୍ଟ ହେଉଛି। ବିଶ୍ୱସ୍ତରରେ ବାର୍ଷିକ ପ୍ରାୟ ୧୦ ନିୟୁତ ହେକ୍ଟର ଜଙ୍ଗଲ ନଷ୍ଟ ହେଉଥିବାବେଳେ ଜଙ୍ଗଲାଞ୍ଚଳର ପ୍ରାୟ ୭୦ ନିୟୁତ ହେକ୍ଟର ନିଆଁ ଦ୍ୱାରା ପ୍ରଭାବିତ ହେଉଛି। ତେଣୁ ଜଙ୍ଗଲ ସମ୍ପଦର ସୁରକ୍ଷା ଏବଂ ସଂରକ୍ଷଣ ପାଇଁ ପ୍ରଯୁକ୍ତିର ବ୍ୟବହାର ଗୁରୁତ୍ୱପୂର୍ଣ୍ଣ ବୋଲି ମତ ପ୍ରକାଶ ପାଇଛି। ଗୁରୁବାର ଭୁବନେଶ୍ୱରର ସିଜୁଆସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଓଡ଼ିଶା ପରିବେଶ ସମିତି (ଓଇଏସ୍) ପକ୍ଷରୁ 'ଅନ୍ତର୍ଜାତୀୟ ଜଙ୍ଗଲ ଦିବସ' ପାଳିତ ହୋଇଯାଇଛି। ଏଥିରେ ପରିବେଶ ବିଶେଷଜ୍ଞମାନେ ଚଳିତ ବର୍ଷର ପ୍ରସଙ୍ଗ ଜଙ୍ଗଲ ଏବଂ ନବସୃଜନ: ଏକ ଉନ୍ନତ ଜଗତ ପାଇଁ ନୂତନ ସମାଧାନର ବିଭିନ୍ନ ଦିଗ ଉପରେ ବକ୍ତବ୍ୟ ରଖିଥିଲେ। ଓଇଏସ୍ ସଭାପତି ଡ. ସୁନ୍ଦର ନାରାୟଣ ପାତ୍ର ଏଥିରେ ପୌରୋହିତ୍ୟ କରି କହିଲେ, ଜଙ୍ଗଲ ହେଉଛି ପ୍ରକୃତିର ଜୀବଜଗତ ପ୍ରତି ଏପରି ଏକ ଅମୂଲ୍ୟ ଉପହାର, ଯାହା ସହନୀୟ ଭାବରେ ପରିଚାଳିତ ହେଲେ ନିରନ୍ତର ଭାବେ



ଓଇଏସ୍ ପକ୍ଷରୁ ଅନୁଷ୍ଠିତ ଅନ୍ତର୍ଜାତୀୟ ଜଙ୍ଗଲ ଦିବସ କାର୍ଯ୍ୟକ୍ରମରେ ଯୋଗଦେଇଥିବା ପରିବେଶ ବିଶେଷଜ୍ଞମାନେ।

ମାନବ ଆବଶ୍ୟକତା ପୂରଣ କରିବାରେ ସମର୍ଥ ହେବ। ପୂର୍ବତନ ପିସିସିଏଫ୍ ଡ. ବିଜୟ କେତନ ପଟ୍ଟନାୟକ ବନ୍ୟଜନ୍ତୁଙ୍କ ସୁରକ୍ଷା ଏବଂ ଜଙ୍ଗଲର ସନ୍ତୁଳନ ରକ୍ଷା ଉପରେ ଆଲୋକପାତ କରିଥିଲେ। ସମ୍ପାଦକ ଡ. ଜୟକୃଷ୍ଣ ପାଣିଗ୍ରାହୀ ଜଙ୍ଗଲ ପରିସଂସ୍ଥାରେ ଘଟୁଥିବା ନକାରାତ୍ମକ ଅବକ୍ଷୟକୁ ବର୍ଣ୍ଣନା କରିଥିଲେ। ଜଙ୍ଗଲ ଅଧିକ ଅବନତି ଘଟିଲେ ପୃଥିବୀରେ ଆମର ବଞ୍ଚିବା ବିପଦଗ୍ରସ୍ତ ହୋଇପଡିବ ବୋଲି ସେ କହିଥିଲେ। କୃଷିବିଜ୍ଞାନୀ ଏକାଦଶୀ ନନ୍ଦୀ ଛାତ୍ରୀଛାତ୍ରଙ୍କୁ ସିଡ୍‌ବଲ୍ କିପରି ପ୍ରସ୍ତୁତ କରାଯାଏ ତାହା ପ୍ରଦର୍ଶନ କରି ଦେଖାଇବା ସହ ଆଗାମୀ ବର୍ଷାଋତୁ ପୂର୍ବରୁ ସେଗୁଡିକୁ ଫାଙ୍କା ସ୍ଥାନରେ ପକାଇ ସବୁଜିମା ସୃଷ୍ଟି କରାଯିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଯୁଗ୍ମ ସମ୍ପାଦକ ଇଂ. ମନୋରଞ୍ଜନ ମିଶ୍ର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଜଙ୍ଗଲ ସମ୍ପଦ ଉପରେ ଏକ କୁଇଜ ପ୍ରତିଯୋଗିତା ଆୟୋଜନ କରିଥିଲେ। ଏଥିରେ ବିଜେତାମାନଙ୍କୁ ପ୍ରମାଣପତ୍ର ଏବଂ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟ ପ୍ରତିଷ୍ଠାତା ଚନ୍ଦ୍ରଶେଖର ଗୁମାନସିଂହ, ଦୁଃଖିଶ୍ୟାମ ଗୁମାନସିଂହ, ଶଙ୍କରଚରଣ ଦାସ, ପବିତ୍ର ମୋହନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ପୂର୍ବତନ ସିଜିଏମ୍ ରମେଶ ଚନ୍ଦ୍ର ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ପ୍ରଧାନ ଶିକ୍ଷୟିତ୍ରୀ ରୀତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ମୃତ ଯୁବକଙ୍କ ପରିଚୟ ମିଳିଲା

**ବାଲୁଗାଁ,୨୧।୩(ସଂଗ୍ରାମ ପାଇକରାୟ):** ବାଲୁଗାଁ ରେଲୱେ ଷ୍ଟେଶନର ଦକ୍ଷିଣ କ୍ୟାବିନ ପାର୍ଶ୍ୱ ଏକ ବିଲରେ ଥିବା ଗଛରୁ ଝୁଲନ୍ତା ଅବସ୍ଥାରେ ଜଣେ ଯୁବକଙ୍କ ମୃତଦେହକୁ ବୁଧବାର ପୋଲିସ ଜବତ କରିଥିଲା। ଯୁବକଙ୍କ ବୟସ ୩୫ବର୍ଷ ଅନୁମାନ କରାଯାଇଥିବା ବେଳେ ପରିଚୟ ମିଳି ନ ଥିଲା। ଏନେଇ ବାଲୁଗାଁ ପୋଲିସ ପକ୍ଷରୁ ଏକ ଅପମୃତ୍ୟୁ ମାମଲା (ନଂ.୪/୨୪)ରୁଜୁ ହୋଇଥିଲା। ସେ ପିନ୍ଧିଥିବା ପ୍ୟାଣ୍ଟ ପକେଟରୁ ଏକ ଆଧାର କାର୍ଡ ମିଳିବା ପରେ ଗୁରୁବାର ସକାଳେ ଠିକଣା ଜଣାପଡିଥିଲା। ତାଙ୍କ ନାମ ରାମ ବିଶ୍ରା, ଘର ଝାଡଖଣ୍ଡ ଅଞ୍ଚଳରେ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି। ଏନେଇ ପରିବାର ଲୋକଙ୍କୁ ସୂଚନା ଦିଆଯାଇଛି ବୋଲି ତଦନ୍ତକାରୀ ଅଫିସର ଶ୍ରୀନିବାସ ସାମନ୍ତ ସୂଚନା ଦେଇଛନ୍ତି।

### ମାଗଣା ସ୍ୱାସ୍ଥ୍ୟ ଶିବିର

**ଟାଙ୍ଗୀ,୨୧।୩(ରଘୁନାଥ ସାହୁ):** ଭାରତୀୟ ପୂର୍ବ ସେନାନୀ ସଂଘ ଚିଲିକା ଶାଖା ପକ୍ଷରୁ ଗୁରୁବାର କୁହୁଡ଼ି ପଞ୍ଚାୟତଠାରେ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଡା. ରାଧା ପ୍ରସନ୍ନ ଦଳେଇଙ୍କ ତତ୍ତ୍ୱାବଧାନରେ ଦନ୍ତ, ଚକ୍ଷୁ, ସ୍ତ୍ରୀରୋଗ ଓ ମେଡିସିନ ବିଭାଗରେ ୫୦୦ରୁ ଉର୍ଦ୍ଧ୍ୱ ରୋଗୀଙ୍କ ମାଗଣାରେ ଚିକିତ୍ସା କରାଯିବା ସହିତ ଔଷଧ ପ୍ରଦାନ କରାଯାଇଛି। ଡା. ସୁପ୍ରଭା ପ୍ରଧାନ, ବିପ୍ରତିପ ମୁଖାର୍ଜୀ, ସୁଶ୍ରୀ ସଙ୍ଗୀତା ପାତ୍ର, ନନ୍ଦନ ରାଇଗୋପାଳ, ଅଜୟ ଦୀପ ସ୍ୟାଇଲ, ସୌରଭ ଚନ୍ଦ୍ର ବାଲ, ସୁଦୀପ୍ତ ସାହୁ, ନିକିତା ସାହୁ, ସର୍ବଚନ୍ଦ୍ର ସାହୁ, ନିକିତା ମହାନ୍ତି, ଶିଲ୍ପା ଦାସ, ଅବିନାଶ ଦାସ, ଶାଶ୍ୱତ ପୁରୋହିତ, ସୂର୍ଯ୍ୟଶକ୍ତି ଛୋଟରାୟ, କେ. ଭବ୍ୟ, ଫର୍ଜାନା ନିଖତ, ଅମନ ବର୍ମା, ସନ୍ତୋଷ ମିଶ୍ର, ଅର୍ପିତା ସାହୁ, ଶାଶ୍ୱତୀ ଦାସ ପ୍ରମୁଖ ଡାକ୍ତରଙ୍କ ଦ୍ୱାରା ଚିକିତ୍ସା କରାଯାଇଥିଲା। ପୂର୍ବ ସେନାନୀ ସଂଘ ଉପଦେଷ୍ଟା ମନ୍ମଥ କୁମାର ସିଂହ, ସମ୍ପାଦକ ଶତ୍ରୁଘ୍ନ ପ୍ରଧାନ, ଶଙ୍କର ବଡ଼ଜେନା, ଶ୍ରୀବତ୍ସ ବୈରିଗଞ୍ଜନ, ଶ୍ୟାମ ପାଇକରାୟ, ପୂର୍ଣ୍ଣ ଦାସ ଜଳଧର ପ୍ରଧାନ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

### ମା' ବିରମାଳାଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ବୋଲଗଡ଼,୨୧।୩(ଦେବବ୍ରତ ହୋତା):** ପ୍ରାଚୀନ ସଁପୁର ଗଡ଼ (ଗ୍ରାମ)ର ଗଡ଼ଦେବୀ ମା' ବିରମାଳାଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଓ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶୁଭ ଅଙ୍କୁରାରୋପଣ, ଗର୍ଭାଧାନ, ଶୁଭ ଅଧିବାସ କର୍ମ ସମାପନ ପରେ ସୂର୍ଯ୍ୟପୂଜା, ଯଜ୍ଞ ଆରମ୍ଭ, ପାର୍ଶ୍ୱ ଦେବତା ପ୍ରତିଷ୍ଠା ଓ ମା' ବିରମାଳାଙ୍କ ନୂତନ ମନ୍ଦିର ପ୍ରବେଶ, ନୂତନ ମନ୍ଦିର ଚୂଳରେ ଅନ୍ୟାନ୍ୟ କାର୍ଯ୍ୟ ହୋଇଥିଲା। ପରେ ପତାକା ସ୍ଥାପନ ଓ ପୂର୍ଣ୍ଣାହୁତି କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଆଚାର୍ଯ୍ୟ ସନ୍ତୋଷ କୁମାର ମିଶ୍ର, ପ୍ରଚାରକ ଲୁଲୁ ମିଶ୍ର, ସମିଧାଚାର୍ଯ୍ୟ କୈଳାସ ଚନ୍ଦ୍ର ମିଶ୍ର, ବ୍ରହ୍ମା ବୈକୁଣ୍ଠ ନାଥ ମିଶ୍ର, ବଳରାମ ରାୟଗୁରୁ ପ୍ରମୁଖ ସମସ୍ତ ପୂଜାକାର୍ଯ୍ୟ ସମ୍ପାଦନା କରିଥିଲେ। ପୁରୀ ଗଜପତିଙ୍କ ନାମରେ ଗୁଆ ବରଣ କରି ଆଚାର୍ଯ୍ୟ କର୍ତ୍ତା ଭାବେ କାର୍ଯ୍ୟ ତୁଲାଇଥିଲେ। ଏଥିସହ ନାମ ସଂକୀର୍ତ୍ତନ ହୋଇଥିଲା। ଅଜୟ ମହାନ୍ତି, ଅଜୟ ସୁନ୍ଦରାୟ, ଟୁପୁସୁ ବଳିୟାରସିଂହ, ବାନୁ ବଳବନ୍ତରାୟ, ଅର୍ଜୁନ ନିଶଙ୍କଙ୍କ ସମେତ ସଁପୁର ଗ୍ରାମବାସୀ ପରିଚାଳନାରେ ସହଯୋଗ କରିଥିଲେ।

# 'ସମନ୍ୱୟ ରହିଲେ ନିର୍ବାଚନ ଶୃଙ୍ଖଳିତ ହେବ'

**ଖୋର୍ଦ୍ଧା,୨୧।୩ (ପ୍ରଭାତ ପାଣିଗ୍ରାହୀ)**

ଆସନ୍ତା ଲୋକ ସଭା ଓ ବିଧାନସଭା ନିର୍ବାଚନ ପାଇଁ ତାରିଖ ଘୋଷଣା ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଗୁରୁବାର କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ରଞ୍ଜନ ଦାସ ଜିଲାପାଳଙ୍କ କାର୍ଯ୍ୟାଳୟରେ ନିର୍ବାଚନ ସମୀକ୍ଷା କରିଛନ୍ତି। ଶୃଙ୍ଖଳିତ ନିର୍ବାଚନ ଆୟୋଜନ ନେଇ ଜିଲା ପ୍ରଶାସନ ଏବଂ ପୋଲିସ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଆଲୋଚନା କରାଯାଇଥିଲା। ନିର୍ବାଚନକୁ ସ୍ୱଚ୍ଛ, ଅବାଧ, ନିରପେକ୍ଷ ଉପରେ ଆର୍‌ଡିସି ଗୁରୁତ୍ୱ ଦେଇଥିଲେ। ସମସ୍ତଙ୍କ ମଧ୍ୟରେ ସୁ ସମନ୍ୱୟ ରହିଲେ ଶୃଙ୍ଖଳିତ ନିର୍ବାଚନ ହୋଇପାରିବ ବୋଲି କହିଛନ୍ତି। ନିର୍ବାଚନକୁ ସୁପରିଚାଳନା ପାଇଁ ପ୍ରଶାସନିକ ଅଧିକାରୀ ଓ ପୋଲିସ ସେକ୍ଟର ଅଫିସରମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଅଫିସରମାନେ ସେମାନଙ୍କ ସ୍ତରରେ ରହିଥିବା ବୁଥ୍‌ଗୁଡିକ ଯାଞ୍ଚ କରିବେ। ବୁଥ୍‌ଗୁଡିକରେ ସର୍ବନିମ୍ନ ସୁବିଧା ପାନୀୟଜଳ, ହ୍ୱିଲ୍ ଚେୟାର, ଅସ୍ଥାୟୀ ଶୌଚାଳୟ, ବିଦ୍ୟୁତ୍ ବ୍ୟବସ୍ଥା କରିବାକୁ ଜିଲା ପ୍ରଶାସନକୁ ପରାମର୍ଶ ଦେଇଥିଲେ। ନିର୍ବାଚନ ଦାୟିତ୍ୱରେ ଥିବା ଅଧିକାରୀ, କର୍ମଚାରୀ ନିଜ ଦାୟିତ୍ୱକୁ ଠିକ୍ ଭାବେ ବୁଝିବା ଜରୁରୀ। ନିର୍ବାଚନ କମିଶନରଙ୍କ ପକ୍ଷରୁ ଜାରି ମାର୍ଗଦର୍ଶିକାକୁ ଅନୁଧ୍ୟାନ କଲେ ନିର୍ବାଚନ ସମୟରେ କୌଣସି

## ଆର୍‌ଡିସିଙ୍କ ନିର୍ବାଚନୀ ସମୀକ୍ଷା



ଆର୍‌ଡିସି ରଞ୍ଜନ ଦାସ, ଜିଲାପାଳ ଚଞ୍ଚଳ ରାଣା ବୈଠକକୁ ଯାଉଛନ୍ତି।

ଅସୁବିଧା ହେବ ନାହିଁ। ନିର୍ବାଚନ ସମୟରେ ଦାୟିତ୍ୱରେ ରହିଥିବା ସମସ୍ତ ଅଧିକାରୀ ନିଜ ଭିତରେ ଉତ୍ତମ ବୁଝାମଣା, ସମନ୍ୱୟ ରକ୍ଷା କରିବା ଆବଶ୍ୟକ। ସେକ୍ଟର ଅଫିସରମାନେ ନିର୍ବାଚନ ବ୍ୟବସ୍ଥା ସମ୍ପର୍କରେ ତାଙ୍କ ଅଧୀନରେ ରହିଥିବା ପ୍ରିଜାଇଡିଂ ଓ ପୋଲିଂ ଅଫିସରମାନଙ୍କୁ ଉପଯୁକ୍ତ ମାର୍ଗଦର୍ଶନ କରିବେ।

ଜିଲାପାଳ ଚଞ୍ଚଳ ରାଣା ନିର୍ବାଚନ ପ୍ରସ୍ତୁତି ସମ୍ପର୍କରେ ଆର୍‌ଡିସିଙ୍କୁ ଅବଗତ କରାଇଥିଲେ। ନିର୍ବାଚନରେ ଅଧିକରୁ ଅଧିକ ମତଦାନ, ଜିରୋ ଭାଓଲେନ୍ସ, ପୁନଃ ମତଦାନକୁ ହ୍ରାସ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଆଦର୍ଶ ଆଚରଣ ବିଧି ଲାଗୁ ହେବା ପରେ ସମସ୍ତ ରାଜନୈତିକ ଦଳ ସହ ଏନେଇ ଆଲୋଚନା କରାଯାଇଛି। ଭୁବନେଶ୍ୱର ଲୋକ ସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଜୟଦେବ, ଭୁବନେଶ୍ୱରର ମଧ୍ୟ, ଉତ୍ତର ଏବଂ ଏକାମ୍ର ସମେତ ଜଟଣୀ, ବେଗୁନିଆ ଓ ଖୋର୍ଦ୍ଧା ଏବଂ ପୁରୀ ଲୋକ ସଭା ଆସନ ଅନ୍ତର୍ଗତ ଚିଲିକା ବିଧାନସଭା ପାଇଁ ମତଦାନ ହେବ। ୬ଷ୍ଠ ପର୍ଯ୍ୟାୟରେ ହେବାକୁ ଥିବା ଏହି ନିର୍ବାଚନ ପାଇଁ ଆସନ୍ତା ଏପ୍ରିଲ ୨୯ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇବ। ମେ' ୬ରେ ପ୍ରାର୍ଥିପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହେବ। ୭ ତାରିଖରେ ପ୍ରାର୍ଥିପତ୍ର ଯାଞ୍ଚ କରାଯିବ। ୯ ତାରିଖ ପ୍ରାର୍ଥିପତ୍ର ପ୍ରତ୍ୟାହାର ଶେଷ ତାରିଖ ଧାର୍ଯ୍ୟ କରାଯାଇଛି। ୨୫ ତାରିଖରେ ମତଦାନ ଏବଂ ଜୁନ ୪ ତାରିଖରେ ଭୋଟ ଗଣତି କରାଯିବ। ଚଳିତ ନିର୍ବାଚନରେ ଖୋର୍ଦ୍ଧା ଜିଲାରେ ୧୮ଲକ୍ଷ ୬୫ ହଜାର ୪୫୫ ଭୋଟର ରହିଛନ୍ତି। ସେଥିରୁ ପୁରୁଷ ୯,୭୧,୫୫୪ ଏବଂ ମହିଳା ୮,୯୩,୩୪୧ ରହିଛନ୍ତି। ତୃତୀୟ ଲିଙ୍ଗୀ ୫୬୦ ରହିଥିବା ବେଳେ ଯୁବ ଭୋଟରଙ୍କ ସଂଖ୍ୟା ୩୫୩୦୮ ରହିଛି। ଚଳିତବର୍ଷ ମତଦାନ ହାର ବୃଦ୍ଧି ପାଇଁ ପ୍ରଚେଷ୍ଟା ଜାରି ରହିଛି ବୋଲି ଜିଲାପାଳ କହିଛନ୍ତି।

ଏସ୍‌ପି ବି. ଯୁଗଳ କିଶୋର ପୋଲିସ ପକ୍ଷରୁ ନିର୍ବାଚନ ପ୍ରସ୍ତୁତି ସମ୍ପର୍କରେ କହିଥିଲେ। ପୋଲିସ ପାଟ୍ରୋଲିଂକୁ କଡାକଡି କରାଯାଇଥିବା ବେଳେ ଜାତୀୟ ରାଜପଥ, ସମସ୍ତ ଥାନା ଅଞ୍ଚଳରେ ଚେକିଂ, ବ୍ଲକିଂ କରାଯାଉଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ସାଫଲ୍ୟ ମଣ୍ଡିତ ପ୍ରଧାନ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବାଦଲ ମହାନ୍ତି, ଖୋର୍ଦ୍ଧା ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀଙ୍କ ସମେତ ସମସ୍ତ ଜିଲାସ୍ତରୀୟ ଅଧିକାରୀ, ସେକ୍ଟର ଓ ନୋଡାଲ ଅଫିସରମାନେ ଉପସ୍ଥିତ ଥିଲେ।

# ବିଶ୍ୱ କବିତା ଦିବସ




ବିଶ୍ୱ କବିତା ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥି ଏବଂ କବିମାନେ।

**ବାଲୁଗାଁ,୨୧।୩(ସଂଗ୍ରାମ ପାଇକରାୟ)**

ସାରସ୍ୱତ ମଞ୍ଚ ବର୍ଣ୍ଣମାଳା ପକ୍ଷରୁ ବାଲୁଗାଁ ନିକଟ ବଡ଼କୁଳସ୍ଥିତ ଓଡ଼ିଆର୍ଟ ଅନୁଷ୍ଠାନ ପରିସରରେ ଗୁରୁବାର ବିଶ୍ୱ କବିତା ଦିବସ ପାଳିତ ହୋଇଯାଇଛି। ଏହା ଦୁଇଦିନ ଧରି ଅନୁଷ୍ଠିତ ହେବ। ବର୍ଣ୍ଣମାଳାର ନିର୍ଦ୍ଦେଶକ ତଥା କବି ରାଜେନ୍ଦ୍ର କିଶୋର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବିଶ୍ୱ କବିତା ଦିବସରେ ରାଜ୍ୟର ବିଶିଷ୍ଟ କବି ଓ ଲେଖକମାନେ ଯୋଗଦେଇ କବିତା ଓ ସଙ୍ଗୀତ ଉପସ୍ଥାପନା ମାଧ୍ୟମରେ ଓଡ଼ିଆ ଭାଷାର ସ୍ୱତନ୍ତ୍ରତା ତଥା ଓଡ଼ିଆ କବିତାର ଜାତୀୟତାକୁ ପ୍ରତିପାଦିତ କରିଥିଲେ। ଉକ୍ତ ସମାରୋହରେ କବୟିତ୍ରୀ ମମତା ଦାଶ, ଫନୀ ମହାନ୍ତି, ବିପିନ ନାୟକ, ପ୍ରଦୀପ ପଣ୍ଡା, ମନୁଆ ଦାସ, ଅଙ୍ଗୁରବାଳା ପରିଡ଼ା, ଡ. ମିହିର ସାହୁ, ଈପ୍‌ସିତା ଷଡ଼ଙ୍ଗୀ, ଅନୁଗ୍ରହ ପଟ୍ଟନାୟକ, ପ୍ରିୟଦର୍ଶିନୀ ମହାନ୍ତି, ଚିରଶ୍ରୀ ଇନ୍ଦ୍ରସିଂ, ସୁନନ୍ଦା ପ୍ରଧାନ, ପ୍ରବାସିନୀ ହୋତା, ଅମିୟ ରଞ୍ଜନ ମହାପାତ୍ର, ଧନଞ୍ଜୟ ସ୍ୱାଇଁ, ହରିଶ୍ଚନ୍ଦ୍ର ବେହେରା, ରାଜୀବ ପାଣି, ଶଶିଭୂଷଣ ରଥ, ଡ. କୈଳାସ ଚନ୍ଦ୍ର ମହାରଣା, ପ୍ରିୟଦର୍ଶିନୀ ମହାରଣା, ସରୋଜ କୁମାର ମହାପାତ୍ର ପ୍ରମୁଖ ସ୍ୱରଚିତ କବିତା ଆବୃତ୍ତି କରିବା ସହ କବି ମନର କଥା, ଓଡ଼ିଆ ଭାଷା ପାଇଁ ପ୍ରତିବଦ୍ଧତା, ଓଡ଼ିଆ କବିତାର ଭବିଷ୍ୟତ ସମ୍ପର୍କରେ ଆଲୋଚନା କରିଥିଲେ। ରାଜୀବ ପାଣି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଅପହୃତା ନାବାଳିକା ଉଦ୍ଧାର

**ଜଟଣୀ,୨୧।୩(ରବୀନ୍ଦ୍ରନାଥ ମହାକୁଡ଼)**

ଜଟଣୀ ଥାନା ଅଧୀନ ପଞ୍ଚୁପଲ୍ଲୀ ପଞ୍ଚାୟତର ବାଇରଙ୍ଗ ଅଞ୍ଚଳର ଜଣେ ୧୫ ବର୍ଷୀୟା ବାଳିକାଙ୍କୁ ସମ୍ପର୍କୀୟ ପିଉସା ଅପହରଣ କରିଥିବା ନେଇ ଗତ ୧୮ତାରିଖରେ ଅଭିଯୋଗ ହୋଇଥିଲା। ଏନେଇ ପୋଲିସ ତଦନ୍ତ ଚଳାଇବା ସହ ସମ୍ପୃକ୍ତା ନାବାଳିକାଙ୍କୁ ଉଦ୍ଧାର କରି ଗୁରୁବାର ଡାକ୍ତରୀମାଇନା ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲା। ତେବେ ଫେରାର ଥିବା ସମ୍ପର୍କୀୟ ପିଉସାଙ୍କୁ ଖୁବ୍‌ଶୀଘ୍ର ଧରାଯିବ ବୋଲି ଥାନା ଅଧିକାରୀ ସୌମ୍ୟକାନ୍ତ ବଳିୟାରସିଂ ସୂଚନା ଦେଇଛନ୍ତି। ଅଭିଯୋଗ ମୁତାବକ, ଗତ ୧୬ ତାରିଖରେ ନାବାଳିକା ଜଣଙ୍କ ଗ୍ରାମ ନିକଟ ପଡିଆକୁ ଶୌଚ ପାଇଁ ଯାଇଥିଲେ। ଦୀର୍ଘ ସମୟ ପରେ ନାବାଳିକା ଘରକୁ ନ ଫେରିବାରୁ ପରିବାର ଲୋକ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ସମ୍ପର୍କୀୟ ପିଉସା ଅପହରଣ କରିଥିବା ନେଇ ଜାଣିବା ପରେ ତାଙ୍କ ଘରକୁ ଯାଇ ଝିଅ ବିଷୟରେ ପଚାରିଥିଲେ ମଧ୍ୟ ଖାଲି ହାତରେ ଫେରିଥିଲେ। ଏନେଇ ପରିବାର ଲୋକ ଗତ ୧୮ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ଅନୁସନ୍ଧାନ ଚଳାଇଥିବା ବେଳେ ସମ୍ପୃକ୍ତା ନାବାଳିକାଙ୍କୁ ଗ୍ରାମର ଏକ ଗହିରରେ ସମ୍ପର୍କୀୟ ପିଉସା ଛାଡ଼ି ପଳାଇଥିଲେ। ପରେ ଖବରପାଇ ପୋଲିସ ନାବାଳିକା ଜଣଙ୍କୁ ଉଦ୍ଧାର କରି ଅଧିକ ତଦନ୍ତ ଚଳାଇଛି।




କୁହୁଡ଼ି ପଞ୍ଚାୟତଠାରେ ଗୁରୁବାର ଅନୁଷ୍ଠିତ ମାଗଣା ସ୍ୱାସ୍ଥ୍ୟ ଶିବିରରେ ଯୋଗଦେଇଥିବା ଅତିଥି, ଡାକ୍ତର ଏବଂ ଅନ୍ୟମାନେ।

### ଲୋକପ୍ରିୟ ପଞ୍ଚାୟତ ପ୍ରତିନିଧି ଥିଲେ ନିଶାମଣି

**ବେଗୁନିଆ,୨୧।୩(ହର ପ୍ରସନ୍ନ ପଣ୍ଡା)** ବେଗୁନିଆ ବ୍ଲକ ବଡ଼ବେରଣା ପଞ୍ଚାୟତର ପୂର୍ବତନ ମହିଳା ପଞ୍ଚାୟତ ପ୍ରତିନିଧି ନିଶାମଣି ଦେବୀଙ୍କ ପରଲୋକ ହୋଇଯାଇଛି। ତାଙ୍କୁ ୭୭ବର୍ଷ ହୋଇଥିଲା। ୨୦୦୨ରେ ସେ ନିର୍ବାଚିତ ହୋଇ ୨୦୦୭ ମସିହା ପର୍ଯ୍ୟନ୍ତ ପଞ୍ଚାୟତ ପ୍ରତିନିଧିଭାବେ କାର୍ଯ୍ୟଭାର ଗ୍ରହଣ କରିଥିଲେ। ଏଥିସହ ସେ ୩ଥର ୱାର୍ଡ ସଭ୍ୟାଭାବେ ନିର୍ବାଚିତ ହୋଇଥିଲେ। ଗୁରୁବାର ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ନିଶାମଣିଙ୍କ ୪ପୁଅ ବିରଞ୍ଚି ନାରାୟଣ, ସତ୍ୟ ନାରାୟଣ, ରବି ନାରାୟଣ ଓ ସୂର୍ଯ୍ୟ ନାରାୟଣ ଉପସ୍ଥିତ ଥିଲେ। ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁ, ବିଜେଡି ରାଜ୍ୟ ସମ୍ପାଦକ ପ୍ରଦୀପ ସାହୁ, ଭଗବାନ ପଣ୍ଡା, ରାମଚନ୍ଦ୍ର ମହାପାତ୍ର, ପୁରୁଷୋତ୍ତମ ମହାପାତ୍ର, ବିପିନ ବିହାରୀ ମହାପାତ୍ର, ଲିଙ୍ଗରାଜ ପଣ୍ଡା, ଅଖିଳେଶ ମହାପାତ୍ର ଶୋକସନ୍ତପ୍ତ ପରିବାରକୁ ଭେଟି ସମବେଦନା ଜଣାଇଥିଲେ।

### ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

**ଜଟଣୀ,୨୧।୩(ରବୀନ୍ଦ୍ରନାଥ ମହାକୁଡ଼)** ମୁଣ୍ଡଳ ଗ୍ରାମସ୍ଥିତ ମଣିକର୍ଣ୍ଣେକେଶ୍ୱର ଦେବଙ୍କ ପୀଠରେ ଚାଲିଥିବା ପଞ୍ଚଦଶ ବିଶ୍ୱଶାନ୍ତି ମହାଯଜ୍ଞ ଗୁରୁବାର ପୂର୍ଣ୍ଣାହୁତି ସହିତ ଉଦ୍‌ଯାପିତ ହୋଇଯାଇଛି। ଗୁରୁବାର ଅନ୍ତିମ ଦିବସରେ ସୂର୍ଯ୍ୟପୂଜା, ଗୋପୂଜା ସହିତ ବିଭିନ୍ନ ରୀତିନୀତିରେ ପୂଜାର୍ଚ୍ଚନା ପରେ ପୂର୍ଣ୍ଣାହୁତି ହୋଇଥିଲା। ବାଳକୃଷ୍ଣ ମିଶ୍ରଙ୍କ ତତ୍ତ୍ୱାବଧାନରେ ଯଜ୍ଞକାର୍ଯ୍ୟ ସମାପନ ହୋଇଥିଲା। ପଣ୍ଡିତ ସନ୍ତୋଷ ଦାସ ଏବଂ ସାଥୀ ଓ ମନ୍ଦିର ପରିଚାଳନା କମିଟି ସଦସ୍ୟଙ୍କ ସହିତ ମୁଣ୍ଡଳ ଗ୍ରାମବାସୀ ସହଯୋଗ କରିଥିଲେ।

# ବିମାନରେ ବୁଲି ଭୋଗ ଖାଇଲେ ଠାକୁର

**ନିରାକାରପୁର/କୃଷ୍ଣପ୍ରସାଦ,୨୧।୩**
**(ମାନସ ଚନ୍ଦ୍ର ପଟ୍ଟନାୟକ/କୈଳାସ ଚନ୍ଦ୍ର ପଟ୍ଟନାୟକ)**

ଖୋର୍ଦ୍ଧା ଜିଲା ନିରାକାରପୁର ତଥା ଏହାର ଆଖପାଖ ପଞ୍ଚାୟତରେ ଦୋଳ ଉତ୍ସବ ଆରମ୍ଭ ହୋଇଛି। ଡିଆ ଗ୍ରାମର ଶ୍ରୀକପିଳେଶ୍ୱର, ପାଣ୍ଡପାଟଣାର ଶ୍ରୀକପିଳେଶ୍ୱର ଦେବ, ନନପଡ଼ା ସାହିର ମା' ହରଚଣ୍ଡୀଙ୍କ ସମେତ ବିଭିନ୍ନ ଗ୍ରାମର ଇଷ୍ଟ ଦେବଦେବୀ ସୁସଜ୍ଜିତ ବିମାନରେ ବିଜେ କରି ଗାଁ ବୁଲି ଭୋଗ ଖାଇବାର ପରମ୍ପରା ରହିଛି। ଏହି ଉପଲକ୍ଷେ ଗ୍ରାମ କମିଟି ଓ ମନ୍ଦିର କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବିମାନଗୁଡ଼ିକୁ ବିଭିନ୍ନ ରଙ୍ଗବେରଙ୍ଗ ଆଲୋକମାଳାରେ ସଜାଯିବା ସହ ଶ୍ରୀଜୀଉମାନଙ୍କୁ ଗ୍ରାମ ପରିକ୍ରମା କରାଯାଉଛି। ଅଧିବାସୀଙ୍କ ପକ୍ଷରୁ ଲିଆମୁଆଁ, ଉଖୁଡ଼ା, ଖଇ, ଚଣା, ଶାକର, କୋରା ସହିତ ବିଭିନ୍ନ ଫଳମୂଳ ଶ୍ରୀଜୀଉଙ୍କୁ ଭୋଗ ଲାଗି କରାଯାଉଛି।

ସେହିପରି ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ବିଭିନ୍ନ ଗ୍ରାମରେ ଠାକୁରଙ୍କୁ ଫଗୁ ଲାଗି କରାଯିବା ସହ ଦୋଳଯାତ୍ରା ଆରମ୍ଭ ହୋଇଛି। ଗ୍ରାମରେ ଥିବା



ଦୋଳବେଦୀଗୁଡ଼ିକ ସଜେଇ ହୋଇଛି। ଠାକୁର ନୂତନ ବସ୍ତ୍ର ପରିଧାନ କରି ସୁସଜ୍ଜିତ ବିମାନରେ ଗାଁ ଗାଁ ବୁଲି ଘରେ ଘରେ ଭୋଗ ଖାଉଛନ୍ତି। ଏହି ପରିପ୍ରେକ୍ଷୀରେ ପାରିକୁଦ ରାଜା ସାହେବ ସନ୍ତୋଷ ଚନ୍ଦ୍ର ଦେଓଙ୍କ ତତ୍ତ୍ୱାବଧାନରେ ଶତାୟୁ ଚାଚେରୀ ଭୋଗଖିଆ ପର୍ବ ଆରମ୍ଭ ହୋଇଛି। ପରମ୍ପରା ମୁତାବକ ପ୍ରଥମେ ରାଜା ସାହେବଙ୍କ ବାସଭବନରେ ମୁଖ୍ୟ ପିଠାଧୀଶ ନୀଳକଣ୍ଠେଶ୍ୱର ଦେବ ଏବଂ ଦଧିବାମନ ଦେବଙ୍କୁ ଚାଚେରୀ ଭୋଗ ଲାଗି କରାଯାଇଥିଲା। ଗୁରୁବାର ସାମନ୍ତସାହି, ପାଇକସାହି, ଦଳବେହେରା ସାହି, ସାନଅଁଳ, ଇପିଙ୍ଗ, ସନ୍ତୋଷପୁର ଆଦି ଗ୍ରାମ ଠାକୁର ପରିକ୍ରମା କରି ଭୋଗ ଲାଗି ହୋଇଥିଲା। ସେହିପରି ସିଆଣ୍ଡି ଗ୍ରାମର ମୁଖ୍ୟ ପିଠାଧୀଶ ଜଗତେଶ୍ୱର ଦେବ ସୁସଜ୍ଜିତ ବିମାନରେ ପରିକ୍ରମା କରୁଛନ୍ତି। ପାଇକ ଆଖଡ଼ା, ସଂକୀର୍ତ୍ତନ, ଘଣ୍ଟ, କାହାଳୀ ପାଟପଟୁଆରରେ ଗ୍ରାମ ପରିକ୍ରମା କରୁଥିବା ବେଳେ ଫଗୁ ଦଶମୀଠାରୁ ୭ଦିନ ପର୍ଯ୍ୟନ୍ତ ଠାକୁରଙ୍କ ଏହି ନୀତିକାନ୍ତି ଚାଲିବ ବୋଲି ମାଗୁଣି ଚରଣ ବାରିକ, ଜଗନ୍ନାଥ ତରେଇ କହିଛନ୍ତି।

# କେନ୍ଦ୍ରୀୟ ସୁରକ୍ଷା ବାହିନୀର ଫ୍ଲାଗ୍‌ମାର୍ଚ୍ଚ



**କଳାପଥର,୨୧।୩(ଗଙ୍ଗାଧର ସାହୁ)**

ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ବାଙ୍କୀ ଉପଖଣ୍ଡ ପୋଲିସ ଅଧିକାରୀ ବିଜୟ କୃଷ୍ଣ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଗୁରୁବାର କଟକ ଜିଲା ବାଙ୍କୀ ବୈଦେଶ୍ୱର ଥାନା ଅଧୀନରେ ରହିଥିବା ସମ୍ବେଦନଶୀଳ ସ୍ଥାନଗୁଡିକରେ ପୋଲିସ ଓ କେନ୍ଦ୍ରୀୟ ସୁରକ୍ଷା ବାହିନୀ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ ହୋଇଯାଇଛି। ସେହିପରି ଖଜୁରିପଦା ବୈଦେଶ୍ୱରରେ ମଧ୍ୟ ସଶସ୍ତ୍ର ପୋଲିସ ବାହିନୀଙ୍କ ଦ୍ୱାରା ଫ୍ଲାଗ୍ ମାର୍ଚ୍ଚ ହୋଇଥିଲା। ଏହି ଫ୍ଲାଗ୍ ମାର୍ଚ୍ଚ ଗାଁ ଓ ସାହିରେ ବୁଲିଥିଲା। ଏହି ଫ୍ଲାଗ୍‌ମାର୍ଚ୍ଚ ନିର୍ବାଚନ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ବୈଦେଶ୍ୱର ଥାନା ଅଧିକାରୀ ପ୍ରିୟଦର୍ଶନ ସେଠୀ ସୂଚନା ଦେଇଛନ୍ତି।

# ଭାଜପାର ଜନସମ୍ପର୍କ ପଦଯାତ୍ରା

**ଟାଙ୍ଗୀ/ନିରାକାରପୁର,୨୧।୩**
**(ରଘୁନାଥ ସାହୁ/ ମାନସ ଚନ୍ଦ୍ର ପଟ୍ଟନାୟକ)**

ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ ଟାଙ୍ଗୀ ବ୍ଲକ ଅନ୍ତର୍ଗତ ରାମେଶ୍ୱର ପଞ୍ଚାୟତରେ ଭାରତୀୟ ଜନତା ପାର୍ଟି (ଭାଜପା) ପକ୍ଷରୁ ଗାଁକୁ ଚାଲ ଅଭିଯାନ ମାଧ୍ୟମରେ ଏକ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ପଦଯାତ୍ରାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ଲୋକମାନଙ୍କୁ ଅବଗତ କରାଯାଇଥିଲା। ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାଳୁ ଚରଣ ଖଣ୍ଡେଇତରାୟ, ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବ, ବିଧାନସଭା ସଂଯୋଜକ କିଶୋର ଚନ୍ଦ୍ର ବରାଳ, ମଣ୍ଡଳ ସଭାପତି ଆଲୋକ ରଞ୍ଜନ ଛୋଟରାୟ, ନଗର ସାଧାରଣ ସମ୍ପାଦକ ତ୍ରିଲୋଚନ ଦାସ, ଜିତେନ୍ଦ୍ର ବେହେରା, ଗଙ୍ଗାଧର ଚମ୍ପତି, ସୁଚିସ୍ମିତା ମିଶ୍ର ବଡ଼ଜେନା, ରଜତ ଶର୍ମା, ଅନିଲ ପଟ୍ଟନାୟକଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ପଦଯାତ୍ରାରେ ସାମିଲ ହୋଇଥିଲେ।



ଜନସମ୍ପର୍କ ପଦଯାତ୍ରାରେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ଚିଲିକା ବିଧାୟକ ଏବଂ ଅନ୍ୟମାନେ।

# ବାବା ୱାରିୟର୍ସ, ବଦମାସ୍ ଏକାଦଶ ବିଜୟୀ

**ଖୋର୍ଦ୍ଧା,୨୧।୩ (ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ବ୍ଲକ କାଇପଦର ପଞ୍ଚାୟତ ଅନ୍ତର୍ଗତ ମା'ବଘେଇ କ୍ରିକେଟ ଖେଳପଡ଼ିଆରେ ସ୍ୱସ୍ତିକ କ୍ଲବ ଆନୁକୂଲ୍ୟରେ ଚାଲିଥିବା କାଇପଦର ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟରେ ଗୁରୁବାର ଦୁଇଟି ମ୍ୟାଚ୍ ଖେଳାଯାଇଥିଲା। ପ୍ରଥମ ମ୍ୟାଚ୍ ବାବା ୱାରିୟର୍ସ ଓ ମହାକାଳ ମାଇନ୍ସ ଟିମ୍ ମଧ୍ୟରେ ହୋଇଥିଲା। ବାବା ୱାରିୟର୍ସ ଟିମ୍ ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୬ ଉଇକେଟ ବିନିମୟରେ ୧୬୧ରନ ସଂଗ୍ରହ କରିଥିଲା। ଜବାବରେ ମହାକାଳ ମାଇନ୍ସ ଟିମ୍ ୧୫ ଓଭରରେ ୮ ଉଇକେଟ ବିନିମୟରେ ୧୪୮ ରନ ସଂଗ୍ରହ କରିଥିଲା। ଫଳରେ ବାବା ୱାରିୟର୍ସ ଟିମ୍ ବିଜୟୀ ହେବା ସହିତ ସଞ୍ଜୟ ହରିଚନ୍ଦନ ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍ ବଦମାସ୍ ଏକାଦଶ ଓ ମା' ମଙ୍ଗଳା ଏକାଦଶ ଟିମ୍ ମଧ୍ୟରେ ହୋଇଥିଲା। ମା' ମଙ୍ଗଳା ଏକାଦଶ ଟିମ୍ ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୯ ଉଇକେଟ ବିନିମୟରେ




୮୬ ରନ ସଂଗ୍ରହ କରିଥିଲା। ଜବାବରେ ବଦମାସ୍ ଏକାଦଶ ଟିମ୍ ୧୧.୪ ଓଭରରେ ୮୭ ରନ ସଂଗ୍ରହ କରିଥିଲା। ଫଳରେ ବଦମାସ୍ ଏକାଦଶ ବିଜୟୀ ହୋଇଥିଲା। ବିଶ୍ୱଜିତ ପାଲଟାସିଂହ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। କୈଳାସ ଶ୍ରୀଚନ୍ଦନ ଓ ଶ୍ରଦ୍ଧାନନ୍ଦ ପ୍ରଧାନ ମ୍ୟାଚ୍ ପରିଚାଳନା କରିଥିଲେ। ସେହିପରି ସୁଶାନ୍ତ ସୁନ୍ଦରାୟ ଓ ରାଜେଶ ସୁବୁଦ୍ଧି ସ୍କୋରର ଦାୟିତ୍ୱ ତୁଲାଇଥିଲେ। କାଇପଦର ସେବା ସମବାୟ ସମିତିର ସମ୍ପାଦକ ଝଜ ସାମନ୍ତରାୟ, ବିଭୁପ୍ରସାଦ ବଳିୟାରସିଂହ, ନାଏବ ସରପଞ୍ଚ ସୌମ୍ୟରଞ୍ଜନ ସ୍ୱାଇଁ, ଗୋପୀନାଥ ମହାରଥୀ, ମଦନମୋହନ ସ୍ୱାଇଁ, ଜମ୍ବେଶ୍ୱର ମଙ୍ଗରାଜ, ନୃସିଂହ ଶ୍ରୀଚନ୍ଦନ, ତାରାପ୍ରସାଦ ପାଲଟାସିଂହ, ଦିଲୀପ ସିଂ, ପ୍ରଦୀପ ସିଂ, ଶୁଭ ପ୍ରସାଦ ରଣସିଂହ, ବିପ୍ଳବ ଜ୍ୟୋତି ରାଉତରାୟ, ପ୍ରେମଜିତ୍ ରଣସିଂହ, ଆକାଶ ମହାପାତ୍ର, ସୁଶାନ୍ତ ଜୁଝାରସିଂହ, ଈଶ୍ୱର ପାଇକରାୟ, ଦିପୁ ଅରିସଲ ପ୍ରମୁଖ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

# ରାଜା ଇଲେଭେନ୍ ବିଜୟୀ

**ବୋଲଗଡ଼,୨୧।୩(ଦେବବ୍ରତ ହୋତା)**

ସ୍ଥାନୀୟ ପରମାନନ୍ଦ କଲେଜ ନିକଟ ଖେଳପଡ଼ିଆରେ ଚାଲିଥିବା ବୋଲଗଡ଼ ପ୍ରିମିୟର ଲିଗ୍ (ବିପିଏଲ୍)ର ଦଶମ ସଂସ୍କରଣର ଚତୁର୍ଥ ଲିଗ ମ୍ୟାଚ୍ ଦୁଇ ଫ୍ରାଞ୍ଚାଇଜ୍ ଟିମ୍ ରିଅଲ ଫାଇଟର ଓ ରାଜା ଇଲେଭେନ୍ ମଧ୍ୟରେ ହୋଇଥିଲା। ଟସ୍ ଜିତି ରାଜା ଇଲେଭେନ୍ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୬ ଉଇକେଟ ବିନିମୟରେ ୭୮ ରନ ସଂଗ୍ରହ କରିଥିଲା। ଜବାବରେ ରିଅଲ ଫାଇଟର ଟିମ୍ ୧୦ ଓଭରରେ ୯ ଉଇକେଟ ବିନିମୟରେ ୯୨ରନ କରି ପରାଜିତ ହୋଇଥିଲା। ଫଳରେ ମ୍ୟାଚ ଜିତି ରାଜା ଇଲେଭେନ୍ ଟିମ୍ ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଛି। ପ୍ରଦୀପ ନାୟକ ଓ ବଣ୍ଟି ପଲେଇ ମ୍ୟାଚ ପରିଚାଳନା କରିଥିଲେ। ବିଜୟୀ ଟିମ୍‌ର କାଳୁ ମ୍ୟାନ୍ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ବିପିଏଲ୍ ପରିଚାଳନା କମିଟି ସଦସ୍ୟ ଗୁଡ୍ଡୁ, ମୋହିତ, ସାଗର, କାଳିଆ, ପିଣ୍ଟୁ, ହାପି, ସ୍ନେହାଂଶୁ, ଚାମ୍ପା ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।



ମ୍ୟାଚ୍ ଆରମ୍ଭ ପୂର୍ବରୁ ଖେଳାଳିମାନେ।

# ତଦନ୍ତ ବେଳେ କର୍ମଚାରୀ ଦୋଷ ଲଦାଲଦି

## ଜେଲ୍‌ରେ ଡିଆଇଜି ର୍‍ୟାଙ୍କ୍‌ର ଅଧିକାରୀଙ୍କ ଖୋଳତାଡ଼

**ଭୁବନେଶ୍ୱର,୨୧ା୩ (ସୂର୍ଯ୍ୟକାନ୍ତ ବେହେରା)**

## ଝାରପଡ଼ା ଜେଲକୁ କେମିତି ଗଲା ଗଞ୍ଜେଇ, ମାଦକଦ୍ରବ୍ୟ






ଭୁବନେଶ୍ୱରସ୍ଥିତ ଝାରପଡ଼ା ଜେଲ ପରିସରକୁ ବେଆଇନ ଭାବେ ନିଶାଦ୍ରବ୍ୟ ଯିବା ଓ କଏଦୀଙ୍କ ମଧ୍ୟରେ ମାରପିଟ ଘଟଣାର ବିଭାଗୀୟ ତଦନ୍ତ ଚାଲିଛି। ଗୁରୁବାର ଡିଆଇଜି ର୍‍ୟାଙ୍କ୍‌ର ଜଣେ ଅଧିକାରୀ ଜେଲ୍‌ରେ ପହଞ୍ଚି ପଚରାଉଚରା କରିବା ସହ ସିସିଟିଭି ଓ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଥିବା ଜଣାପଡିଛି। ତେବେ ସୁରକ୍ଷା ବଳୟରେ ଥିବା ରାଜ୍ୟର ଏହି ପ୍ରମୁଖ ଜେଲ୍ ଭିତରକୁ ଗଞ୍ଜେଇ, ଚିଲମ, ବିଡ଼ି, ସିଗାରେଟ ଆଦି ସାମଗ୍ରୀ କେମିତି ଗଲା ଓ ଏହାକୁ କେବଳ କଏଦୀ ନା ଆଉ କିଏ ବ୍ୟବହାର କରୁଥିଲେ, ପୁଣି ଦାୟିତ୍ୱରେ ରହୁଥିବା ଅଧିକାରୀ ଓ କର୍ମଚାରୀମାନେ କେମିତି ଜାଣିପାରୁ ନ ଥିଲେ, ତାହାକୁ ନେଇ ଏକାଧିକ ପ୍ରଶ୍ନ ଉଙ୍କିମାରୁଛି। ଧରାପଡିବା ଭୟରେ କଏଦୀଙ୍କ ସହ ସମ୍ପର୍କରେ ଥିବା କର୍ମଚାରୀଙ୍କର ଛାତି ଧଡ଼ଧଡ଼ ହେବାରେ ଲାଗିଛି। ତଦନ୍ତ ଅଧିକାରୀମାନେ ପଚରାଉଚରାବେଳେ କର୍ମଚାରୀମାନେ ପରସ୍ପରକୁ ଦୋଷ ଲଦାଲଦି ହେଉଥିବା ସୂଚନା ମିଳିଛି। ଘଟଣାର ତଦନ୍ତ ସମ୍ପର୍କିତ ରିପୋର୍ଟ ଗୃହ ବିଭାଗକୁ ପଠାଯିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତେବେ ତଦନ୍ତ ସରିବା ପରେ ଜେଲ ବିଭାଗ ସମ୍ପୃକ୍ତ କର୍ମଚାରୀଙ୍କୁ ସର୍ବସମ୍ମୁଖକୁ ଆଣି କାର୍ଯ୍ୟାନୁଷ୍ଠାନ ନେବ ନା ପୂର୍ବଭଳି ତଦନ୍ତ ନାଁରେ ସମୟ ଗଡ଼ାଇ ଘଟଣାକୁ ଚପାଇ ଦେବ ତାହାକୁ ନେଇ ଏବେ ନାନା ଚର୍ଚ୍ଚା ଚାଲିଛି। ଅନ୍ୟପକ୍ଷରେ ତଦନ୍ତ ସମୟରେ ଏହି ଜେଲରେ ରହିଥିବା ବଡ଼ ସମସ୍ୟା ସାମ୍ନାକୁ ଆସିଛି। କ୍ଷମତାଠାରୁ ଅଧିକ ସଂଖ୍ୟକ କଏଦୀ ରହୁଥିବାରୁ ସେମାନଙ୍କୁ ପରିଚାଳନା କରିବା କଷ୍ଟକର ହୋଇପଡୁଛି। ଅଧିକ ଚାପ ବାହାନାରେ ମଧ୍ୟ କର୍ମଚାରୀମାନେ ଠିକ୍ ଭାବେ ଦାୟିତ୍ୱ ତୁଲାଉ ନ ଥିବା ଅଭିଯୋଗ ଉଠୁଛି। କେତେଜଣ କର୍ମଚାରୀ ଜେଲ୍‌ରେ ରାଜ୍ କରୁଥିବା ଅପରାଧୀ ଗୋଷ୍ଠୀ ସହ ରହି ସେମାନଙ୍କୁ ଭିତିରି ସହଯୋଗ କରୁଛନ୍ତି। ଅପରାଧୀ-ଜେଲ୍ କର୍ମଚାରୀଙ୍କ ମଧୁଚନ୍ଦ୍ରିକାକୁ ଧରିବା ତଦନ୍ତକାରୀ ଅଧିକାରୀଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ ହେବ। ଏହି ସମ୍ବେଦନଶୀଳ ଘଟଣାକୁ ଗୁରୁତ୍ୱର ସହ ନେଇ ତଦନ୍ତ କରିବା ସହ ଦୃଢ଼ ପଦକ୍ଷେପ ନିଆଗଲେ ଜେଲ୍‌ରେ ବେଆଇନ କାର୍ଯ୍ୟକଳାପ ରୋକାଯାଇପାରିବ ବୋଲି ମତପ୍ରକାଶ ପାଇଛି। ଅପରପକ୍ଷେ ପ୍ରତି ରବିବାର ପୋଲିସ ଦ୍ୱାରା କରାଯିବାକୁ ଥିବା ଜେଲ ପରେଡ ମଧ୍ୟ ନିୟମିତ ଭାବେ ହେଉନାହିଁ। ଜେଲ କର୍ମଚାରୀ ଏବଂ ପୋଲିସର ଦୃଢ କାର୍ଯ୍ୟାନୁଷ୍ଠାନ ଅଭାବରୁ ଜେଲ୍ ଭିତରେ ନିଶା କାରବାର ସହ ମାଦକ ଦ୍ରବ୍ୟର ଅବାଧ ପ୍ରବେଶ ଚିନ୍ତାର କାରଣ ପାଲଟିଛି।

## ବିଚାରାଧୀନ କଏଦୀଙ୍କୁ ସ୍ଥାନାନ୍ତର ଯୋଜନା

**କ୍ଷମତା ୯୯୧, ରହିଛନ୍ତି ୧୩୯୫ କଏଦୀ**

ଝାରପଡ଼ା ଜେଲ୍‌ରେ ୯୯୧ ଅନ୍ତେବାସୀଙ୍କ ପାଇଁ ସୁବିଧା ରହିଥିବାବେଳେ ବର୍ତ୍ତମାନ ୧୩୯୫ ଜଣ କଏଦୀ ରହିଥିବା ସୂଚନା ମିଳିଛି। ଏମାନଙ୍କ ମଧ୍ୟରୁ ପ୍ରାୟ ୧୦୦ଜଣ ଦୋଷୀ ସାବ୍ୟସ୍ତ କଏଦୀ ରହିଛନ୍ତି। ଅପରପକ୍ଷେ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଜାମିନବିହୀନ ୱାରେଣ୍ଟ(ଏନ୍‌ବିଡବ୍ଲ୍ୟୁ) କାର୍ଯ୍ୟକାରୀ କରିବା ତଥା ଅଭ୍ୟାସଗତ ଅପରାଧୀଙ୍କୁ ଗିରଫ କରିବା ପାଇଁ ପୋଲିସ ଉଦ୍ୟମ ଆରମ୍ଭ କରିଥିବାରୁ ଜେଲରେ ଅନ୍ତେବାସୀଙ୍କ ସଂଖ୍ୟା ବୃଦ୍ଧି ପାଇବ ଏବଂ ଅତ୍ୟଧିକ ଭିଡ଼ ଜେଲ ପ୍ରଶାସନ ତଥା ଅନ୍ତେବାସୀଙ୍କ ସୁରକ୍ଷା କ୍ଷେତ୍ରରେ ଅଧିକ ସମସ୍ୟା ସୃଷ୍ଟି କରିବ। ଏପରି କି କଏଦୀଙ୍କ ସ୍ୱାସ୍ଥ୍ୟସେବା, ଖାଦ୍ୟ ଏବଂ ରହିବା ଭଳି ମୌଳିକ ଆବଶ୍ୟକତା ପୂରଣ କରିବାରେ ମଧ୍ୟ ବାଧା ଉପୁଜିବ ବୋଲି ଆଶଙ୍କା କରାଯାଉଛି। ତେଣୁ ଏହି ସମସ୍ୟା ଦୂର କରିବାକୁ ସହର ବାହାରେ ତଥା ଜାମୁଝରିରେ ଏକ ନୂତନ ମଡେଲ ଜେଲ ନିର୍ମାଣ କରାଯାଉଛି, ଯେଉଁଠାରେ ପ୍ରାୟ ୨୫୦୦ କଏଦୀଙ୍କ ପାଇଁ ରହିବାର ବ୍ୟବସ୍ଥା ରହିଛି। ତେବେ ଏହା କାର୍ଯ୍ୟକ୍ଷମ ହେବାକୁ ଆଉ କିଛିବର୍ଷ ଲାଗିପାରେ ବୋଲି ଡିସିପି ପ୍ରତୀକ ସିଂଙ୍କ ସହ ଅନ୍ୟ ବରିଷ୍ଠ ଅଧିକାରୀମାନେ କହିଛନ୍ତି। ତେଣୁ ଝାରପଡ଼ା ଜେଲ୍‌ର ସମସ୍ତ ଅନ୍ତେବାସୀଙ୍କ ସୁରକ୍ଷା ଏବଂ ନିରାପତ୍ତାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର କମିଶନରେଟ ପୋଲିସ ପକ୍ଷରୁ କେତେଜଣ ଅଣ୍ଡର ଟ୍ରାଏଲ (ବିଚାରାଧୀନ) କଏଦୀଙ୍କୁ ଅନ୍ୟ ଜେଲକୁ ସ୍ଥାନାନ୍ତର କରିବାକୁ ଜେଲ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରାଯାଇଥିଲା। ଏଥିପାଇଁ ଜେଲ୍ କର୍ତ୍ତୃପକ୍ଷ କୋର୍ଟଙ୍କୁ ଅନୁମତି ମାଗିଥିବା ସୂଚନା ଦିଆଯାଇଛି।

# ଖୋର୍ଦ୍ଧା କାରାଗାରରେ ଜେଲ ଡିଆଇଜିଙ୍କ ତଦନ୍ତ

**ଜେଲରେ କଏଦୀଙ୍କୁ ସଂଘବଦ୍ଧ ଆକ୍ରମଣ ଘଟଣା**

- ବ୍ୟକ୍ତିଗତ ଜେରା କଲେ, କାରଣ ପଚାରିଲେ
- ସ୍ଥାନାନ୍ତର ହେବେ ଦୁର୍ଦ୍ଧାନ୍ତ ଅପରାଧୀ




ଖୋର୍ଦ୍ଧା,୨୧ା୩(ପ୍ରଭାତ ପାଣିଗ୍ରାହୀ): ଖୋର୍ଦ୍ଧା ଜିଲା କାରାଗାରରେ ଜଣେ କଏଦୀଙ୍କୁ ସଂଘବଦ୍ଧ ଆକ୍ରମଣ ଘଟଣାରେ ଜେଲ ଡିଆଇଜି ଅନସୂୟା ଜେନା ଓ ବ୍ରହ୍ମପୁର ଜେଲ ବରିଷ୍ଠ ଅଧୀକ୍ଷକ ଧୀରେନ୍ଦ୍ରନାଥ ବାରିକ ଗୁରୁବାର ତଦନ୍ତ କରିଛନ୍ତି। ଅପରାହ୍ନ ୨ଟାରୁ ୫ଟା ପର୍ଯ୍ୟନ୍ତ ଉକ୍ତ ଘଟଣାର ତଦନ୍ତ କରିବା ସହ ଜେଲର ଅନ୍ୟାନ୍ୟ ସମସ୍ୟା ଓ ବିଭିନ୍ନ ପ୍ରସଙ୍ଗ ଉପରେ ଜେଲ ଅଧୀକ୍ଷକ କୃଷ୍ଣଚନ୍ଦ୍ର ରାଉତଙ୍କ ସହ ଆଲୋଚନା କରିଥିଲେ। ସମ୍ପୃକ୍ତ କଏଦୀଙ୍କୁ ଆକ୍ରମଣ ବେଳେ ଜେଲ କର୍ମଚାରୀ କେଉଁଠି ଥିଲେ, ଆକ୍ରମଣର କାରଣ କ'ଣ ରହିଥିଲା, ତାହାର ଖୋଳତାଡ଼ କରିଛନ୍ତି। ସମସ୍ତ ଆକ୍ରମଣକାରୀଙ୍କ ସହ ବ୍ୟକ୍ତିଗତ ଜେରା କରିଥିଲେ। ଆକ୍ରମଣ ପଛର କାରଣ, ଜେଲ ଭିତରକୁ କିପରି ମୋବାଇଲ ଆସୁଛି, ତାହାର ମଧ୍ୟ ଖୋଳତାଡ଼ କରିଛନ୍ତି। କୌଣସି କଏଦୀଙ୍କ ସହ ଜେଲ କର୍ମଚାରୀଙ୍କ ସମ୍ପୃକ୍ତି ପ୍ରମାଣିତ ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି। ଜେଲରେ ରହିଥିବା ୧୦ରୁ ଊର୍ଦ୍ଧ୍ୱ ଦୁର୍ଦ୍ଧାନ୍ତ ଅପରାଧୀଙ୍କୁ ଅନ୍ୟ ଜେଲକୁ ସ୍ଥାନାନ୍ତର ନେଇ ଜେଲ ଅଧୀକ୍ଷକ ପୂର୍ବରୁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖିଥିଲେ। ଏହି ଦୁର୍ଦ୍ଧାନ୍ତ ଅପରାଧୀମାନେ ଜେଲ ଭିତରେ କଏଦୀଙ୍କୁ ଧମକ ଦେଉଥିବା ବେଳେ ଜେଲ ଅଧୀକ୍ଷକଙ୍କୁ ମଧ୍ୟ ହତ୍ୟା ଧମକ ଦେଉଥିବା ନେଇ ଚର୍ଚ୍ଚା ଜୋର ଧରିଛି। ଡିଆଇଜି ଜେନା ଏହାର ସମୀକ୍ଷା କରିଥିବା ବେଳେ ଖୁବ୍‌ଶୀଘ୍ର ଦୁର୍ଦ୍ଧାନ୍ତ ଅପରାଧୀଙ୍କୁ ସ୍ଥାନାନ୍ତର କରାଯାଇପାରେ ବୋଲି ସୂଚନା ମିଳିଛି।

ପ୍ରକାଶ ଯେ, ଗତ ଫେବୃଆରୀ ୯ରେ ଜେଲ ଅଧୀକ୍ଷକ ରାଉତ ଜେଲ ଭିତରୁ ମୋବାଇଲ ଜବତ କରିଥିଲେ। ଏହାର ଲିଙ୍କ୍‌କୁ ଆଧାର କରି ଖୋର୍ଦ୍ଧା ପୋଲିସ ସେହି ମାସ ୨୦ତାରିଖରେ ଗୁରୁଜଙ୍ଗ ମେଳଣ ପଡିଆରୁ ୨୬୨ ଗ୍ରାମ ବ୍ରାଉନସୁଗାର ଜବତ କରିଥିଲା। ଜଣେ ମହିଳାଙ୍କ ସମେତ ୬ଜଣଙ୍କୁ ଗିରଫ କରିଥିଲା। ପରେ ୪ଜଣଙ୍କୁ ରିମାଣ୍ଡରେ ଆଣି ପଚରାଉଚୁରା କରିଥିଲା। ସେମାନଙ୍କଠାରୁ ମିଳିଥିବା ତଥ୍ୟ ଆଧାରରେ ଜେଲ ଭିତରୁ ୭ଟି ମୋବାଇଲ ଜବତ କରିଥିଲା। ଜବତ ମୋବାଇଲ ଘଟଣାରେ ପୋଲିସକୁ ସୂଚନା ଦେଉଥିବା ସନ୍ଦେହରେ ଗତ ୧୬ତାରିଖରେ ଜେଲ ଭିତରେ କଏଦୀ ପ୍ରକାଶ ନାୟକ ଓରଫ ମୁନାଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରାଯାଇଥିଲା। ପ୍ରକାଶଙ୍କ ଲିଖିତ ଅଭିଯୋଗ ଉପରେ ଜେଲ ଅଧୀକ୍ଷକ ରାଉତ ଟାଉନ ଥାନାରେ ରିପୋର୍ଟ କରିଥିଲେ। ପୋଲିସ ଦଫା ୩୪୧, ୩୨୩, ୨୯୪, ୫୦୬, ୩୪ ଆଇପିସିରେ ମାମଲା ନଂ.୧୦୧/୨୪ରେ ବଳରାମ ରାଉତରାୟ ଓରଫ ଗୋଡା ବଳିଆ, ଆଶିଷ ପ୍ରଧାନ ଓରଫ କୁଣ୍ଟୁ, ରାକେଶ ସାମନ୍ତରାୟ ଓରଫ ରାକା, ଗଗନ ନାୟକ, ରାଜା ବେହେରା, ବିଶ୍ୱେଶ୍ୱର ଷଡ଼ଙ୍ଗୀ ଓ ପ୍ରିୟବ୍ରତ ଦାସ ଏବଂ ଅନ୍ୟମାନଙ୍କ ନାମରେ ମାମଲା ରୁଜୁ କରିଛି। ଗତ ସୋମବାର ସଦର ଏସ୍‌ଡିପିଓ ଦିଲୀପ ଦାସ, ଟାଉନ ଥାନାଧିକାରୀ ସଞ୍ଜୟ ନାୟକ ପ୍ରମୁଖ ଜେଲରେ ପହଞ୍ଚି ଘଟଣାର ତଦନ୍ତ କରିଥିଲେ। ପ୍ରକାଶ ଯେ, ଜେଲ ପରିସରରେ ୨୯୦ରୁ ଊର୍ଦ୍ଧ୍ୱ କଏଦୀ ରହୁଥିବା ବେଳେ ସେଥିରୁ ୯୫ଜଣ ବ୍ରାଉନସୁଗାର ଏବଂ ୧୫ରୁ ଊର୍ଦ୍ଧ୍ୱ ହତ୍ୟାକାଣ୍ଡରେ ସମ୍ପୃକ୍ତ ଅପରାଧୀ ରହିଛନ୍ତି।



ନାଟ୍ୟାନୁଷ୍ଠାନ ଉତ୍ତରପୁରୁଷ ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ନାଟକ ଉତ୍ସବର ଗୁରୁବାର ଦ୍ୱିତୀୟ ସନ୍ଧ୍ୟାରେ ପରିବେଷିତ ନାଟକ 'ଯାହା କହି ହୁଏନା'ର ଏକ ଦୃଶ୍ୟ।

# ଆର୍ଥିକ ଅନଟନରେ 'ଯାହା କହି ହୁଏନା'

## ଇଂ. ରମେଶ ମହାନ୍ତିଙ୍କୁ ଉତ୍ତର ପୁରୁଷ ସମ୍ମାନ-୨୦୨୪

**ଭୁବନେଶ୍ୱର,୨୧ା୩(ଶର୍ମିଷ୍ଠା ପାଣିଗ୍ରାହୀ)**

ଗରିବଙ୍କ ଆର୍ଥିକ ଉନ୍ନତି ପାଇଁ ଅନେକ ଯୋଜନା ହୁଏ, ମାତ୍ର ବାସ୍ତବ କ୍ଷେତ୍ରରେ ସେମାନଙ୍କ ପାଖରେ ପହଞ୍ଚିପାରେ ନାହିଁ। ଫଳରେ ଆଜି ବି ରୋଜଗାର ଆଶାରେ ସେମାନଙ୍କର ଗଣପଳାୟନ ଜାରି ରହିଛି। ଆର୍ଥିକ ଅନଟନ ଓ ଦାଦନ ଦଲାଲଙ୍କ ପ୍ରଲୋଭନର ଶିକାର ହୋଇ ଅନେକ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ଠିକାଦାର ଶୋଷଣ କରୁଛି, ଶ୍ରମ ବଦଳରେ ପ୍ରକୃତ ପାରିଶ୍ରମିକ ଦେଉନି। ଝିଅକୁ ବାହା ଦେଇ ପାରୁନି ବାପା। ଝିଅ ବାହାଘରର ସ୍ୱପ୍ନ ଦେଖିଥିବା ବାପା ଝିଅକୁ ବନ୍ଧକ ରଖୁଛି ଠିକାଦାର ପାଖରେ। ଜୀବନ ସାରା ଖଟିଲେ ମଧ୍ୟ ଠିକାଦାର ନିକଟରୁ ଝିଅକୁ ମୁକୁଳେଇ ପାରୁନି। ରୁକ୍ଷ ବାସ୍ତବତା ଓ ଅର୍ଥ ରୋଜଗାରର ସ୍ୱପ୍ନ ମଧ୍ୟରେ କ'ଣ କରେ ବାପା ? କେମିତି ଠିକାଦାରର ଘୃଣ୍ୟ ନଜରରୁ ଝିଅକୁ ମୁକୁଳାଇବ। ଏଭଳି କିଛି କାହାଣୀକୁ ନେଇ ନାଟକ 'ଯାହା କହି ହୁଏନା' ମଞ୍ଚସ୍ଥ ହୋଇଯାଇଛି। ଗୁରୁବାର ରବୀନ୍ଦ୍ର ମଣ୍ଡପରେ ଉତ୍ତରପୁରୁଷ ପକ୍ଷରୁ ଆୟୋଜିତ ନାଟକ ଉତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ମଞ୍ଚସ୍ଥ ଏହି ନାଟକର ରଚନା ଅଧ୍ୟାପକ ଡ. ନାରାୟଣ ସାହୁ କରିଥିବା ବେଳେ ଡ ପ୍ରସନ୍ନ କୁମାର ମିଶ୍ର ନିର୍ଦ୍ଦେଶନା ଦେଇଛନ୍ତି। ଏହି ଅବସରରେ ଇଂ. ରମେଶ ମହାନ୍ତିଙ୍କୁ ଉତ୍ତର ପୁରୁଷ ସମ୍ମାନ-୨୦୨୪ ପ୍ରଦାନ କରାଯାଇଛି। ଅତିଥି ଭାବେ ଅଧ୍ୟାପକ ଡ ନାରାୟଣ ସାହୁ, ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ ରଥ, ନାଟ୍ୟ ସଂସ୍ଥାର ଉପସଭାପତି ଚିତ୍ତରଞ୍ଜନ ସ୍ୱାଇଁ, ସଭାପତି ଡ ପ୍ରସନ୍ନ କୁମାର ମିଶ୍ର ଯୋଗଦେଇଥିଲେ।

## ନନ୍ଦନକାନନରେ ଶମ୍ବର ମୃତ

ବାରଙ୍ଗ,୨୧ା୩(ଲିଙ୍ଗରାଜ ରାଉତ): ପ୍ରାଣୀଉଦ୍ୟାନ ନନ୍ଦନକାନନର ତୃଣଭୋଜି ସଫାରିରେ ରହୁଥିବା ଗୋଟିଏ ଅଣ୍ଡିରା ଶମ୍ବରର ଗୁରୁବାର ମୃତ୍ୟୁ ହୋଇଛି। ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ି ନ ଥିବାବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଜଣାପଡ଼ିବ ବୋଲି ସୂଚନା ମିଳିଛି। ତେବେ ଶମ୍ବରଟି କିଛିଦିନ ହେବ ଠିକ୍ ଭାବେ ଖିଆପିଆ କରୁ ନ ଥିବାବେଳେ ଗୋଟିଏ ଜାଗାରେ ପଡ଼ି ରହିଥିଲା। ସଫାରିରେ ନିୟୋଜିତ ଥିବା କର୍ମଚାରୀ ଏନେଇ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ପ୍ରାଣୀଉଦ୍ୟାନରେ ଥିବା ପ୍ରାଣୀ ଚିକିତ୍ସକ ଶମ୍ବରଟିର ଚିକିତ୍ସା କରିଥିଲେ। ଶମ୍ବରଟି ଗୁରୁବାର ସଫାରିରେ ମରି ପଡ଼ିଥିବାର କର୍ମଚାରୀ ଦେଖିଥିଲେ। ଏହି ଶମ୍ବରର ମୃତ୍ୟୁ ପରେ ଏମାନଙ୍କ ସଂଖ୍ୟା ୧୦କୁ ହ୍ରାସ ପାଇଥିବା ସୂଚନା ମିଳିଛି।

# ମହମବତି ଆଲୁଅରେ ପରୀକ୍ଷା ଦେଲେ ଛାତ୍ରୀଛାତ୍ର

**ପୁରୀ,୨୧ା୩(ଅଜିତ୍ ମହାନ୍ତି)**

ପୁରୀ ସଦର ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ପିଲାମାନେ ଅନ୍ଧାରରେ ପରୀକ୍ଷା ଦେଇଛନ୍ତି। ବିଦ୍ୟୁତ୍ ନ ଥିବାରୁ ମହମବତି ଆଲୁଅରେ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ଅଘୋଷିତ ବିଦ୍ୟୁତ୍ କାଟ ଯୋଗୁ ଏଭଳି ସ୍ଥିତି ଉପୁଜିଥିଲା। ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ କାଟ ଯୋଗୁ ସଦର ବ୍ଲକର ଅଧିକାଂଶ ବିଦ୍ୟାଳୟରେ ଏଭଳି ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ପୁରୀ ସଦର ଅଞ୍ଚଳରେ ମଙ୍ଗଳବାର ରାତିରୁ ବିଦ୍ୟୁତ୍ କାଟ ହେବାସହ ସକାଳ ପର୍ଯ୍ୟନ୍ତ ବିଦ୍ୟୁତ ସଂଯୋଗ ହୋଇ ନ ଥିଲା। କୋହଲା ପାଗ ଯୋଗୁ ଶ୍ରେଣୀ ଗୃହରେ ଅନ୍ଧାର ଛାଇ ରହିଥିଲା। ଫଳରେ ଡିବିରି ଓ ମହମବତି ଆଲୁଅରେ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ତେବେ ଏହି ଘଟଣା ନଜରକୁ ଆସିବା ପରେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସରକାର ସ୍କୁଲ୍‌ଗୁଡ଼ିକର ଉନ୍ନତୀକରଣ ଦିଗରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ ବିଦ୍ୟାଳୟରେ ଏଭଳି ଅବ୍ୟବସ୍ଥାକୁ ସାଧାରଣରେ ନିନ୍ଦା କରାଯାଉଛି।

ସୂଚନାଯୋଗ୍ୟ, ବୁଧବାର କୋହଲା ପାଗ ଯୋଗୁଁ ଶ୍ରେଣୀ ଗୃହରେ ଅନ୍ଧାର ଛାଇ ରହିଥିଲା। ବିଦ୍ୟୁତ୍ କାଟ ହୋଇଥିବାରୁ ଛାତ୍ରୀଛାତ୍ର ମହମବତି ଆଲୁଅର ସାହାରା ନେଇଥିଲେ। ତୃତୀୟରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନେ ସକାଳ ୭ଟାରୁ ୯ ଟା ପ୍ରଥମ ସିଟିଂରେ ଇଂରାଜୀ ଓ ୯ଟା ଠାରୁ ପୂର୍ବାହ୍ନ ସାଢ଼େ ୧୧ଟା ପର୍ଯ୍ୟନ୍ତ ଷଷ୍ଠ ରୁ ଅଷ୍ଟମ ଶ୍ରେଣୀ ପିଲା ସଂସ୍କୃତ ପରୀକ୍ଷା ଦେଇଥିଲେ। ସ୍କୁଲଗୁଡ଼ିକର ରୂପାନ୍ତରୀକରଣ କରାଯାଇ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିବାବେଳେ ଏଭଳି ଅବ୍ୟବସ୍ଥା କାହା ପାଇଁ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ପ୍ରାଥମିକ ବିଦ୍ୟାଳୟର ଉନ୍ନତି ପାଇଁ ଆମ ସ୍କୁଲ ଅଭିଯାନରେ କୋଟିକୋଟି ଟଙ୍କା ଆସୁଥିବାବେଳେ ସ୍କୁଲଗୁଡ଼ିକରେ ଇନଭର୍ଟର ନ ରହିବା ଦୁଃଖଦାୟକ ବୋଲି ଅଭିଭାବକମାନେ ମତ ପ୍ରକାଶ କରିଛନ୍ତି। ତେବେ ଏହି ଘଟଣାକୁ ନେଇ ପୁରୀ ଜିଲା ଶିକ୍ଷା ଅଧିକାରୀ ଦୀପକ ପରହି କହିଛନ୍ତି, ଏହା ଅତି ସାଧାରଣ ଘଟଣା। ବର୍ଷା ଯୋଗୁଁ ଲାଇନ କଟିଥିଲା। ଏନେଇ ବିଇଓଙ୍କ ସହ ଆଲୋଚନା କରାଯାଇଛି। ତେବେ ଆମ ସ୍କୁଲ ଅଭିଯାନରେ ଆସୁଥିବା ଆର୍ଥିକ ଅନୁଦାନରେ ଆଗାମୀ ଦିନରେ ବିଦ୍ୟୁତ୍ ସମସ୍ୟାର ନିରାକରଣ ପାଇଁ ଇନଭର୍ଟର ବ୍ୟବସ୍ଥା କରାଯିବ ବୋଲି ଶିକ୍ଷାଧିକାରୀ କହିଛନ୍ତି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅର୍ଚ୍ଚନା



@ କାହ୍ନା



@ ଋତୁପର୍ଣ୍ଣା



@ ଶ୍ୟାମସୁନ୍ଦର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ମହିଳାଙ୍କ ସୁରକ୍ଷାକୁ ନଜର ରଖିବ 'ଆଣ୍ଟି ଏଭ ଟିଜିଂ ସ୍କ୍ୱାଡ୍'

**ଭୁବନେଶ୍ୱର,୨୧ା୩ (ସୂର୍ଯ୍ୟକାନ୍ତ ବେହେରା)**

ସେଫ ସିଟି ଡ୍ରାଇଭ ଭଳି ଏଥର ସାଦା ପୋଷାକରେ ବୁଲିବେ ଆଣ୍ଟି ଏଭ୍ ଟିଜିଂ ସ୍କ୍ୱାଡ୍। ଏନେଇ କମିଶନରେଟ ପୋଲିସ ଅଫିସରେ ଏହି ଟିମ୍ ମେମ୍ବରଙ୍କୁ ତାଲିମ ଦିଆଯାଇଛି। ଜଣେ ଏସିପିଙ୍କ ନେତୃତ୍ୱରେ ଜଣେ ଆଇଆଇସି, ଦୁଇଜଣ ଏସ୍‌ଆଇ ଓ ୧୦ରୁ ଅଧିକ ମହିଳା କନ୍‌ଷ୍ଟେବଲଙ୍କୁ ନେଇ ଗଠନ ହୋଇଛି ଏହି ସ୍ୱତନ୍ତ୍ର ଟିମ୍। ଏହି ଟିମ୍ ବିଶେଷକରି ମହିଳା କଲେଜ, ବିଶ୍ୱବିଦ୍ୟାଳୟ, ମାର୍କେଟ ଏରିଆ, ବିଭିନ୍ନ ଶପିଂମଲ୍ ଭଳି ଜନଗହଳିପୂର୍ଣ୍ଣ ସ୍ଥାନରେ ସାଦା ପୋଷାକରେ ବୁଲାବୁଲି କରି ମହିଳାଙ୍କ ସୁରକ୍ଷା ଦିଗରେ କାମ କରିବେ। ଯାହାଫଳରେ କିଛି ଅସାମାଜିକ ଯୁବକଙ୍କ ରୋମିଓଗିରି ବନ୍ଦ ହେବ। ଏନେଇ ପୋଲିସ କମିଶନର ସଞ୍ଜୀବ ପଣ୍ଡା କହିଛନ୍ତି, ପ୍ରଥମେ ଟିମ୍ ଏନେଇ କାମ କରନ୍ତୁ ପରେ ଏହାର ସଫଳତା ଦେଖିବା। ତେବେ ପୂର୍ବରୁ ୨୦୧୯ରେ ତତ୍କାଳୀନ ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ଏହିଭଳି ଟିମ୍ ଗଠନ କରିଥିବାବେଳେ ଏହାକୁ ନୂଆ ରୂପରେ କାର୍ଯ୍ୟକ୍ଷମ ପାଇଁ ପ୍ରୟାସ କରାଯାଉଛି। ସେହିଭଳି ଏହି ଟିମ୍ ବିଭିନ୍ନ ଲେଡିଜ ହଷ୍ଟେଲ, ଏନଜିଓ, କର୍ପୋରେଟ ହାଉସ ଭଳି ସଂସ୍ଥାର ମେମ୍ବରଙ୍କ ସହ ଯୋଗାଯୋଗରେ ରହିବେ ବୋଲି ସୂଚନା ମିଳିଛି।

